RNI REG. NO. ODIODI/2015/62237 • POSTAL REGD. NO.BN/258/18-20
12 PAGES • ₹ 6/-

# ନିତିଦିନ NITIDIN

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
12 MARCH 2025
ବୁଧବାର
୧୨ ମାର୍ଚ୍ଚ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 293 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ • ସଂଖ୍ୟା ୨୯୩ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

# ଗୃହରେ ହଙ୍ଗାମା, ବାହାରେ ଧାରଣା

**ଭୁବନେଶ୍ୱର, ୧୧।୩/ଏନ୍ଏନ୍ଏସ୍:**



**▶▶ ସାତ ଦିନ ପାଇଁ ତାରା ବାହିନୀପତି ନିଲମ୍ବିତ**
**▶▶ ଶାସକ-ବିରୋଧୀଙ୍କ ମଧ୍ୟରେ ଧସ୍ତାଧସ୍ତି, ଠେଲାପେଲା**
**▶▶ ମହିଳା ନିର୍ଯାତନା ବୃଦ୍ଧି ନେଇ କଂଗ୍ରେସର ହୋହଲ୍ଲା, ନାରାବାଜି**
**▶▶ ଉତ୍କଳ ଗୌରବ ମଧୁସୂଦନଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡିର ଧାରଣା**

ଥମୁନାହିଁ ଝଡ଼। ଗୃହରେ ହଙ୍ଗାମା, ବାହାରେ ଧାରଣା। ପୂର୍ବ ଦୁଇଦିନ ଭଳି ମଙ୍ଗଳବାର ବି ବିରୋଧୀଙ୍କ ଯୋଗୁଁ ଗୃହ ହୁଲସ୍ଥୁଲ୍ ହୋଇଛି। କଂଗ୍ରେସ ସଭ୍ୟମାନେ ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ଦାବିରେ ନାରାବାଜି ସହ ହଟ୍ଟଗୋଳ ସୃଷ୍ଟି କରିଥିଲେ। ବାଚସ୍ପତିଙ୍କ ପୋଡିଅମ୍ ଉପରକୁ ଉଠିବାକୁ ଉଦ୍ୟମ କରିଥିଲେ କଂଗ୍ରେସ ସଭ୍ୟ ତାରା ବାହିନୀପତି। ଏହାକୁ ଶାସକ ସଭ୍ୟ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ବେଶ୍ କିଛି ସମୟ ପାଇଁ ଧସ୍ତାଧସ୍ତି ହୋଇଥିଲା। ଏପରିକି ଶାସକ ଦଳର ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ର ବିରୋଧୀ ଦଳର ବରିଷ୍ଠ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କୁ ଠେଲାପେଲା କରିଥିଲେ। ଗୃହର ଅସ୍ୱାଭାବିକ ସ୍ଥିତି ଭିତରେ ଗୃହକୁ ବାରମ୍ବାର ମୁଲତବୀ କରିବା ସହ ବାଚସ୍ପତି ସୁରମା ପାଢ଼ୀ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ଦାୟୀକରି ୭ ଦିନ ପାଇଁ ଗୃହରୁ ନିଲମ୍ବିତ କରିଛନ୍ତି। ତେବେ ବାଚସ୍ପତିଙ୍କର ଏହି ଏକପାଖିଆ ନିଷ୍ପତ୍ତିକୁ ବୋଲି ଅଭିଯୋଗ କରି କଂଗ୍ରେସ ବିଧାୟକମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିଲାବେଳେ ବିରୋଧୀ ବିଜେଡି ସଭ୍ୟ ବିଧାନସଭା ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ତଳେ ଧାରଣାଦେବା ସହ ଲଣ୍ଠନ ଧରି ଅଭିନବ ପ୍ରତିବାଦ କରିଛନ୍ତି।

ସୋମବାର ଧାର୍ଯ୍ୟ ସାଢ଼େ ୧୦ରେ ବାଚସ୍ପତି ଗୃହ ପରିଚାଳନା ପାଇଁ ଆସନକୁ ଆସିବା କ୍ଷଣି କଂଗ୍ରେସ ସଭ୍ୟମାନେ ଗୃହ ମଝିକୁ ଆସି ପ୍ଲାକାର୍ଡ ଧରି ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ନାରୀ ନିର୍ଯାତନା ବୃଦ୍ଧି ଉପରେ ଆଲୋଚନା ଦାବିରେ ପୂର୍ବଦିନ ଭଳି ହୋହଲ୍ଲା କରିଥିଲେ। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିଅମ୍ ଉପରକୁ ଉଠିବାକୁ ଚେଷ୍ଟାକରିବା ସହ ବାଚସ୍ପତିଙ୍କ ମାଇକ୍ ବନ୍ଦ କରିଦେବାକୁ ଉଦ୍ୟମ କରିଥିଲେ। ମାତ୍ର ବାଚସ୍ପତି ତାଙ୍କ କଥା କିଛି ନ ଶୁଣି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଜାରି ରଖିଥିଲେ। ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ନିଜ ଆସନରେ ଛିଡ଼ାହୋଇ ଏକ ପ୍ରଶ୍ନର ଉତ୍ତର ରଖୁଥିଲାବେଳେ କଂଗ୍ରେସ ସଭ୍ୟ ତାରା ତାଙ୍କ ଆସନ ପାଖକୁ ଆସି ଉତ୍ତର ବନ୍ଦ କରିବାକୁ ହାତଯୋଡ଼ି ନିବେଦନ କରିଥିଲେ। ମାତ୍ର ମନ୍ତ୍ରୀ ବି ତାଙ୍କ କଥା ଶୁଣି ନଥିଲେ। ସେ ଉତ୍ତର ପଢ଼ିବା ଜାରି ରଖିବାରୁ କ୍ଷୁବ୍ଧ ତାରା ମନ୍ତ୍ରୀ ଧରିଥିବା କାଗଜପତ୍ରକୁ ଛଡ଼ାଇ ଆଣିବାକୁ ଉଦ୍ୟମ କରିବା ସହ ତାଙ୍କ ମାଇକ୍‌କୁ ମୋଡ଼ି ଦେଇଥିଲେ। ଏହି ସମୟରେ ଶାସକ ବିଜେପି ବିଧାୟକମାନେ ଗୃହ ମଝିକୁ ଆସି ତାରାଙ୍କୁ ଅଟକାଇଥିଲେ। ଗୃହର କାର୍ଯ୍ୟ ଅଲବତ ଚାଲିବ ଓ ମନ୍ତ୍ରୀ ତାଙ୍କର ଉତ୍ତର ରଖିବେ ବୋଲି ସେମାନେ ଜିଦ୍ ଧରି କରିଥିଲେ। ଇତ୍ୟବସରେ ଅନ୍ୟ କଂଗ୍ରେସ ସଭ୍ୟମାନେ ପ୍ରବଳ ନାରାବାଜି କରିବା ସହ ହଟ୍ଟଗୋଳ କରିଥିଲେ। ଠିକ୍ ଏହି ସମୟରେ ବିଜେପି ସଭ୍ୟ ଜୟନାରାୟଣ ମିଶ୍ର ତାରାଙ୍କ ସାର୍ଟ କଲର୍ ଧରି ଠେଲାପେଲା କରିଥିଲେ। ଗୃହର ମଧ୍ୟଭାଗରେ ଶାସକ ଏବଂ ବିରୋଧୀ ଦଳର ସଦସ୍ୟମାନଙ୍କ ମଧ୍ୟରେ ଠେଲାପେଲା, କାଗଜ ଫିଙ୍ଗା ଫୋପଡ଼ା ଚାଲିଥିଲେ ହେଁ ବାଚସ୍ପତି ଶ୍ରୀମତୀ ପାଢ଼ୀ ନିଜ ଆସନରେ ସେମିତି ବସି ରହିଥିଲେ। ବିରୋଧୀ ସଭ୍ୟଙ୍କୁ ଗୃହର ମର୍ଯ୍ୟାଦା ବଜାୟ ରଖିବା ପାଇଁ ବାରମ୍ବାର ସେ ଅନୁରୋଧ କରିଥିଲେ ହେଁ ବିରୋଧୀ ଦଳ ସଦସ୍ୟମାନେ କୌଣସି କର୍ଣ୍ଣପାତ କରି ନ ଥିଲେ। ଏହା ପରେ ବାଚସ୍ପତି ବାଧ୍ୟହୋଇ ଗୃହକୁ ଏଗାରଟାରୁ ୧୨ଟା ଯାଏ ମୁଲତବୀ କରିଥିଲେ। ଏହାର ପ୍ରତିବାଦରେ କଂଗ୍ରେସ ସଭ୍ୟମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ପ୍ଲାକାର୍ଡ ଧରି ଧାରଣାରେ ବସିଥିଲେ। ଗୃହ ପରିଚାଳନାରେ ବାଚସ୍ପତିଙ୍କ ନିରପେକ୍ଷତାକୁ ନେଇ ସେମାନେ ପ୍ରଶ୍ନ କରିବା ସହ ଜୟନାରାୟଣଙ୍କ ସହ ଅନ୍ୟ ବିଧାୟକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକରି ବାଚସ୍ପତିଙ୍କୁ ପତ୍ର ଲେଖିଥିଲେ। ପୁଣି ଗୃହ ଆରମ୍ଭ ହେବା କ୍ଷଣି ବିରୋଧୀ କଂଗ୍ରେସ ସଭ୍ୟ ଅନୁରୂପ ବିରୋଧ ଓ ହଙ୍ଗାମା କରିଥିଲେ। ବାଚସ୍ପତି ପୁଣି ଗୃହକୁ ▶▶ ୭



## ଲଣ୍ଠନ ଧରି ବିଜେଡିର ପ୍ରତିବାଦ

ବିଧାନସଭା କରିଡର୍‌ରେ ବିଜେଡି ବିଧାୟକମାନେ ଲଣ୍ଠନ ଧରି ଅଭିନବ ପ୍ରତିବାଦ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ ସମ୍ମୁଖରେ ସେମାନେ କିଛି ସମୟ ଧାରଣାରେ ବସିଥିଲେ ଏବଂ ପରେ ମନ୍ତ୍ରୀମାନଙ୍କ ଅଫିସ ଚାମ୍ବର ସମ୍ମୁଖରେ ଲଣ୍ଠନ ଦେଖାଇ ମୁଖ୍ୟମନ୍ତ୍ରୀଙ୍କୁ ଖୋଜିଥିଲେ। ମୁଖ୍ୟମନ୍ତ୍ରୀ କୁଆଡ଼େ ଗଲେ? ବିଜେପି ସରକାର ରାଜ୍ୟରେ ଶାସନ ଗାଦି ସମ୍ଭାଳିବାକୁ ଅକ୍ଷମ, କି ବୋଲି ବିଜେଡି ସଭ୍ୟମାନେ ପ୍ରଶ୍ନ କରିଥିବାର ଦେଖାଯାଇଥିଲା।

# ୨ ଗୋ-ଚାଲାଣକାରୀଙ୍କୁ ଏନ୍‌କାଉଣ୍ଟର୍

## କାର୍, ଟ୍ରକ୍ ସହ ୨ ବନ୍ଧୁକ ଜବତ: ୨ ଗିରଫ

**ଭୁବନେଶ୍ୱର,, ୧୧।୩/ଏନ୍ଏନ୍ଏସ୍:**

ସମ୍ବଲପୁରରେ ମଙ୍ଗଳବାର ସକାଳୁ ସକାଳୁ ୨ ବେଆଇନ ଗୋ-ଚାଲାଣକାରୀଙ୍କୁ ପୁଲିସ ଏନ୍‌କାଉଣ୍ଟର୍ କରିଛି। ମ୍ବଲପୁର ସିଟି ଷ୍ଟେସନ୍



ଅଞ୍ଚଳରେ ଭୋର୍ ପ୍ରାୟ ୫ଟା ୩୫ ମିନିଟ୍‌ରେ ଏହି ଘଟଣା ଘଟିଛି। ଏଥିରେ ପଶ୍ଚିମବଙ୍ଗର ୨ ଗୋମାଫିଆ ଆହତ ହୋଇଛନ୍ତି। ଜଣଙ୍କ ବାମଗୋଡ଼ ଏବଂ ଜଣଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ନିକଟରୁ ପୁଲିସ ୨ଟି ଦେଶୀ ବନ୍ଧୁକ ଓ ୪ ଗୁଳି ସହ ଏକ ହୁଣ୍ଡାଇ କାର୍ ଏବଂ ଗୋଟିଏ ଟ୍ରକ୍ ଜବତ କରାଯାଇଛି। ୨ଜଣଙ୍କୁ ଗିରଫ କରାଯିବା ସହ ୩୦ ଗାଈଙ୍କୁ ଉଦ୍ଧାର କରାଯାଇଛି।

ସମ୍ବଲପୁର ଅତିରିକ୍ତ ଏସ୍‌ପି ଶଶାଙ୍କ ଶେଖର ବେଉରାଙ୍କ ସୂଚନା ମୁତାବକ ମଙ୍ଗଳବାର ଭୋର୍ ସକାଳ ପ୍ରାୟ ୫ଟା ୩୫ ମିନିଟ୍ ସମୟରେ ସମ୍ବଲପୁର ସିଟି ଷ୍ଟେସନ୍ ନିକଟରେ ଏକ ଗୋରୁ ବୋଝେଇ ଟ୍ରକ୍‌କୁ ଗୋଚାଲାଣକାରୀ ଏକ କାର୍‌ରେ ଏସକର୍ଟ କରି ନେଉଥିବା ଖବର ମିଳିଥିଲା। ରାଜସ୍ଥାନ ନମ୍ବର ବିଶିଷ୍ଟ ଏକ ଟ୍ରକ୍‌ରେ ପ୍ରାୟ ୨୫ରୁ ୩୦ଟି ଗୋରୁକୁ ଦୁଇଟି କାର୍‌ରେ ଏସ୍‌କର୍ଟ କରି ନିଆଯାଉଥିଲା। ପୁଲିସ ଉକ୍ତ ଟ୍ରକ୍‌କୁ ଅଟକାଇବାକୁ ଚେଷ୍ଟା କରିବାରୁ ଗୋଚାଲାଣକାରୀଙ୍କ ପକ୍ଷରୁ ୩ ରାଉଣ୍ଡ୍ ଗୁଳି ଚାଳନା କରାଯାଇଥିଲା। ଏହାର ଜବାବରେ ପୁଲିସ ପକ୍ଷରୁ ୫ ରାଉଣ୍ଡ ଗୁଳି ଚଳାଇଥିଲା। ଏହି ଗୁଳି ବିନିମୟରେ ୨ ଅଭିଯୁକ୍ତଙ୍କ ଆଣ୍ଠୁ ତଳେ ଗୁଳି ବାଜିଛି। ଉଭୟଙ୍କୁ ଆହତ ଅବସ୍ଥାରେ ବୁର୍ଲା ▶▶ ୭

# ବିଜେପି ନେତାଙ୍କୁ ବିଷ ଇଞ୍ଜେକସନ୍ ଦେଇ ହତ୍ୟା

**ଲକ୍ଷ୍ନୌ, ୧୧।୩/ଏଜେନ୍ସି:**

**ପୋଷ୍ଟମର୍ଟମ୍ ରିପୋର୍ଟରେ ବିଷକ୍ରିୟାଜନିତ ସୂଚନା ନାହିଁ**



ଉତ୍ତରପ୍ରଦେଶର ସମ୍ଭଲ ଜିଲ୍ଲାରେ ୩ ଅଜ୍ଞାତ ବ୍ୟକ୍ତି ୬୫ ବର୍ଷୀୟ ଗୁଲଫାମ ସିଂହ ଯାଦବ ନାମକ ଜଣେ ବିଜେପି ନେତାଙ୍କୁ ବଳପୂର୍ବକ ବିଷ ଇଞ୍ଜେକ୍‌ସନ୍ ଦେଇ ହତ୍ୟା କରିବା ଘଟଣାକୁ ନେଇ ସମଗ୍ର ଉତ୍ତରପ୍ରଦେଶ ସହ ଦେଶବ୍ୟାପୀ ଚର୍ଚ୍ଚା ଜୋର ଧରିଛି। ତେବେ ସୋମବାର ବିଜେପି ନେତାଙ୍କ ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ସୁଦ୍ଧା ପୋଷ୍ଟମର୍ଟମ ରିପୋର୍ଟ ସାମ୍ନାକୁ ଆସିଛି। ପୋଷ୍ଟମର୍ଟମ୍ ରିପୋର୍ଟରେ ମୃତକଙ୍କ ଠାରେ କୌଣସି ବିଷାକ୍ତ ପଦାର୍ଥ ମିଳିନଥିବା ନେଇ ଉତ୍ତରପ୍ରଦେଶ ପୁଲିସ୍ ସ୍ପଷ୍ଟ କରିଛି। ଗୁଲଫାମ ସିଂହ ଯାଦବ ଦଫ୍‌ତାରା ଗାଁରେ ଥିବା ତାଙ୍କ ଫାର୍ମହାଉସରେ ବସିଥିବା ସମୟରେ ଏହି ଘଟଣା ଘଟିଥିଲା, ଯେଉଁଠାରେ ଆକ୍ରମଣକାରୀମାନେ ଏକ ମୋଟରସାଇକେଲରେ ଆସି ତାଙ୍କୁ ଜୋର୍‌ଜବରଦସ୍ତି ଇଞ୍ଜେକ୍ସନ୍ ଦେଇଥିଲେ ଏବଂ ଫେରାର ହୋଇଯାଇଥିଲେ। ଗୁଲଫାମ୍‌ଙ୍କୁ ଗୁରୁତର ଅବସ୍ଥାରେ ଆଲିଗଡ ହସ୍ପିଟାଲ ନିଆଯାଉଥିବା ବେଳେ ବାଟରେ ହିଁ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତେବେ ଯଦିଓ ଗୁଲଫାମ ସିଂହ ଯାଦବଙ୍କ ପରିବାର ପକ୍ଷରୁ କୌଣସି ଆନୁଷ୍ଠାନିକ ଅଭିଯୋଗ ଦାଖଲ କରାଯାଇ ନାହିଁ, ତଥାପି ପୋଲିସ ଏହି ମାମଲାରେ ତଦନ୍ତ ଚଳାଇଛି। ପ୍ରକାଶ ଗୁଲଫାମ୍ ଯାଦବ ବିଜେପି ସହିତ ଜଡିତ ଥିଲେ ଏବଂ ପୂର୍ବରୁ ଦଳର ଟିକେଟରେ ବିଧାନସଭା ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

# ୨୪ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି

**ଭୁବନେଶ୍ୱର, ୧୧।୩/ଏନ୍ଏନ୍ଏସ୍:**



ମାର୍ଚ୍ଚ ୨୪ ରେ ଓଡ଼ିଶା ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବା ପାଇଁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଏହି ଅବସରରେ ପ୍ରଥମ ଦିନ କଣ୍ଟିଲୋ ନୀଳମାଧବଜିଉଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି ମୁର୍ମୁ। ସେହିପରି ୨୫ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଦିକ୍ଷାନ୍ତ ସମାରୋହରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ୧୩ ଓ ୧୪ରେ ଝାଞ୍ଜିମାଡ଼

**ଆହୁରି ବଢ଼ିବ ତାତି**

**ଭୁବନେଶ୍ୱର, ୧୧।୩/ଏନ୍ଏନ୍ଏସ୍:**



ରାଜ୍ୟରେ ବଢୁଛି ପାରଦର ସ୍ତର ତାପମାତ୍ରା ବୃଦ୍ଧି ସହ ଅସମ୍ଭାଳ ତାତି ଦେଖିବାକୁ ମିଳୁଛି। ଉପକୂଳରୁ ଉପାନ୍ତ ସବୁଠି ତାତି ଥିବା ବେଳେ ଜଳିବ ପଶ୍ଚିମ ଓଡ଼ିଶା। ହୋଲିରେ ଅସମ୍ଭାଳ ହେବ। ଆଜିଠାରୁ ତାତି ବଢୁଥିବା ବେଳେ ଆଗାମୀ ୫ ଦିନରେ ୨ ରୁ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ତେବେ ୧୩, ୧୪ ଓ ୧୫ ତାରିଖ ୩ ଦିନ ହିଟୱେଭ ବିଭାଗ ଜାରି କରିଥିବା ବେଳେ ପଶ୍ଚିମ ଓଡ଼ିଶା ବା ଆଭ୍ୟନ୍ତରୀଣ ଓଡ଼ିଶାରେ ଅସ୍ତବ୍ୟସ୍ତ କରିବ ଅସମ୍ଭାଳ। ୩ ଦିନ ହିଟ୍ ୱେଭ ୱାର୍ଣ୍ଣିଂ ଜାରି କରିଥିବା ବେଳେ ପ୍ରବଳ ଖରା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ,'ପଶ୍ଚିମ ଓଡ଼ିଶାରେ ହୋଇପାରେ ନିଆଁବର୍ଷା। ପାରଦ ୪୦ ଡିଗ୍ରୀ ଉପରକୁ ପାର କରିବା ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଓଡ଼ିଶାର ୬ ଜିଲ୍ଲା ପାଇଁ ସତର୍କତା ଜାରି କରିଛି କେନ୍ଦ୍ର। ୧୩ ତାରିଖ ରେ ୭ ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗିର ଓ ବରଗଡ଼ କୁ ୟେଲୋ ୱାର୍ଣ୍ଣି ଜାରି। ୧୪ ତାରିଖ ଓ ୧୫ ତାରିଖ ରେ ପ୍ରବଳ ଖରା ନେଇ ୮ ଜିଲ୍ଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗିର ଅନୁଗୁଳ ଓ ବରଗଡ଼କୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହିସବୁ ଜିଲ୍ଲାବାସୀଙ୍କୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। 'ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ସାଢ଼େ ୩ଟା ଭିତରେ ଯେତେଦୂର ସମ୍ଭବ ଘରୁ ପଦାକୁ ନବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ପରିସ୍ଥିତି ଉପରେ ନଜର ରଖି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଏଥିସହ ୪-୫ ଦିନ ଭିତରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩ରୁ ୪ ଡିଗ୍ରୀ ଯାଏ ବଢ଼ିବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏପରିକି ଏଥର ରେକର୍ଡ ଭାଙ୍ଗିବ ବୋଲି ପୂର୍ବାନୁମାନ କରାଯାଇଛି।

**ପୁଲିସ ଓ ଅବକାରୀ ବିଭାଗର ଚଢ଼ଉ**

# ୮ ଟନ୍‌ରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ

**କନ୍ଧମାଳ, ଫୁଲବାଣୀ, ୧୧।୩/ଏନ୍ଏନ୍ଏସ୍:**



ନିଶାମାଫିଆଙ୍କୁ ସାବାଡ୍ କରିବା ପାଇଁ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ ଜାରିରହିଛି। ଆଜି ଗୋଟିଏ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ପୂର୍ବରୁ ୧୦ ଟନ୍ ଗଞ୍ଜେଇ ଜବତ ହୋଇଥିବାବେଳେ ସୋମବାର ପୁଣି ୮ ଟନ୍‌ରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ହରିଶ ବିସିଙ୍କ ସୂଚନା ଅନୁସାରେ ଜିଲ୍ଲାର ଚାରିଟି ଥାନା ଅଞ୍ଚଳରେ ସମୁଦାୟ ୮୨୮୫ କିଲୋ ଗଞ୍ଜେଇ ଜବତ କରାଯାଇଛି। ଗୋଛାପଡ଼ା ଥାନା କଟ୍ରିଙ୍ଗିଆ ପଞ୍ଚାୟତ ଡେନପାଙ୍ଗା ନିକଟସ୍ଥ ଜଙ୍ଗଲରୁ ୩୬୭୫ କିଲୋ, ଫୁଲବାଣୀ ସଦର ଥାନା ସୁଡ୍ରୁକୁମ୍ପା ଫାଣ୍ଡି ଅନ୍ତର୍ଗତ ବିଲାବାଡ଼ି ପଞ୍ଚାୟତର ନିକିନିଣ୍ଡା ଗ୍ରାମ ଜଙ୍ଗଲରୁ ୧୪୪୦ କିଲୋ, ତୁମୁଡିବନ୍ଧ ପୁଲିସ କୁର୍ତ୍ତମଗଡ଼ ପଞ୍ଚାୟତ ବାଣିମିଳା ଜଙ୍ଗଲରୁ ୬୧୫ କିଲୋ ଏବଂ ବ୍ରାହ୍ମଣୀ ଗାଁ ଥାନା ପାଡ଼ିକିଆ ▶▶ ୭

# ମେ' ୪ରୁ ପିଜି ପ୍ରବେଶିକା ପରୀକ୍ଷା, ଆବେଦନ ଆରମ୍ଭ

**ଭୁବନେଶ୍ୱର, ୧୧।୩/ଏନ୍ଏନ୍ଏସ୍:**

ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) ପାଇଁ ସୋମବାରଠାରୁ ଆବେଦନ ଆରମ୍ଭ ହୋଇଛି। ସ୍ନାତକୋତ୍ତର ବା ପିଜି ନାମଲେଖା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀମାନେ ଆସନ୍ତା ୨୮ତାରିଖ ଯାଏ ଆବେଦନ କରିପାରିବେ। ଆବେଦନରେ କୌଣସି ତ୍ରୁଟି ଥିଲେ, ୨୯ ତାରିଖରେ ସଂଶୋଧନ କରିପାରିବେ। ଏପ୍ରିଲ୍ ୨୮ ତାରିଖରେ ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ୱେବସାଇଟ୍‌ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ଏହାପରେ ମେ' ୪ରୁ ୧୮ ତାରିଖ ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହେବ। ମେ' ୨୬ ପରେ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଚଳିତଥର ସ୍ନାତକ ପରୀକ୍ଷାଫଳ ପ୍ରକାଶ ପାଇବା ପୂର୍ବରୁ ନାମଲେଖା ହେବ ବୋଲି ବିଭାଗ ସ୍ପଷ୍ଟ କରିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚଳିତବର୍ଷ ଶୀଘ୍ର ନାମଲେଖା କରିବା ସହ ଏକାଧିକ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ପ୍ରବେଶିକା ପରୀକ୍ଷା ସହ କ୍ୟାରିଅର ମାର୍କ ମିଶି ମେଧା ତାଲିକା ପ୍ରକାଶ ପାଉଥିଲା। ଚଳିତଥର କ୍ୟାରିଅର୍ ମାର୍କକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି। କେବଳ ପ୍ରବେଶିକା ପରୀକ୍ଷାରେ ରଖିଥିବା ନମ୍ବର ଅନୁଯାୟୀ ମେଧା ତାଲିକା ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟ ନାମଲେଖା ୪ଟି ରାଉଣ୍ଡରେ ହେବ। ଏହା ସରିବା ପରେ ବଳକା ସିଟ୍‌କୁ ଦେଖି ଦ୍ୱିତୀୟ ପର୍ଯ୍ୟାୟ ବା ସ୍ପଟ୍ ନାମଲେଖା ହେବ। ଚୟନ ହୋଇଥିବା ପିଲାମାନେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବେ। ଅନ୍ୟଥା ନାମଲେଖା ପ୍ରକ୍ରିୟାରୁ ସମ୍ପୂର୍ଣ୍ଣ ବାଦ୍ ପଡ଼ିବେ। ଛାତ୍ରବୃତ୍ତି ପାଇଁ ଆଗ୍ରହୀ ଛାତ୍ରଛାତ୍ରୀମାନେ ଆବେଦନ ସମୟରେ ଜାତି, ବାସଗୃହ ଓ ରୋଜଗାର ପ୍ରମାଣପତ୍ର ଅପଲୋଡ୍ କରିବା ବାଧ୍ୟତାମୂଳକ ବୋଲି ଦର୍ଶାଯାଇଛି। ସେହିପରି ସ୍ନାତକ ପରୀକ୍ଷାଫଳ ପ୍ରକାଶ ପାଇନଥିଲେ ମଧ୍ୟ ତା' ପୂର୍ବରୁ ନାମଲେଖା ହେବ ବୋଲି ବିଭାଗ ସ୍ପଷ୍ଟ କରିଛି। ନାମ ଲେଖାଇଥିବା ପିଲାମାନଙ୍କୁ ଦୁଇ ମାସ ମଧ୍ୟରେ ସେମାନଙ୍କ ସ୍ନାତକ ବା ତତ୍ତୁଲ୍ୟ ସାର୍ଟିଫିକେଟ୍ ଦାଖଲ କରିବାକୁ କୁହାଯାଇଛି। ଯେଉଁମାନେ ସାର୍ଟିଫିକେଟ୍ ଦାଖଲ କରିପାରିବେ ନାହିଁ ବା ଆବଶ୍ୟକ ନମ୍ବର ରଖିପାରିବେ ନାହିଁ, ସେମାନଙ୍କ ନାମଲେଖା ବାତିଲ୍ କରାଯିବ।

# ପାକିସ୍ତାନରେ ଟ୍ରେନ୍ ଅପହରଣ

**ପଣବନ୍ଦୀ ଅଛନ୍ତି ୧୮୨ ଯାତ୍ରୀ**

**ଇସଲାମାବାଦ୍, କ୍ୱେଟା, ୧୧।୩/ଏଜେନ୍ସି:**



ମଙ୍ଗଳବାର ପାକିସ୍ତାନର ବଲୁଚ୍ ଲିବରେସନ୍ ଆର୍ମି (ବିଏଲ୍ଏ) ଜାଫର ଏକ୍ସପ୍ରେସ୍ ଉପରେ ଆକ୍ରମଣ କରିବା ସହ ପୁରା ଟ୍ରେନ୍‌କୁ ହିଁ ଅପହରଣ କରିନେଇଛି। ବିଏଲ୍ଏ ଏକ ବିବୃତ୍ତି ଜାରି କରି ଏହି ଟ୍ରେନ୍ ଅପହରଣ ସମ୍ପର୍କରେ ସୂଚନା ଦେଇଛି। ବିଏଲଏ ଦର୍ଶାଇଛି ଯେ, ପ୍ରାୟ ୪୫୦ରୁ ଅଧିକ ଯାତ୍ରୀ ଥିବା ଏହି ଟ୍ରେନ୍‌କୁ ଅପହରଣ କରିନିଆଯାଇଛି। ତେବେ ଟ୍ରେନ୍‌ରେ ଥିବା ମହିଳା, ଶିଶୁ ଏବଂ ବଲୁଚ ନାଗରିକଙ୍କୁ ମୁକ୍ତ କରିଦିଆଯାଇଛି ଏବଂ ବର୍ତ୍ତମାନ ସୁଦ୍ଧା କେବଳ ୧୮୨ ଜଣ ଯାତ୍ରୀଙ୍କୁ ବନ୍ଧକ ରଖାଯାଇଛି। ଏହି ୧୮୨ ବନ୍ଧକଙ୍କ ମଧ୍ୟରେ ପାକିସ୍ତାନ ସେନାର ଅଧିକାରୀ ତଥା ସୈନିକଙ୍କ ସହ ଆଇଏସଆଇ ଓ ଏଟିଏଫର କିଛି ଅଧିକାରୀ ମଧ୍ୟ ସାମିଲ ଅଛନ୍ତି ଯେତେବେଳେ କି ଅପହରଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ପାଇଁ ଚେଷ୍ଟା କରିଥିବା ତଥା ଗୁଳିମାଡ଼ କରିଥିବା ପ୍ରାୟ ୧୧ ପାକିସ୍ତାନୀ ସୈନିକଙ୍କୁ ହତ୍ୟା କରାଯାଇଛି ବୋଲି ବିଏଲ୍ଏ ଦାବି କରିଛି। ସେହିପରି ଟ୍ରେନ୍‌ର କେତେକ ଟ୍ରାକ୍‌କୁ ମଧ୍ୟ ଉଡାଇଦେଇଥିବା ଏବଂ ଏକ ଡ୍ରୋନ୍‌କୁ ଖସାଇଥିବା ସମ୍ପର୍କରେ ମଧ୍ୟ ବିଏଲଏ ସ୍ୱୀକାର କରିଛି। ପ୍ରକାଶ, ପାକ୍ ଅଧିକୃତ ପଞ୍ଜାବ ଅଭିମୁଖେ ଆସୁଥିବା ଏହି ଟ୍ରେନ୍‌ଟି କ୍ୱେଟାରୁ ପେଶାୱର ରାସ୍ତା ଅର୍ଥାତ୍ ବଲୁଚିସ୍ତାନର ବୋଲାନ ଜିଲ୍ଲାର ମାଶକାଫ ଅଞ୍ଚଳର ଗୁଡାଲାର ଏବଂ ପିରୁ କୁମାରୀ ମଧ୍ୟରେ ଗତି କରୁଥିବା ବେଳେ ଏହି ଆକ୍ରମଣ ହୋଇଥିଲା। ଅପରାହ୍ନ ପ୍ରାୟ ୧ଟା ସମୟରେ ଏହି ଘଟଣା ଘଟିଥିବା ବେଳେ ଏହାର ୯ଘଣ୍ଟା ପରେ ମଧ୍ୟ, ଜାଫର ଏକ୍ସପ୍ରେସ ସମ୍ପୂର୍ଣ୍ଣ ଭାବରେ ବିଏଲ୍ଏ ନିୟନ୍ତ୍ରଣରେ ରହିଛି।

**ବନ୍ଧକଙ୍କ ମଧ୍ୟରେ ଅଧିକାଂଶ ସେନା, ଆଇଏସ୍ଆଇ କର୍ମଚାରୀ**

**ମହିଳା, ଶିଶୁ ଓ ବଲୁଚ ନାଗରିକଙ୍କୁ ମୁକ୍ତକଲା ବିଏଲ୍ଏ**

ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଗୋଟିଏ ପଟେ ବଲୁଚିସ୍ତାନ ସରକାର ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିବା ବେଳେ ପାକିସ୍ତାନୀ ସେନା ଏହି ଅଞ୍ଚଳକୁ ଆଉ ଏକ ଟ୍ରେନ୍ ପଠାଇଛି ଯେଉଁଥିରେ ଉଦ୍ଧାରକାରୀ ସେନା ଯବାନ୍ ଅଛନ୍ତି। ଏମାନେ ଅପହରଣ ସ୍ଥଳରେ ପହଞ୍ଚି ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରିବେ ବୋଲି କୁହାଯାଉଛି। ତେବେ ପାକିସ୍ତାନ ଗଣମାଧ୍ୟମରେ ଏହା ଦାବି କରାଯାଇଛି ଯେ, ଟ୍ରେନ୍ ଅପହରଣ ସମୟରେ ସୁରକ୍ଷା ବାହିନୀ ଏବଂ ସଶସ୍ତ୍ର ଆତଙ୍କୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଟ୍ରେନର ଲୋକୋ ପାଇଲଟ ଆହତ ହୋଇଛନ୍ତି। ପାକିସ୍ତାନ ସେନା ଏବେ ବିଏଲ୍ଏ ଉପରେ ଆକ୍ରମଣ ପୂର୍ବକ ଟ୍ରେନ୍ ଏବଂ ଅପହୃତଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା ଚଳାଇଥିବା ବେଳେ ବିଏଲ୍ଏ ବିରୋଧୀ ଅପରେସନରେ ସେନା ସାମିଲ ହେଲେ ସମସ୍ତ ବନ୍ଦୀଙ୍କୁ ହତ୍ୟା କରାଯିବ ବୋଲି ବିଏଲ୍ଏ ଧମକ ଦେଇଛି। ରକ୍ତପାତ ପାଇଁ ପାକିସ୍ତାନ ସେନା ଦାୟୀ ରହିବ ବୋଲି ବିଏଲଏ କହିଛି।

ନିଜକୁ ମୁକ୍ତି ବାହିନୀ ଭାବେ ଦର୍ଶାଇ ▶▶ ୭

# ଦୁର୍ଘଟଣାରେ ଗୁରୁତର ଯବାନଙ୍କ ମୃତ୍ୟୁ



**ଆଠଗଡ଼,୧୧।୩/ଏନ୍ଏନ୍ଏସ୍:** ଏକ ସଡ଼କ ଦୁର୍ଘଟଣାରେ ଆଠଗଡ଼ ଅଞ୍ଚଳର ଜଣେ କେନ୍ଦ୍ରୀୟ ସୁରକ୍ଷାବଳ ଯବାନ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ଯବାନ ହେଉଛନ୍ତି ଆଠଗଡ଼ ଥାନା ଅନ୍ତର୍ଗତ ଅରଖପାଟଣା ମୁକ୍ତାଦେଇପୁର ଗ୍ରାମର ସନାତନ ବେହେରାଙ୍କ ପୁଅ ସତ୍ୟବାନ ବେହେରା। ସେ ଗତ ୨୦୧୭ ମସିହାରେ ସିଆର୍‌ପିଏଫ୍‌ରେ କନ୍‌ଷ୍ଟେବଲ ଭାବରେ ଯୋଗଦେଇଥିଲେ। ଗତ ୨ ତାରିଖ ଦିନ ମୁଣ୍ଡଲୀ ତଳଗଡ଼ଠାରେ ଏକ ସଡ଼କ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନା ଏବଂ ପରେ ଭୁବନେଶ୍ୱରର କିମସ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଗତ ୯ତାରିଖରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସେଠାରେ ତାଙ୍କର ଶବ ବ୍ୟବଚ୍ଛେଦ କରିବା ପରେ ଗ୍ରାମ ଶ୍ମଶାନରେ ଶୋକାକୁଳ ପରିବେଶରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡିଛି। ଗତ ୨୦୨୧ ମସିହାରେ ସେ ବିବାହ କରିଥିବାବେଳେ ଘରର ବଡ଼ ପୁଅ ଥିଲେ। ତାଙ୍କ ମୃତ୍ୟୁରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନିଜ ଘରୁ ଚୋରିକରି ଜେଲ୍‌ଗଲା ଯୁବକ

**ଓଡଗାଁ,୧୧।୩/ଏନ୍ଏନ୍ଏସ୍:** ନିଜ ସ୍ତ୍ରୀଙ୍କର ସୁନାଗହଣା ଚୋରିକରି ଜେଲଗଲେ ସ୍ୱାମୀ। ଏଭଳି ଘଟଣା ଘଟିଛି ଓଡଗାଁ ଏନଏସି ଅନ୍ତର୍ଗତ ଶିଳ୍ପୀନଗର ସାହିରେ। ସୂଚନା ଅନୁଯାୟୀ ଶିଳ୍ପିନଗର ସାହିର ବୀରେନ୍ଦ୍ର କୁମାର ସାହୁଙ୍କ ସ୍ତ୍ରୀ ଘରତାଲା ପକାଇ ବାହାରକୁ କୌଣସି କାର୍ଯ୍ୟରେ ଯାଇଥିବାବେଳେ ବୀରେନ୍ଦ୍ର ଘରର ତାଲାଭାଙ୍ଗି ଆଲମାରିରୁ ସୁନା କାନଫୁଲ ୧ହଳ, ସୁନାଚେନ ୧ଟି, ସୁନାର ଲକେଟ୍ ଓ ମୁଦି ଚୋରିକରି ନିଜବାଇକ୍ ନେଇ ପଳାଇ ଯାଇଥିଲେ। ନିଜଘରୁ ଚୋରି ହୋଇଥିବା ଜାଣି ବୀରେନ୍ଦ୍ରଙ୍କ ବଡ଼ଭାଇ ଓଡଗାଁ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ଏକ ମୋକଦ୍ଦମା ରୁଜୁକରି ଅଭିଯୁକ୍ତ ବୀରେନ୍ଦ୍ରଙ୍କୁ ଗିରଫ କରିବା ସହିତ ତା'ଠାରୁ ସୁନା ଅଳଙ୍କାର ଜବତ କରିଥିଲା। ସୋମବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

# ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ



**ଓଡ଼ଗାଁ,୧୧।୩/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ପଞ୍ଚାୟତର ଭଗବତୀପ୍ରସାଦରେ ୩ଦିନ ଧରି ୨୪ପ୍ରହର ଅଖଣ୍ଡ ନାମଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଭଗବତୀପ୍ରସାଦ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ପବିତ୍ର ଫାଲଗୁନ ମାସ ଶୁକ୍ଳଦଶମୀ ତିଥିରୁ ପଞ୍ଚିଡା ଚଢ଼େୟାପଲ୍ଲୀ ଅଞ୍ଚଳର ବାବା ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଅଧିବାସ,ଅଙ୍କୁରାରୋପଣ ଓ ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନାମଦଳ ଭାବେ ମହେଶ୍ୱରପୁର, ତୁଳସୀପଲ୍ଲୀ, ଆଜ୍ଞାପ୍ରସାଦ, ଘୋଳାବନ୍ଧ ଓ ଭଗବତୀ ପ୍ରସାଦକୁ ମିଶି ମୋଟ ୫ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମସଂକୀର୍ତ୍ତନ କରିଥିବାବେଳେ ସମସ୍ତ ଦଳର ସଂକୀର୍ତ୍ତନ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥିଲା। ନାମଯଜ୍ଞ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ପ୍ରତ୍ୟେହ ସମସ୍ତଙ୍କ ପାଇଁ ଅନ୍ନକୁଟର ଆୟୋଜନ କରାଯାଇଥିଲା। ଗ୍ରାମ୍ୟ ସଭାପତି ଜଗନ୍ନାଥ ନାୟକ ଓ ସଂପାଦକ ନିରଞ୍ଜନ ନାୟକ କାର୍ଯ୍ୟ ପରିଚାଳନା କରିଥିବାବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିବା ଜଣାପଡ଼ିଛି।

# ବ୍ରାଉନ୍‌ସୁଗର୍ ଜବତ, ଆସାମୀ ଗିରଫ



**ନିମାପଡ଼ା,୧୧।୩/ଏନ୍ଏନ୍ଏସ୍:** ମଙ୍ଗଳବାର ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରାପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ସ୍ଥାନୀୟ ରେଞ୍ଜ ବସ୍ ଷ୍ଟପ୍ ନିକଟରେ ଚଢ଼ଉକରି ବସନ୍ତ ଜେନା ନାମକ ବ୍ୟକ୍ତିଠାରୁ ୬୧ଗ୍ରାମ୍ ବ୍ରାଉନ୍‌ସୁଗର୍ ଜବତ କରିଥିବା ଜଣାପଡ଼ିଛି। ଆସାମୀର ବୟସ ୪୫ ବର୍ଷ। ଆସାମୀକୁ ଗିରଫକରି ପୁଲିସ ଏକ ମାମଲା ରୁଜୁ କରିବା ସହ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ପରେ ଆସାମୀକୁ ଜେଲ୍ ହାଜତକୁ ପଠାଇ ଦିଆଯାଇ। ଜବତ ବ୍ରାଉନ୍‌ସୁଗର୍‌ର ମୂଲ୍ୟ ୬ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି।

## କୋଣାର୍କ ଏନ୍ଏସି ପକ୍ଷରୁ ଦିଆଯାଉନି ମଶାଧୂଆଁ

# ମ୍ୟାଲେରିଆ ଓ ଡେଙ୍ଗୁ ବ୍ୟାପିବା ଆଶଙ୍କା



**କୋଣାର୍କ,୧୦।୩/ଏନ୍ଏନ୍ଏସ୍:** ବିଶ୍ୱଐତିହ୍ୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କରେ ଏବେ ମଶାଙ୍କ ଉତ୍ପାତ ନାହିଁ ନଥିବା ପରିସ୍ଥିତି ସୃଷ୍ଟି କରିଛି। କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ପ୍ରତ୍ୟେକ ଦିନ ଦେଶବିଦେଶର ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ବୁଲିବା ସହିତ ସୂର୍ଯ୍ୟମନ୍ଦିରର ଲାଇଟ୍ ଆଣ୍ଡ ସାଉଣ୍ଡ ଦେଖିବା ଓ କୋଣାର୍କର ମନୋରମ ସନ୍ଧ୍ୟାକୁ ଉପଭୋଗ କରିବା ପାଇଁ ବିଭିନ୍ନ ହୋଟେଲମାନଙ୍କରେ ରାତି ରହଣି କରିଥାନ୍ତି। ମାତ୍ର ଏବେ ସମଗ୍ର କୋଣାର୍କରେ ଏନଏସିର ଅବହେଳାକୁ ନେଇ ଅଚାନକ କିଛି ଦିନ ହେବ ମଶାଙ୍କ ଉତ୍ପାତ ବଢ଼ିଥିବା ଦେଖାଯାଇଛି। କୋଣାର୍କର କୌଣସି ସ୍ଥାନରେ ମୁହୂର୍ତ୍ତଟିଏ ବି ଛିଡା ହେବା ଅସମ୍ଭବ ହୋଇପଡ଼ିଛି। ମଶାମାନେ ଅତର୍କିତ ଭାବେ ଆକ୍ରମଣ କରୁଥିବା ଦେଖାଯାଇଛି। ଯାହାଫଳରେ ପର୍ଯ୍ୟଟକ ସନ୍ଧ୍ୟାରେ କୋଣାର୍କ ବୁଲି ନପାରି ଘୋର ଅସନ୍ତୋଷ ପ୍ରକାଶ କରୁଥିବା ପରିଲକ୍ଷିତ ହୋଇଛି। ଅନ୍ୟପଟେ କୋଣାର୍କ ଏନଏସିର ୧୩ଗୋଟି ୱାର୍ଡ ସମେତ ଆଖପାଖ ଅଞ୍ଚଳର ଲୋକମାନେ ଏହି ମଶାଙ୍କ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ କୋଣାର୍କ ଏନଏସିର ଅବହେଳାକୁ ସମାଲୋଚନା କରୁଥିବା ଦେଖାଯାଇଛି। କୋଣାର୍କ ଏନଏସିର ପରିମଳ ଓ ବିଶେଷ ଭାବେ ମ୍ୟାଲେରିଆ ରୋଗ ନହେବା ପାଇଁ କାର୍ଯ୍ୟାଳୟରେ ମଶାଧୂଆଁ ପାଇଁ ୪ଗୋଟି ଫଗି ମେସିନ ରହିଥିବା ବେଳେ ସମସ୍ତ ୱାର୍ଡରେ ପ୍ରତ୍ୟେକ ଦିନ ମଶା ଧୂଆଁ ଦିଆଯିବାର ବ୍ୟବସ୍ଥା କରାଯାଇଥିଲେ ମଧ ଏହାକୁ ଅଣଦେଖା କରି ଖାଲି କାଗଜକଲମରେ ଲକ୍ଷାଧିକ ଟଙ୍କା ମଶାଧୂଆଁ ବାବଦରେ ବ୍ୟୟ ହେଉଥିବା ଅଭିଯୋଗ ହେଉଛି। ମାତ୍ର ଥରେ ଦିଥର ଡିଜେଲରେ ଅଳ୍ପ ମାତ୍ରାରେ ମଶା ଔଷଧ ମିଶାଇ ଲୋକଙ୍କୁ ଦେଖିବା ପାଇଁ ନାମକୁ ମାତ୍ର ମଶା ଧୂଆଁ ଦିଆଯାଉଥିବା ନଜିର ଅଛି। ଯେଉଁଥିରେ ମଶା ମରିବାର ଆଶା ବହୁତ କମ୍। ଯାହାକୁ ନେଇ ସାଧାରଣରେ ଘୋର ଅସନ୍ତୋଷ ଦେଖାଦେଇଛି। ମଶାଙ୍କ ଏପରି ଉତ୍ପାତ ଓ କାମୁଡିବା ଫଳରେ ମ୍ୟାଲେରିଆ ଓ ଡେଙ୍ଗୁ ସଂକ୍ରମଣ ବଢ଼ିବା ଆଶଙ୍କାରେ ଏବେ ପର୍ଯ୍ୟଟକ ଓ ବିଶେଷ ଭାବେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି। ତୁରନ୍ତ ସ୍ଥାନୀୟ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସୁରକ୍ଷିତ ସ୍ୱାସ୍ଥ୍ୟ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**କଣ୍ଟିଲୋ,୧୧।୩/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ ତେନ୍ତୁଳିଆପଲ୍ଲୀ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଗତ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୂଚନାରୁ ପ୍ରକାଶ ଯେ, ଏହି ବାର୍ଷିକ ଉତ୍ସବରେ ଏସଏମସି ଚେୟାର ପର୍ସନ ସନ୍ତୋଷ କୁମାର ରାଉଳ ମୁଖ୍ୟ ଅତିଥି ଓ ମୋ ସ୍କୁଲ ଆଲୁମିନା କମିଟି ସଭ୍ୟ ତ୍ରିନାଥ ରାଉତ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ବାର୍ଷିକ ଉତ୍ସବ ଉଦ୍ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇ ଛାତ୍ରଛାତ୍ରୀମାନଙ୍କ ମାନସ ପଟରେ ଶୈକ୍ଷିକ ତଥା ସହ ଶୈକ୍ଷିକ କ୍ଷେତ୍ରରେ ଥିବା ସୁପ୍ତ ଜ୍ଞାନର ବିକାଶ ସମ୍ପର୍କରେ ଏବଂ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥି ତଥା ଶିକ୍ଷକମାନଙ୍କ ଦ୍ୱାରା ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ସେବା ସମବାୟ କାର୍ଯ୍ୟାଳୟ ଆଗରେ ଗଣଧାରଣା



**କଣ୍ଟିଲୋ,୧୧।୩/ଏନ୍ଏନ୍ଏସ୍:** ସମ୍ପ୍ରତି କଣ୍ଟିଲୋ ସେବା ସମବାୟ ସମ୍ପାଦକଙ୍କ ମନମାନୀ, ବେନିୟମ ତଥା ସରକାରୀ ରେଜିଷ୍ଟର, ଯନ୍ତ୍ରପାତି, କମ୍ପ୍ୟୁଟର ଇତ୍ୟାଦି ନିଜ ଘରେ ରଖିବା, ପରିଚାଳନା ସଦସ୍ୟ ଏବଂ ସଭାପତିଙ୍କ ପରାମର୍ଶକୁ ଗୁରୁତ୍ୱ ନଦେଇ ଖାମଖିଆଲ ଭାବେ ଦୀର୍ଘ ଅଢ଼େଇବର୍ଷ ହେବ ନିର୍ବାଚିତ ସଦସ୍ୟମାନଙ୍କୁ ଖାତିର୍ ନକରି ପ୍ରତ୍ୟେକ କାର୍ଯ୍ୟ ତାଙ୍କୁ ସୁହାଇଲା ଭଳି କରୁଥିବା ଅଭିଯୋଗ ହୋଇଛି। ଏଥିନେଇ ସଭାପତିଙ୍କ ସମେତ ସମସ୍ତ ସଭ୍ୟ ବୃନ୍ଦ ଅସନ୍ତୋଷ ଓ କ୍ଷୁବ୍ଧ ହୋଇଛନ୍ତି। ତେଣୁ ଆଜି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସଭାପତିଙ୍କ ନେତୃତ୍ୱରେ ପୂର୍ବାହ୍ନ ସାଢ଼େ ୧୦ଘଣ୍ଟାଠାରୁ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ସୂଚନାରୁ ଜଣାପଡିଛି ଯେ, ସମ୍ପାଦକଙ୍କ ମନମାନୀ କାର୍ଯ୍ୟ ବିରୁଦ୍ଧରେ ଦୁଇ ମାସ ପୂର୍ବରୁ ସେବା ସମବାୟ ବିଭାଗର ଉପରିସ୍ଥ ଅଧିକାରୀମାନଙ୍କୁ ଲିଖିତ ଅଭିଯୋଗ ହୋଇଥିଲା। ଉପରିସ୍ଥ ଅଧିକାରୀମାନେ ସମ୍ପାଦକଙ୍କ ବେନିୟମ କାର୍ଯ୍ୟ ଉପରେ କୌଣସି ପ୍ରକାର ପଦକ୍ଷେପ ନନେଇ ନିରବଦ୍ରଷ୍ଟା ସାଜିବାରୁ ଗତ ୪ତାରିଖରେ ପୁନର୍ବାର ଏକ ଚିଠି ପଠାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟ ଯେ ଦୀର୍ଘ ଦୁଇ ତିନିମାସ ପୂର୍ବରୁ ଗୋଟେ ଦୁର୍ନୀତି ଖୋର୍ ସମ୍ପାଦକଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ ହୋଇଥିଲେ ମଧ ଉପରିସ୍ଥ ଅଧିକାରୀମାନଙ୍କର ସମ୍ପାଦକଙ୍କ ସହ ଚାଲିଥିବା ମଧୁଚନ୍ଦ୍ରିକା ଯୋଗୁ ସମସ୍ତେ ଚୁପ୍। ଆଜି ସଭାପତି ମାଧବ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ୧୫ଜଣ ନିର୍ବାଚିତ ସଭ୍ୟ ସମ୍ପାଦକଙ୍କ ତୁରନ୍ତ ବଦଳି ପାଇଁ ଦିନିକିଆ ଗଣଧାରଣାରେ ବସିଥିଲେ। ଯଦି ଆସନ୍ତାକାଲି ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯାଏ ତେବେ ଅନିର୍ଦ୍ଦିଷ୍ଟ ପାଇଁ ଗଣଧାରଣ, ଆନ୍ଦୋଳନ ତଥା କାର୍ଯ୍ୟାଳୟ ବନ୍ଦ କରିବାକୁ ଚେତାବନୀ ଦିଆଯାଇଛି।

# ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ରାସ୍ତା କାମ ଯାଞ୍ଚ



**ଅସ୍ତରଙ୍ଗ,୧୧।୩/ଏନ୍ଏନ୍ଏସ୍:** ଅସ୍ତରଙ୍ଗ ବ୍ଲକ୍‌ର ଅସ୍ତରଙ୍ଗ ଠାରୁ ନୂଆଗଡ଼ ଦୀର୍ଘ ୬କିମି ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ଚାଲୁ ରହିଛି। କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର ଦଣ୍ଡପତି ତତ୍ତ୍ୱାବଧାନରେ ଏହି ନିର୍ମାଣ କାର୍ଯ୍ୟ ଚାଲୁରହିଥିବା ବେଳେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ, ସହକାରୀ ଯନ୍ତ୍ରୀ କୁଶଳ କୁମାର ହେମ୍ବ୍ରମ ପ୍ରମୁଖ ଅଧିକାରୀ ରାସ୍ତା ନିର୍ମାଣ ସ୍ଥଳରେ ପହଞ୍ଚି ଅତ୍ୟାନୁଧିକ ଜ୍ଞାନକୌଶଳ (ଯନ୍ତ୍ରାଂଶ) ଉପକରଣ ମାଧ୍ୟମରେ ପିଚୁ କାର୍ଯ୍ୟ ର ମାନ ପରୀକ୍ଷା କରିଥିଲେ। ପରୀକ୍ଷା ପରେ ଭାଗମାପ ବିଭାଗୀୟ ନିର୍ଦ୍ଦେଶ ମୁତାବକ ହେଉଥିବା ନେଇ ଅଧିକାରୀମାନେ ସନ୍ତୋଷ ପ୍ରକାଶ କରିବା ସହ ଠିକା ସଂସ୍ଥା ୩ବର୍ଷ ପାଇଁ ରାସ୍ତାର ରକ୍ଷଣାବେକ୍ଷଣ କରିବାପାଇଁ ଚୁକ୍ତିବଦ୍ଧ କରିଥିବା କହିଛନ୍ତି। ଏକ ନୂତନ ଭାବେ ଟେଣ୍ଡର କରାଯାଇ ବିଭାଗୀୟ ଯନ୍ତ୍ରୀଙ୍କ ଉପସ୍ଥିତିରେ ରାସ୍ତା କାର୍ଯ୍ୟ କରାଯାଉଥିବାରୁ ଗୁଣବତ୍ତା ସହିତ ସାଲିସ କରାଯିବ ନାହିଁ ବୋଲି ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସାହୁ କହିଛନ୍ତି। ଅସ୍ତରଙ୍ଗ ବ୍ଲକର ନୂଆଗଡ଼ ଅଞ୍ଚଳ ମାଛ ବ୍ୟବସାୟର ପେଣ୍ଠସ୍ଥଳୀ ହୋଇଥିବା ବେଳେ ଏହି ରାସ୍ତାରେ ସବୁ ସମୟରେ ବିଭିନ୍ନ ଭାରୀ ଯାନ ଚଳପ୍ରଚଳ ହୋଇଥାଏ। ଦୀର୍ଘଦିନ ଧରି ରାସ୍ତା ମରାମତି ଅଭାବରୁ ବିଭିନ୍ନ ସ୍ଥାନରେ ଛୋଟମୋଟ ଗର୍ତ୍ତ ସୃଷ୍ଟିହୋଇ ଦୁର୍ଘଟଣା ଘଟୁଥିଲା। ବହୁ ବିଳମ୍ବରେ ହେଲେ ମଧ ଏହି ରାସ୍ତା କାର୍ଯ୍ୟ ପରେ ଗ୍ରାମବାସୀ ସନ୍ତୋଷ ପ୍ରକାଶ କରିଛନ୍ତି।

# ଧର୍ମପ୍ରାଣାଙ୍କ ବିୟୋଗରେ ଶୋକ



**ଫୁଲନଖରା,୧୧।୩/ଏନ୍ଏନ୍ଏସ୍:** ବରିଷ୍ଠ ସମାଜସେବୀ ରବୀନ୍ଦ୍ର କୁମାର ବେହୁରାଙ୍କ ଧର୍ମପତ୍ନୀ ଧର୍ମପ୍ରାଣା ମହିଳା ପ୍ରେମଲତା ବେହୁରା(୭୪)ଙ୍କ ପରଲୋକ ଗମନ ଘଟିଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସଂଜୟ ବେହୁରା, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୟେଷ୍ଠପୁତ୍ର ସମାଜସେବୀ ରଞ୍ଜନ ବେହୁରା ମୁଖାଗ୍ନି ଦେଇଥିଲା ବେଳେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କ ବିୟୋଗରେ ଆରାଧ୍ୟା ଚାରିଟେବୁଲ୍ ଟ୍ରଷ୍ଟ ଫୁଲନଖରା ମ୍ୟାନେଜିଙ୍ଗ ଟ୍ରଷ୍ଟି ଅଜୟ କୁମାର ପାତ୍ର, କଟକ ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷ ସତ୍ୟ ଜେନା, ମୋହନ ଚରଣ ରାଉତରାୟ, ନିରଞ୍ଜନ ବେହୁରା, କନିଷ୍ଠଭ୍ରାତା ଅବସରପ୍ରାପ୍ତ ଶିକ୍ଷାବିତ୍ ବିଜୟରାମ ବେଉରା, ଜ୍ୟେଷ୍ଠଭଗ୍ନୀ ବରିଷ୍ଠ ନାଗରିକ ନିର୍ମଳା ରାଉତରାୟ, ପୁତୁରା ତଥା ନେତାଜୀ ପରିଷଦ ବରାଳ ୪୨ ମୌଜା ଉପଦେଷ୍ଟା ସୁରେଶ ଚନ୍ଦ୍ର ବେଉରା, ପୁତୁରା ତଥା ସରସ୍ୱତୀ କଳା ପରିଷଦ କନ୍ଦରପୁର ସହସମ୍ପାଦକ ରକ୍ତଦାତା ଇଂ. ସେବକ ଶ୍ରୀକାନ୍ତ, ପୁତୁରା ଦେବାଶିଷ ଲେଙ୍କା,ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ ପ୍ରମୁଖ ଶୋକ ବ୍ୟକ୍ତ କରିବା ସହ ସଦଗତି କାମନା କରିଛନ୍ତି। ସ୍ୱର୍ଗତା ପ୍ରେମଲତା ବେହୁରା କଟକ ସଦର ବ୍ଲକ୍ କିଶନନଗର ଥାନା ଅରିଲୋ ପଞ୍ଚାୟତ ଅନ୍ତର୍ଗତ ରାମକମାରପୁର ନିବାସୀ ଓ ବୟାଳିଶମୌଜା ବରାଳ ଗ୍ରାମର ପୂର୍ବତନ ଅଧିକାରୀ ସ୍ୱର୍ଗତ ପରମାନନ୍ଦ ବେଉରାଙ୍କ କନ୍ୟା ଏବଂ ବୟାଳିଶମୌଜା ଶାନ୍ତି କମିଟିର ପୂର୍ବତନ ସଭାପତି ଗାନ୍ଧୀବାଦୀ ସ୍ୱର୍ଗତ କୈଳାସ ଚନ୍ଦ୍ର ବେଉରାଙ୍କ ଭଗ୍ନୀ ଅଟନ୍ତି।

# ପିମିଟି କଲେଜରେ ଶାସ୍ତ୍ରୀୟ ଓଡ଼ିଆଭାଷା ଦିବସ




**ଓଡ଼ଗାଁ,୧୧।୩/ଏନ୍ଏନ୍ଏସ୍:** ଓଡ଼ଗାଁ ଏନଏସି ଅନ୍ତର୍ଗତ କୁମ୍ଭିଆପଲ୍ଲୀ ସ୍ଥିତ ପି.ମି.ଟି ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳବାର ଶାସ୍ତ୍ରୀୟ ଓଡିଆଭାଷା ଦିବସ ପାଳିତ ହୋଇଯାଇଛି। ସ୍ନାତକ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ସୁନୀଲ କୁମାର ମହାପାତ୍ର ଓଡିଆ ବର୍ଣ୍ଣମାଳାର ସ୍ୱତନ୍ତ୍ର ଶାସ୍ତ୍ରୀୟ ଲକ୍ଷଣ ବିଷୟରେ ଆଲୋଚନାକରି ଓଡିଆ ଭାଷାର ଶାସ୍ତ୍ରୀୟ ରୂପ ଅତି ଆକର୍ଷଣୀୟ ଓ ପ୍ରଭାବଶାଳୀ ବୋଲି ମତ ଦେଇଥିଲେ। +୨ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ପ୍ରଧାନ ଓଡିଆ ଭାଷାର ପ୍ରାଚୀନତା, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତର ସମ୍ଭାବନା ସମ୍ପର୍କରେ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ଚିତ୍ତରଞ୍ଜନ ଦାସ ଉପସ୍ଥିତରହି ଓଡିଆ ଭାଷା ଆମର ଜାତୀୟ ଅସ୍ମିତା ତେଣୁଭାଷା ବଞ୍ଚିରହିଲେ ଜାତି ବଞ୍ଚିରହିବ ବୋଲି ମତଦେଇଥିଲେ। ମୁଖ୍ୟଅତିଥି ଭାବରେ ଗୋଦାବରୀଶ ମିଶ୍ର ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓଡିଆ ଭାଷାର ମୌଳିକ ଓ ସ୍ୱତନ୍ତ୍ର ଶାସ୍ତ୍ରୀୟ ଲକ୍ଷଣ ସପର୍କରେ ଆଲୋଚନା କରି ଓଡିଆଭାଷା ବିଶ୍ୱର ଏକମାତ୍ର ସ୍ୱତନ୍ତ୍ର ଭାଷା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. କୈଳାଶ ବାଣ୍ଡ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ଅବସର ପ୍ରାପ୍ତ ଅଧ୍ୟାପକ ଡ. କୈଳାଶ ବାଣ୍ଡ ଯୋଗଦେଇ ଓଡିଆ ଏକ ବିଜ୍ଞାନ ସମ୍ମତ ଭାଷା ଏବ ଏହି ଭାଷାର ଭ୍ୟବହାରିକ ଦିଗପ୍ରତି ସମସ୍ତ ଓଡିଆ ସଚେତନ ରହିବା ଉଚିତ ବୋଲି ମତଦେଇଥିଲେ। ପି.ମି.ଟି ସ୍ନାତକ ମହାବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପିକା ସୁଜାତା ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଓଡିଆ ବିଭାଗର ଅଧ୍ୟାପକ ଚନ୍ଦନ ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହ ବିଭାଗୀୟ ମୁଖ୍ୟା ଦୀପିକା ମହାରଣା ଧନ୍ୟବାଦ ଅର୍ପଣ କରିଥିବାବେଳେ ସମସ୍ତ ବିଭାଗର ଅଧ୍ୟାପକ, ଅଧ୍ୟାପିକା, କର୍ମକର୍ତ୍ତା ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିବା ଜଣାପଡ଼ିଛି।

# ମା' ସୁନାଦେଇଙ୍କ ବାର୍ଷିକ ଯଜ୍ଞ ଉତ୍ସବ



**ଫୁଲନଖରା,୧୧।୩/ଏନ୍ଏନ୍ଏସ୍:** କଟକ ସଦର ଥାନା ତେଲେଙ୍ଗାପେଣ୍ଠ ଉପକଣ୍ଠ ନୂଆଗଡ ଗ୍ରାମର ଜଗତଜନନୀ ମା' ସୁନାଦେଇଙ୍କର ବାର୍ଷିକ ଯଜ୍ଞ ଉତ୍ସବ ଯଥା ବିଧିପୂର୍ବକ ଅଙ୍କୁରାଧିବାସ, ସୂର୍ଯ୍ୟପୂଜା, ଗୋପୂଜା, ଆଳତି, ହୋମ, ଓ ଯଜ୍ଞ ଆଦି ଅନୁଷ୍ଠିତ ହୋଇ ପ୍ରସାଦସେବନ ସହ ଯଜ୍ଞ ପୂର୍ଣ୍ଣାହୂତି ଦିଆଯାଇଛି। ଏହି ଦୁଇ ଦିବସୀୟ ଯଜ୍ଞ ଉତ୍ସବରେ ପଣ୍ଡିତ ଶଲ୍ୟ କୁମାର ରଥ, ପଣ୍ଡିତ ଲମ୍ବୋଦର ରଥ, ପଣ୍ଡିତ ନାରାୟଣ ରଥ, ପଣ୍ଡିତ ସୌଭାଗ୍ୟ ରଞ୍ଜନ ରଥ, ପଣ୍ଡିତ ସିଲୁ ଦାଶ ପ୍ରମୁଖ ବରେଣ୍ୟ ପୂଜକ ମଣ୍ଡଳୀଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କେଶବ ବେହେରା, ପ୍ରଫୁଲ୍ଲ ବେହେରା, ବିଜୟ ବେହେରା, ପ୍ରମୋଦ ବେହେରା, ବିପିନି ବେହେରା, ଶିବ ବେହେରା, ପ୍ରଦୀପ ବେହେରା, ଅଜୁ ବେହେରା, ଦୀପକ ବେହେରା ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦାନ କରି ମା' ସୁନାଦେଇଙ୍କର ଶୁଭାଶୀର୍ବାଦ ଲାଭ କରିଥିଲେ।

ନିତିଦିନ NITIDIN



## ଆଠ ମାସରେ 'ମୋ ବସ୍' ନେଲାଣି ୬ ଜୀବନ

ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍: ଗତ ଆଠ ମାସ ଭିତରେ 'ମୋ ବସ୍'ନେଲାଣି ୬ ଜୀବନ। ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର। ଜୁନ୍ ୨୦୨୪ ପରଠାରୁ ଭୁବନେଶ୍ୱର, କଟକ ଓ ପୁରୀ ଅଞ୍ଚଳରେ 'ମୋ ବସ୍' ସହିତ ହୋଇଛି ୧୯ଟି ଦୁର୍ଘଟଣା। ଏଥିରେ ମୋଟ୍ ୬ ଜଣ ପ୍ରାଣ ହରାଇଥିବାବେଳେ ୧୮ ଜଣ ଆହତ ହୋଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

### ହାତୀ-ମଣିଷ ଲଢ଼େଇ

# ଦଶ ବର୍ଷରେ ୧୨୦୯ ମୃତ

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ହାତୀ-ମଣିଷ ଲଢ଼େଇ ଜାରି ରହିଛି। ବିଗତ ଦଶ ବର୍ଷରେ ୧୨୦୯ ଲୋକ ହାତୀ ଆକ୍ରମଣ ଯୋଗୁଁ ମୃତ୍ୟୁବରଣ କରିଛନ୍ତି। ସେହିପରି ସେହି ଦଶ ବର୍ଷର ଅବଧି ଭିତରେ ମୋଟ୍ ୮୮୮ଟି ହାତୀ ମୃତ୍ୟୁବରଣ କରିଛନ୍ତି।

ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ। ସେ କହିଛନ୍ତି ଯେ ଜଙ୍ଗଲ ଛାଡ଼ି ଗାଁ ହାତୀପଲ ଏବେ ସହର ମୁହାଁ। ପ୍ରତିଦିନ ହାତୀ ଆକ୍ରମଣରେ ବହୁ ଧନଜୀବନ କ୍ଷତି ହେଉଛି। ପ୍ରାୟ ଅଧିକାଂଶ ଜିଲ୍ଲାରେ ହାତୀଙ୍କ ଉପଦ୍ରବ ବଢ଼ିଛି। ମନ୍ତ୍ରୀ କହିଛନ୍ତି ଯେ, ୧୦ ବର୍ଷରେ ହାତୀ ଆକ୍ରମଣରେ ୧୨୦୯ ଲୋକଙ୍କ ଜୀବନ ଯାଇଛି। ସେହିପରି ଗତ ୧୦ ବର୍ଷରେ ମୋଟ୍ ୮୮୮ଟି ହାତୀ ମୃତ୍ୟୁବରଣ କରିଛନ୍ତି। ଶିକାରରେ ୩୩ଟି ହାତୀଙ୍କ ଜୀବନ ଯାଇଥିବା ବେଳେ ଯୋଜନାବଦ୍ଧ ଭାବେ ୧୬ଟି ହାତୀଙ୍କ ଜୀବନ ନିଆଯାଇଛି। ଏଥିସହିତ ରୋଗରେ

**୮୮୮ ହାତୀ ମରିଛନ୍ତି**

ପୀଡ଼ିତ ହୋଇ ୩୦୬ ହାତୀଙ୍କର ମୃତ୍ୟୁ ହୋଇଛି। ସେହିପରି ବିଦ୍ୟୁତ ଆଘାତରେ ୧୫୮ ଓ ସଡ଼କ-ରେଳ ଦୁର୍ଘଟଣାରେ ୩୭ ହାତୀ ମୃତ୍ୟୁବରଣ କରିଛନ୍ତି ବୋଲି ଗୃହକୁ ଅବଗତ କରିଛନ୍ତି ମନ୍ତ୍ରୀ।

# ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଏହାର ସମୃଦ୍ଧ ସାରସ୍ୱତ ସମ୍ଭାର ପ୍ରତି ଉପଯୁକ୍ତ ସମ୍ମାନ: ରାଜ୍ୟପାଳ




**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ଜାତୀୟ ପରିଚୟ ପ୍ରତିଷ୍ଠାରେ ଶାସ୍ତ୍ରୀୟ ଭାଷାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗୌରବମୟ ସାହିତ୍ୟ ପରମ୍ପରାର ସ୍ୱାକ୍ଷର ବହନ କରୁଥିବା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ଏହାର ସମୃଦ୍ଧ ସାରସ୍ୱତ ସମ୍ଭାର ପ୍ରତି ଉପଯୁକ୍ତ ସମ୍ମାନ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ଅଧିନସ୍ଥ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଆନୁକୂଲ୍ୟରେ ଏବଂ ଭାରତ ସରକାରଙ୍କ ଶିକ୍ଷା ବିଭାଗ ଅର୍ନ୍ତଗତ ଭାରତୀୟ ଭାଷା ସଂସ୍ଥାନ ସହଯୋଗରେ ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ଆୟୋଜିତ 'ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ' ପାଳନ ଅବସରରେ 'ଭାରତର ଶାସ୍ତ୍ରୀୟ ଭାଷା – ଏକ ନୂତନ ଦୃଷ୍ଟି କୋଣ' ଶୀର୍ଷକ ସେମିନାରକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି। ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ରାଜ୍ୟପାଳ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଏହି ଅବସରରେ ଜାତୀୟ ସେମିନାର ଆୟୋଜନ ଗୌରବର କଥା ବୋଲି କହିଥିଲେ। ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଓଡ଼ିଆ ଭାଷାର ଗୌରବମୟ ପରମ୍ପରା ଭାରତର ସାହିତ୍ୟ ଓ ଦର୍ଶନକୁ ସମୃଦ୍ଧ କରିଛି। ଓଡ଼ିଶା ଦୀର୍ଘ କାଳ ଧରି ସାହିତ୍ୟ, ସଂସ୍କୃତି ଏବଂ ଜ୍ଞାନର କେନ୍ଦ୍ର ଭାବେ ପରିଚିତ ହୋଇଆସିଛି। ଜୟଦେବଙ୍କ ଭଳି ପ୍ରତିଭାବାନ୍ ସାରସ୍ୱତ ସ୍ରଷ୍ଟାଙ୍କ କାଳଜୟୀ ସୃଷ୍ଟି ଗୀତ ଗୋବିନ୍ଦର ଭକ୍ତି ସଂଗୀତ ଭାଷାଗତ ଓ ଭୌଗଳିକ ସୀମା ଅତିକ୍ରମ କରି ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ସଂଗୀତ ଏବଂ କବିତାକୁ ପ୍ରଭାବିତ କରିଛି ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ସମ୍ମାନିତ ଅତିଥିଭାବେ ଓଡ଼ିଶାର ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ପଦ୍ମଭୂଷଣ ଡ. ପ୍ରତିଭା ରାୟ ଏବଂ ଭାରତୀୟ ଭାଷା ସଂସ୍ଥାନର ନିର୍ଦ୍ଦେଶକ ପ୍ରଫେସର ଶୈଳେନ୍ଦ୍ର ମୋହନ ଓଡ଼ିଆ ଶାସ୍ତ୍ରୀୟ ଭାଷାର ଗରିମା, ଶାସ୍ତ୍ରୀୟ ଭାଷାର ସଂରକ୍ଷଣ ଏବଂ ଜାତୀୟ ସେମିନାର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର ବସନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

# ୫ ହଜାରରୁ ଅଧିକ ଗାଁକୁ ରାସ୍ତାନାହିଁ, ସର୍ବାଗ୍ରେ ସୁନ୍ଦରଗଡ଼

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ରାଜ୍ୟର ୫ ହଜାରରୁ ଊର୍ଦ୍ଧ୍ୱ ଗାଁକୁ ରାସ୍ତା ନାହିଁ। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୯୦୫ଟି ସଂଯୋଗହୀନ ଗ୍ରାମ ଓ ପଡ଼ା ଥିବାବେଳେ ନୟାଗଡ଼ରେ ୫୩୬ଟି, ନବରଙ୍ଗପୁରରେ ୪୩୫ଟି, ମାଲକାନଗିରିରେ ୩୨୮ଟି ଓ କଳାହାଣ୍ଡିରେ ୩୨୧ଟି ଗ୍ରାମକୁ ରାସ୍ତା ସଂଯୋଗ ନାହିଁ। ମଙ୍ଗଳବାର ବିଜେଡି ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ। ମନ୍ତ୍ରୀ କହିଛନ୍ତି ଯେ ୨୦୨୪-୨୫ରେ ପଞ୍ଚାୟତ ଓ ପଞ୍ଚାୟତ ସମିତି ଦ୍ୱାରା କରାଯାଇଥିବା ଏକ ସର୍ଭେ ମାଧ୍ୟମରେ ଏହି ସଂଯୋଗହୀନ ଗ୍ରାମ ଓ ପଡ଼ାଗୁଡ଼ିକୁ ଚିହ୍ନଟ କରାଯାଇଥିଲା। ପର୍ଯ୍ୟାୟକ୍ରମେ ଏସବୁ ଗାଁକୁ ରାସ୍ତା ସଂଯୋଗ ହେବ।



# 'ବନ୍ଦେ ଉତ୍କଳ ନୁହେଁ, ବନ୍ଦେ ଓଡ଼ିଶା ଜନନୀ ଗାଅ'

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ବନ୍ଦେ ଉତ୍କଳ ନୁହେଁ, ବନ୍ଦେ ଓଡ଼ିଶା ଜନନୀ ଗାଅ। କେହି କିଛି ପ୍ରତିବାଦ କରିବେ ନାହିଁ। ଏଥିରେ ବି ମୋର କିଛି ଆପତ୍ତି ନାହିଁ। ମଙ୍ଗଳବାର ଗଣମାଧ୍ୟମକୁ ଏଭଳି ସ୍ପଷ୍ଟିକରଣ ଦେଇଛନ୍ତି ବିଜେପିର ବରିଷ୍ଠ ସଭ୍ୟ ଜୟନାରାୟଣ ମିଶ୍ର। ସେ କହିଛନ୍ତି ଯେ ମୁଁ ବିଭାଜନ ନେଇ କୌଣସି କଥା କହିନାହିଁ। କେବଳ ଉତ୍କଳର ଜୟଗାନ ହେବ, ଆଉ କୋଶଳ ଓ କଳିଙ୍ଗର କାହିଁକି ଜୟଗାନ ହେବ ନାହିଁ ବୋଲି ପ୍ରଶ୍ନ ଉତ୍ଥାପନ କରିଛି। ଏହାକୁ ନେଇ ବିରୋଧୀ ରାଜନୀତି କରିବା ଠିକ୍ ନୁହେଁ। ସୁପ୍ରିମକୋର୍ଟଙ୍କ ରାୟକୁ ଉଦ୍ଧାର କରି ଜୟନରାୟଣ କହିଛନ୍ତି, ରାଜ୍ୟ ସଙ୍ଗୀତ ବୋଲି କିଛି ନାହିଁ। ରାଜ୍ୟ ସଙ୍ଗୀତ ରହିପାରିବନି କି ରାଜ୍ୟ ପତାକା ରହିପାରିବନି। କେନ୍ଦ୍ରର ଗୋଟିଏ ଜାତୀୟ ସଙ୍ଗୀତ, ଗୋଟିଏ ଜାତୀୟ ପତାକା। ଆଉ ଉତ୍କଳ, କଳିଙ୍ଗ, କୋଶଳ ମିଶିକି ଓଡ଼ିଶା ତିଆରି ହୋଇଥିଲା। ହେଲେ ବନ୍ଦେ ଉତ୍କଳ ଜନନୀରେ କେବଳ ଉତ୍କଳର ଜୟଗାନ ରହିଛି। ହେଲେ କଳିଙ୍ଗ ଓ କୋଶଳର ନାହିଁ। ବନ୍ଦେ ଓଡ଼ିଶା ଜନନୀ ବୋଲୁ ନାହାନ୍ତି, ମୋର କିଛି ଆପତ୍ତି ନାହିଁ। ତେଣୁ ଏମିତି ଏକ ଗୀତ ଗାଅ ନାହିଁ।

# ମହିଳାଙ୍କ ଭାଗିଦାରୀ କୃଷି ଅର୍ଥନୀତିକୁ ସୁଦୃଢ଼ କରିବ: ମନ୍ତ୍ରୀ

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ଚାଷରୁ ଅମଳ, ବିହନ ବୁଣିବାଠାରୁ ବିପଣନ ବ୍ୟବସ୍ଥାକୁ ଆଗକୁ ନେବା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ମହିଳା ଚାଷୀଙ୍କର ପ୍ରତ୍ୟକ୍ଷ ଯୋଗଦାନ ରହିଛି। କୃଷି ଅର୍ଥନୀତିକୁ ସୁଦୃଢ଼ କରିବାରେ ମହିଳାଙ୍କ ଭାଗିଦାରୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ତଥା ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। 'ସୃଜନରୁ ପ୍ରଭାବ: ସ୍ଥାୟୀ କୃଷି ଖାଦ୍ୟ ପ୍ରଣାଳୀ ପାଇଁ ଲିଙ୍ଗଗତ ପରିବର୍ତ୍ତନମୂଳକ ଆଚରଣ' ଉପରେ ସ୍ଥାନୀୟ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ (ସିୱା)ଠାରେ ଆୟୋଜିତ ତିନି ଦିନିଆ ବିଶ୍ୱ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମାନ୍ୟବର ମନ୍ତ୍ରୀ ଏହା କହିଛନ୍ତି।




କୃଷି କ୍ଷେତ୍ରରେ ମହିଳାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ବିଶ୍ୱ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ସେମାନେ ସାମ୍ନା କରୁଥିବା ବିଭିନ୍ନ ପ୍ରତିବନ୍ଧକଗୁଡ଼ିକୁ ଭାଙ୍ଗିବା ପାଇଁ ସମ୍ମିଳିତ ପ୍ରୟାସ ନିମନ୍ତେ ଆହ୍ୱାନ ଦିଆଯାଇଥିଲା। କୃଷିରେ ଲିଙ୍ଗଗତ ସମାନତା, ମହିଳା ସଶକ୍ତୀକରଣ ଏବଂ ଅନ୍ତର୍ଭୁକ୍ତିକରଣ ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଏହି ସମ୍ମିଳନୀ ଏକ ପ୍ରକୃଷ୍ଟ ମଞ୍ଚ ଥିଲା ବୋଲି ନିମନ୍ତ୍ରିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନର ନିର୍ଦ୍ଦେଶକ ଓ ସମ୍ମିଳନୀର ଆୟୋଜକ ସଚିବ ଡକ୍ଟର ମ୍ରିଦୁଲା ଦେବୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଭାଗ ଅଧକ୍ଷ ଡକ୍ଟର ସୁକାନ୍ତ କୁମାର ଷଡ଼ଙ୍ଗୀ, ଜାତୀୟ ଦୁଗ୍ଧ ଉନ୍ନୟନ ପରିଷଦର ଆଞ୍ଚଳିକ ମୁଖ୍ୟ (କୋଲକାତା) ଡକ୍ଟର ସବ୍ୟସାଚୀ ରାୟ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ଡକ୍ଟର ହିମାଂଶୁ ବଳ, ବିଭିନ୍ନ ରାଜ୍ୟର ମହିଳା ଚାଷୀ, ଗବେଷକ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ, ଉଦ୍ୟୋଗୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗ ଅଧକ୍ଷ ଡକ୍ଟର ଅରୁଣ କୁମାର ପଣ୍ଡା ଶେଷରେ ଧନ୍ୟବାଦ୍ ଦେଇଥିଲେ।


### ସିକିଲ୍ ସେଲ୍ ଆନିମିଆ ଏବଂ ଥାଲାସେମିଆ ନିରାକରଣ ଜାତୀୟସ୍ତରୀୟ କର୍ମଶାଳା ଉଦ୍‌ଘାଟିତ

# ସଚେତନତା ଓ ଚିକିତ୍ସାରୁ ଯେପରି କୌଣସି ଶିଶୁ ବଞ୍ଚିତ ନ ହେଉ: ମନ୍ତ୍ରୀ




**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** 'ସିକିଲ୍ ସେଲ୍ ଏବଂ ଥାଲାସେମିଆ ନିରାକରଣ: ବେଷ୍ଟ୍ ପ୍ରାକ୍ଟିସ୍ ଓ ସ୍କେଲେବଲ୍ ଷ୍ଟ୍ରାଟେଜୀ' ବିଷୟବସ୍ତୁକୁ ନେଇ ଦୁଇ ଦିନିଆ ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦ୍ୱାରା ୨୦୨୩ ମସିହାରେ ଆରମ୍ଭ ହୋଇଥିବା ଜାତୀୟ ସିକଲ୍ ସେଲ୍ ଆନିମିଆ ନିରାକରଣ ମିଶନ୍ ହେଉଛି ଏକ ଐତିହାସିକ ପଦକ୍ଷେପ। ୨୦୪୭ ସୁଦ୍ଧା ଏହି ରୋଗକୁ ଦୂର କରିବା ନେଇ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା ଏହି ମିଶନରେ ସକ୍ରିୟ ଅଂଶଗ୍ରହଣ କରି ଦୂରଦୂରାନ୍ତ ଜନଜାତି ଅଞ୍ଚଳରେ ବ୍ୟାପକ ସ୍କ୍ରିନିଂ ଏବଂ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରୁଥିବା କହିଛନ୍ତି।

କର୍ମଶାଳା ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ରାଜ୍ୟଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା, ଅଗ୍ରଣୀ ସ୍ୱାସ୍ଥ୍ୟ କର୍ମୀଙ୍କ ଦକ୍ଷତା ବିକାଶ, ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସମସ୍ତ ପ୍ରଭାବିତ ପରିବାର ପାଇଁ ଔଷଧ ଏବଂ ଚିକିତ୍ସା ଉପଲବ୍ଧ କରିବା ଦିଗରେ ସୁଯୋଗ ପ୍ରଦାନ କରିବ। ସଚେତନତା ଓ ଚିକିତ୍ସାରୁ ଯେପରି କୌଣସି ଶିଶୁ ବଞ୍ଚିତ ନ ହେଉ ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ସଞ୍ଜୀବ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଓଡ଼ିଶାର ସିକିଲ୍ ସେଲ୍ ଆନିମିଆ ସମ୍ପର୍କରେ ତଥ୍ୟ ପ୍ରଦାନ କରିଛନ୍ତି । ସେ କହିଛନ୍ତି, ଓଡ଼ିଶାର ଆଦିବାସୀ ଜନସଂଖ୍ୟା ମଧ୍ୟରେ ସିକିଲ୍ ସେଲ୍ ରୋଗର ପ୍ରସାର ହାର ଦେଶରେ ସର୍ବାଧିକ। ଓଡ଼ିଶାର ୯% ରୁ ୨୨% ଆଦିବାସୀ ଜନସଂଖ୍ୟା ମଧ୍ୟରେ ସିକିଲ୍ ସେଲ୍ ଜିନ୍ ରହିଥିବା ସେ କହିଛନ୍ତି। ଭାରତ ସରକାରଙ୍କ ଜାତୀୟ ସିକିଲ୍ ସେଲ୍ ଆନିମିଆ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ୨୦୪୭ ସୁଦ୍ଧା ସିକିଲ୍ ସେଲ୍ ରୋଗ ନିରାକରଣ ମିଶନ ସହିତ ସମନ୍ୱିତ କରି ସିକିଲ୍ ସେଲ୍ ଏବଂ ଥାଲାସେମିଆ ନିରାକରଣ ଉପରେ ଜାତୀୟ କର୍ମଶାଳା ଆୟୋଜିତ କରାଯାଇଛି ଏବଂ ଏହା ଭାରତର ଜନସ୍ୱାସ୍ଥ୍ୟ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସଚିବ ଅଶ୍ୱତୀ. ଏସ୍ ରାଜ୍ୟରେ ସିକିଲ୍ ସେଲ୍ ରୋଗ ପରିଚାଳନା ଓ ନିରାକରଣ ନେଇ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେ କହିଛନ୍ତି, ଓଡ଼ିଶା ସମଗ୍ର ଦେଶରେ ସିକିଲ୍ ସେଲ୍ ରୋଗ ପରୀକ୍ଷଣରେ ଆଗୁଆ ରହିଛି, ଏଥିସହ ରୋଗୀ ଏବଂ ବାହକ ଚିହ୍ନଟରେ ମଧ୍ୟ ଦେଶ ତୁଳନାରେ ଓଡ଼ିଶା ଆଗୁଆ ରହିଛି। ସେହିପରି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ଉପ ଶାସନ ସଚିବ ଡ଼ ରାଜି ଏନଏସ ଉପସ୍ଥିତ ରହି ଜନଜାତି ସମ୍ପ୍ରଦାୟ ମଧ୍ୟରେ ସିକିଲ୍ ସେଲ୍ ଆନିମିଆ ପରୀକ୍ଷଣକୁ ବ୍ୟାପକ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମନ୍ତ୍ରଣାଳୟ ଦ୍ୱାରା ବିଭିନ୍ନ ଜନଜାତି ଅଞ୍ଚଳଗୁଡ଼ିକରେ ସିକିଲ୍ ସେଲ୍ ଆନିମିଆ ନିରାକରଣ ନେଇ ସଚେତନ କରାଯାଉଥିବା ସେ ସୂଚନା ଦେଇଛନ୍ତି। ୟୁନିସେଫ୍ ଓଡ଼ିଶା ମୁଖ୍ୟ ୱିଲିୟମ୍ ହାନଲୋନ୍ କର୍ମଶାଳାରେ ଭାଗ ନେଇ ଭାରତ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଜାତୀୟ ସିକିଲ୍ ସେଲ୍ ନିରାକରଣ ମିଶନକୁ ୟୁନିସେଫ୍‌ର ପୂର୍ଣ୍ଣ ସମର୍ଥନ ଥିବା କହିଛନ୍ତି। ସେହିପରି ଦିଲ୍ଲୀ ଏମ୍ସର ହେମାଟୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡ଼ଃ ମନୋରଞ୍ଜନ ମହାପାତ୍ର ଉପସ୍ଥିତ ରହି ସିକିଲ୍ ସେଲ୍ ଆନିମିଆର ନିରାକରଣ କରିବାରେ ଓଡ଼ିଶା ଭଲ ପ୍ରଦର୍ଶନ କରିଥିବା ସେ କହିଛନ୍ତି। ଏଥିସହ ଜାତୀୟସ୍ତରୀୟ କର୍ମଶାଳାର ଆୟୋଜନ ଦ୍ୱାରା ରୋଗର ମୁକାବିଲା ପାଇଁ ବିଭିନ୍ନ ରାଜ୍ୟ ଦ୍ୱାରା ଗ୍ରହଣ କରାଯାଇଥିବା ଅଭିନବ ପ୍ରୟାସ ଓ ଅଭିଜ୍ଞତାର ଆଦାନପ୍ରଦାନ ସହଜ ହେବ ବୋଲି ସେ କହିଛନ୍ତି।




### ବିଜେଡିର ପ୍ରଶ୍ନ

# ଡିଲିମିଟେସନ୍ ପ୍ରସଙ୍ଗରେ ବିଜେପି ଛାନିଆଁ କାହିଁକି ?

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ଡିଲିମିଟେସନ୍ ପ୍ରସଙ୍ଗରେ ଡିଏମ୍‌କେ ଦଳ ତରଫରୁ ଦୁଇ ଜଣ ପ୍ରତିନିଧି ଆଜି ଭୁବନେଶ୍ୱରରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରିଥିଲା ବେଳେ ଓଡିଶା ବିଜେପି ଦଳ ଛାନିଆଁ କାହିଁକି ବୋଲି ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼. ଲେନିନ୍ ମହାନ୍ତି ପ୍ରଶ୍ନ କରିଛନ୍ତି।

ସୀମା ପୁନଃନିର୍ଦ୍ଧାରଣ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଆମ ରାଜ୍ୟର ଲୋକସଭା ଓ ବିଧାନସଭା ଆସନ ସଂଖ୍ୟା ବର୍ତ୍ତମାନଠାରୁ ଯେପରି ନ କମିବ ତାହା ସୁନିଶ୍ଚିତ କରାଯିବା ଆବଶ୍ୟକ। ଆସନ ସଂଖ୍ୟା କମିବା ନେଇ ଯଦି କିଛି ରାଜ୍ୟ ଆଶଙ୍କା କରୁଛନ୍ତି, ସଂଘୀୟ ଗଣତନ୍ତ୍ର ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ସରକାର ସବୁ ରାଜ୍ୟର ସ୍ୱାର୍ଥ ରକ୍ଷା ହେଲା ଭଳି ନିଷ୍ପତ୍ତି ନେବା ଆବଶ୍ୟକ। ଏ ବାବଦରେ ଯଦି କିଛି ଆଞ୍ଚଳିକ ତଥା ଜାତୀୟ ରାଜନୈତିକ ଦଳ ପରସ୍ପର ମଧ୍ୟରେ ଆଲୋଚନା କରନ୍ତି, ଓଡ଼ିଶା ବିଜେପି ସେଥିରେ ପ୍ରତିକ୍ରିୟାଶୀଳ ହେବାର ଆବଶ୍ୟକ ନାହିଁ।

ବିଜେପିର ଜଣେ ବରିଷ୍ଠ ନେତା ଓଡ଼ିଶାର ବିଭାଜନ ବିଷୟରେ ମନ୍ତବ୍ୟ ଦେଉଛନ୍ତି ତଥା ରାଜ୍ୟ ସଂଗୀତକୁ ଅପମାନ କରୁଥିବା ବେଳେ ବିଜେପି ଦଳ କୌଣସି ପ୍ରତିକ୍ରିୟା ଦେଉନାହିଁ। କିନ୍ତୁ ତାମିଲନାଡୁର ଶାସନ ଦାୟିତ୍ୱରେ ଥିବା ଡିଏମ୍‌କେ ଦଳର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆମ ରାଜ୍ୟକୁ ଆସି ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା କିଭଳି ଓଡିଶାର ସ୍ୱାର୍ଥ ସୁରକ୍ଷିତ ହୋଇପାରିବ ସେ ବାବଦରେ ପ୍ରାରମ୍ଭିକ ଆଲୋଚନା କରିବା ଦ୍ୱାରା ବିଜେପି ଛାନିଆଁ ହେବାର ଆବଶ୍ୟକ ନାହିଁ। ବୋଧହୁଏ ଓଡିଶା ବିଜେପି ଦଳ ତାମିଲ କାମଳ ରୋଗଗ୍ରସ୍ତ ବୋଲି ଡ଼. ମହାନ୍ତି କହିଛନ୍ତି। ବିକଶିତ ଓଡ଼ିଶା ବଦଳରେ ବିଭାଜିତ ଓଡିଶାର ଭାଷା କହୁଥିବା ଓଡିଶା ବିଜେପିର ନେତୃତ୍ୱଙ୍କ ଅସଲ ସ୍ୱରୁପ ପଦାରେ ପଡିଯିବାରୁ ଛାନିଆଁ ହୋଇ ବିଜେପି ଏଭଳି ମନ୍ତବ୍ୟ ପ୍ରଦାନ କରୁଛି। ଆଜି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦୟାନିଧି ମାରନ ଓ ତାମିଲନାଡୁର ମନ୍ତ୍ରୀ ଟି.ଆର.ବି ରାଜା, ଡିଏମକେ ସଭାପତି ତଥା ତାମିଲନାଡୁର ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ତରଫରୁ ନବୀନ ବାବୁଙ୍କୁ ନିମନ୍ତ୍ରଣ କରିବା ପାଇଁ ଆସିଥିଲେ ଏବଂ ସକରାତ୍ମକ ଭାବେ ଆଲୋଚନା ହୋଇଥିବା ଡ଼ ମହାନ୍ତି ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ କମିଶନ ରିପୋର୍ଟ ପ୍ରଦାନ କଲେ ଜଷ୍ଟିସ୍ ସିଆର୍ ଦାଶ

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ଭରତପୁର ପୁଲିସ ଷ୍ଟେସନ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଙ୍ଗଳବାର କମିଶନ ରିପୋର୍ଟ ପ୍ରଦାନ କରିଛନ୍ତି ଜଷ୍ଟିସ୍ ସିଆର ଦାଶ। ଲୋକସେବା ଭବନରେ ଏହି ସାକ୍ଷାତ ଆଲୋଚନା ବେଳେ ମୁଖ୍ୟଶାସନ ସଚିବ ମନୋଜ କୁମାର ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଗତ ୮ ତାରିଖରେ ଏସ୍‌ବିଆଇର ଭରତପୁର ଶାଖାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଭାସି ମାଧ୍ୟମରେ ଲୋକାର୍ପଣ କରୁଛନ୍ତି। ଏହି ସମୟରେ ଏସ୍‌ବିଆଇର ଚେୟାରମ୍ୟାନ୍ ସି. ସେଟ୍ଟୀ, ସିଜିଏମ୍ ଦିନେଶ ପୃଷ୍ଟି, ଏନ୍‌ଡବ୍ଲ୍ୟୁ-୧ର ଜିଏମ୍ ପୋନମ୍ବଲମ୍ ଏମ୍, ଡିଜିଏମ୍ (ବି ଆଣ୍ଡ୍ ଓ) ପ୍ରଶାନ୍ତ କୁମାର, ଆଞ୍ଚଳିକ ମହାପ୍ରବନ୍ଧକ (ଆର୍‌ବିଓ ସାଉଥ୍) ଶିବ ସୁନ୍ଦର ସାହୁ ଏବଂ ଶାଖା ପରିଚାଳକ ଭବାନୀ ଶଙ୍କର ଦାସ ଉପସ୍ଥିତ ଅଛନ୍ତି।


## ଲକ୍ଷପତି ଦିଦି ଯୋଜନା

# ଏକଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଆଜି ସମଗ୍ର ରାଜ୍ୟରେ ଲକ୍ଷପତି ଦିଦି ଯୋଜନା ଉପରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ସମନ୍ୱୟ ଓ ସହଭାଗିତା ମାଧ୍ୟମରେ ବିଭିନ୍ନ ଜୀବନ ଜୀବିକା କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ହିତାଧିକାରୀମାନଙ୍କୁ ସେମାନଙ୍କର ଭୂମିକା ଓ ଦାୟିତ୍ୱ ବିଷୟରେ ସଚେତନ କରାଇବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ। ଜିଲ୍ଲାସ୍ତରୀୟ ଷ୍ଟିଅରିଂ କମିଟିର ସମସ୍ତ ସଦସ୍ୟ, କମ୍ୟୁନିଟି ସପୋର୍ଟ୍ ଷ୍ଟାଫ୍, ସଫଳ ଲକ୍ଷପତି ଦିଦି, ପ୍ରଭାବଶାଳୀ ବ୍ୟକ୍ତିତ୍ୱ (ଇନ୍‌ଫ୍ଲୁଏନ୍‌ସର୍) ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖଙ୍କ ସମେତ ପ୍ରାୟ ୪୦୦୦ ଅଂଶଗ୍ରହଣକାରୀଙ୍କ ଉପସ୍ଥିତିରେ ଏଇ ଜିଲ୍ଲାସ୍ତରୀୟ କର୍ମଶାଳାମାନ ଅନୁଷ୍ଠିତ ହୋଇ ଯାଇଛି।

ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତାଙ୍କ ଭିଡିଓ ବାର୍ତ୍ତା ରେ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇ କହିଲେ ଯେ ରାଜ୍ୟ ସରକାରଙ୍କର ଏକ ଅଗ୍ରଣୀ କାର୍ଯ୍ୟକ୍ରମ 'ଲକ୍ଷପତି ଦିଦି ଯୋଜନା'କୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର 'ଲକ୍ଷପତି ଦିଦି ସହାୟିକା ଯୋଜନା' ଘୋଷଣା କରିଛନ୍ତି, ଯାହା ମାଧ୍ୟମରେ ସମସ୍ତ କମ୍ୟୁନିଟି ସପୋର୍ଟ୍ ଷ୍ଟାଫ୍ (ସିଏସଏସ) ଲକ୍ଷପତି ଦିଦି ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବେ। ଯେହେତୁ କମ୍ୟୁନିଟି ସପୋର୍ଟ୍ ଷ୍ଟାଫ୍ (ସିଏସଏସ) ତୃଣମୂଳ ସ୍ତରରେ ଲକ୍ଷପତି ଦିଦି ଯୋଜନାକୁ ସଫଳ ରୂପେ କାର୍ଯ୍ୟକାରୀ କରି ଅଧିକରୁ ଅଧିକ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି ସୁନିଶ୍ଚିତ କରିବା ପାଇଁ ନିଯୁକ୍ତ ହୋଇଛନ୍ତି, ସେଥିପାଇଁ ସେମାନଙ୍କର କ୍ଷମତା ବୃଦ୍ଧି ଏବଂ ବୁଝାମଣା ସ୍ତରକୁ ଉନ୍ନତ କରିବା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଛି।

ସୂଚନାଯୋଗ୍ୟ ଯେ ସମସ୍ତ ସାମ୍ଭାବ୍ୟ ଲକ୍ଷପତି ଦିଦିମାନଙ୍କୁ ଲକ୍ଷପତି ଦିଦି କରିବା ପାଇଁ ସମଗ୍ର ଓଡ଼ିଶାରେ ସମ୍ଭାବ୍ୟ ଲକ୍ଷପତି ଦିଦିମାନଙ୍କ ପାଇଁ ସ୍ଥାନୀୟ ପ୍ରଶିକ୍ଷଣ ଶିବିର ମାନ ଆୟୋଜନ କରାଯାଇଛି। ଏହି ପ୍ରଶିକ୍ଷଣ ମାଧ୍ୟମରେ ସେମାନଙ୍କର ବ୍ୟବସାୟ ବିକାଶ ଯୋଜନା (ବିଡିପି) ପ୍ରସ୍ତୁତ କରାଯାଉଛି। ଏହି କ୍ରମରେ ୨୦୨୪-୨୫ ମଧ୍ୟରେ ଲକ୍ଷ୍ୟ ହାସଲ କରିବା ପାଇଁ ମୋଟ ୧୬.୪୪ ଲକ୍ଷ ସାମ୍ଭାବ୍ୟ ଲକ୍ଷପତି ଦିଦି (ପିଏଲଡି)ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ଏବଂ ୧୧ ଲକ୍ଷ ବ୍ୟବସାୟ ବିକାଶ ଯୋଜନା (ବିଡିପି) ପ୍ରସ୍ତୁତ କରାଯାଇଛି। ଲକ୍ଷପତି ଦିଦି ଯୋଜନାର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ ରାଜ୍ୟ ଏବଂ ଜିଲ୍ଲା ସ୍ତରୀୟ ଷ୍ଟିଅରିଂ କମିଟି ଗଠନ କରାଯାଇଛି। ଅଧିକରୁ ଅଧିକ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି ପାଇଁ ବର୍ତ୍ତମାନ ସୁଦ୍ଧା ୨୨ ହଜାରରୁ ଅଧିକ କମ୍ୟୁନିଟି ସପୋର୍ଟ୍ ଷ୍ଟାଫ୍ (ସିଏସଏସ)ଙ୍କୁ ତାଲିମ ପ୍ରଦାନ କରାଯାଇଛି।




## ବରଗଡ଼ - ନୂଆପଡ଼ା ରୋଡ୍ ରେଳ ଲାଇନ ଭାୟା ପଦମପୁର ପାଇଁ ଜାରି ରହିଛି ଜମି ଅଧିଗ୍ରହଣ

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍ ନୂତନ ରେଳପଥ ଭାୟା ପଦମପୁର ପ୍ରସ୍ତାବିତ ରେଳପଥର ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତୁତିରେ ପୂର୍ବତଟ ରେଳପଥ ଦ୍ରୁତ ଅଗ୍ରଗତି କରୁଛି। ଏହା ଏକ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଯାହାର ଲକ୍ଷ୍ୟ ହେଉଛି ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା, ଆର୍ଥିକ ଅଭିବୃଦ୍ଧିକୁ ସହଜ କରିବା ଏବଂ ଓଡ଼ିଶାରେ ପଣ୍ୟ ପରିବହନ ଏବଂ ଯାତ୍ରୀ ପରିବହନକୁ ଉନ୍ନତ କରିବା। ଏକ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ଭାବରେ ଘୋଷିତ ୧୩୮.୩୨ କିଲୋମିଟର ଦୈର୍ଘ୍ୟ ନୂତନ ରେଳ ଲାଇନଟି ଓଡ଼ିଶା ସରକାରଙ୍କ ପ୍ରମୁଖ ଆର୍ଥିକ ସହାୟତା ସହିତ ୨,୬୨୧.୯୨ କୋଟି ନିବେଶରେ ନିର୍ମାଣ କରାଯାଉଛି। ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଏକ ପ୍ରମୁଖ ଉପାଦାନ ହେଉଛି ଜମି ଅଧିଗ୍ରହଣ, ଯାହା ସମୟାନୁବର୍ତ୍ତୀ ଅଗ୍ରଗତି ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାୟକ୍ରମେ କରାଯାଉଛି। ଏହି ପ୍ରକଳ୍ପ ପାଇଁ ୯୨୪.୬୪ ହେକ୍ଟର ଜମି ଆବଶ୍ୟକ, ଯେଉଁଥିରେ ୭୫୨.୫୨୪ ହେକ୍ଟର ଘରୋଇ ଜମି, ୧୨୩.୨୩୩ ହେକ୍ଟର ସରକାରୀ ଜମି ଏବଂ ୪୮.୯୧୩ ହେକ୍ଟର ଜଙ୍ଗଲ ଜମି ଅନ୍ତର୍ଭୁକ୍ତ। ଜମି ଅଧିଗ୍ରହଣ ପାଇଁ ଆନୁମାନିକ ମୂଲ୍ୟ ପ୍ରାୟ ୩୬୪ କୋଟି ରହିଛି।

## ବିଶ୍ୱ ପାଇପ୍ ମିସ୍ତ୍ରୀ ଦିବସ ଉପଲକ୍ଷେ ସମ୍ବର୍ଦ୍ଧନା ସଭା



**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ଆଜି ୱି ଫର୍ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ପାଇପ ମିସ୍ତ୍ରୀ ଦିବସ ଉପଲକ୍ଷେ ଭୁବନେଶ୍ୱର ସ୍ଥିତ ସହିଦନଗର ଦୁର୍ଗାପୂଜା ମଣ୍ଡପଠାରେ ଏକ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବହୁ ସଂଖ୍ୟାରେ ଭୁବନେଶ୍ୱରରେ କାର୍ଯ୍ୟରତ ଥିବା ବହୁ ପାଇପ ମିସ୍ତ୍ରୀ ଏକତ୍ରିତ ହୋଇଥିଲେ। ସେମାନଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା କରିବା ସହ ଉପହାର ପ୍ୟାକେଟ, ମିଷ୍ଟାନ ବଣ୍ଟନ କରାଯାଇଥିଲା। ସମସ୍ତ ଆମନ୍ତ୍ରିତ ପ୍ଲମ୍ବର ମାନେ ୱି ଫର ଭୁବନେଶ୍ୱର ଦ୍ୱାରା ପ୍ରଦତ୍ତ ଜର୍ସି ପିନ୍ଧି ବସିଥିବାର ଦେଖାଯାଇଥିଲା। ସମ୍ମାନର ସହ ଜନସାଧାରଣଙ୍କ ଜଳଯୋଗାଣ କାର୍ଯ୍ୟ ନିର୍ବାହ କରୁଥିବା ଏହି କୁଶଳୀ କାରିଗରଙ୍କ ସ୍ୱତନ୍ତ୍ରତା ଯେ ସମାଜରେ ଏକାନ୍ତ ଅନନ୍ୟ ବୃତ୍ତିର ସମ୍ମାନ ବହନ କରେ ବୋଲି ଉପଦେଷ୍ଟା ପଦ୍ମନାଭ ବାମ କରିବା ସହ ଏହି ଗୁରୁଦାୟିତ୍ୱ ନିର୍ବାହ କରୁଥିବା କୁଶଳୀ ପ୍ଲମ୍ବର୍‌ମାନଙ୍କ ପ୍ରତି ସମାଜ ଅନୁରୂପ ସମ୍ମାନ ଓ ବ୍ୟବସ୍ଥା କରିବା ପାଇଁ ମତବ୍ୟକ୍ତ କରିଛନ୍ତି। ଏହି ସଭାରେ ଭୁବନେଶ୍ୱର ମଧ୍ୟ ବିଜେପି ପ୍ରମୁଖ ନେତା ଜଗନ୍ନାଥ ପ୍ରଧାନ କହିଥିଲେ ସମଗ୍ର ବିଶ୍ୱରେ କେବଳ ଗୋଟିଏ ବୃତ୍ତିରେ ପାରଦର୍ଶିତା ରଚିଥିବା ଏହି ପ୍ଲମ୍ବରମାନେ ବିଶ୍ୱ ମାନଚିତ୍ରରେ ଓଡ଼ିଶାକୁ ପରିଚୟ ଦେବାରେ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ଭୁବନେଶ୍ୱର ବିଜେପି ସଭାପତି ନିରଞ୍ଜନ ମିଶ୍ର ମଧ୍ୟ ତାଙ୍କ ବକ୍ତବ୍ୟରେ ପ୍ଲମ୍ବରମାନଙ୍କୁ ଭୂରିଭୂରି ପ୍ରଶଂସା କରିଥିଲେ। ତତ୍ ସହିତ ଅମରେଶ ଜେନା, ଉମାନାଥ ମିଶ୍ର, ନରେନ ସାହୁ ପ୍ରମୁଖ ୱି ଫର୍ ଭୁବନେଶ୍ୱରକୁ ଗଠନ ବେଳଠାରୁ ଏ ପର୍ଯ୍ୟନ୍ତ ଏହି ପ୍ରକାର କାର୍ଯ୍ୟକ୍ରମ ହାତକୁ ନେଇ ଏକ ଲୋକାଭିମୁଖୀ ପରମ୍ପରାକୁ ଠିଆ କରିବାରେ ପ୍ରମୁଖ ଭୂମିକା ଦୀର୍ଘଦିନ ଧରି କରି ଚାଲିଛନ୍ତି। ଉକ୍ତ ସଭାରେ ପୂର୍ବତନ କର୍ପୋରେଟର ଶାଶ୍ୱତୀ ମିଶ୍ର, ଜିତେନ୍ଦ୍ର ରଥ, ଆଲୋକ ପୃଷ୍ଟି, ସୁଧୀର ଶତପଥୀ, ବିଜୟ ପରିଡ଼ା, ରୁଦ୍ର ସାମନ୍ତରାୟ, ରାମ ପ୍ରଧାନ, ଗୁରୁ ଚରଣ ସାହୁ, ସହ ବହୁ ମାନ୍ୟଗଣ୍ୟ ରାଜନୈତିକ ବ୍ୟକ୍ତି ବିଶେଷ ସେମାନଙ୍କ ଉପସ୍ଥିତି ଓ ମତ ରଖିଥିଲେ। ବହୁ ପୂର୍ବତନ କର୍ପୋରେଟର ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତି ଆଜିର ସଭାକୁ ପୂର୍ଣ୍ଣାଙ୍ଗ କରିଥିଲା।

## ଏପିବି ପକ୍ଷରୁ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ଏପିବି ଆର୍ଥିକ ଉପଲବ୍ଧତା ବିସ୍ତାର କରିବାରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇଛି। ବିଶେଷ କରି ଚଳିତ ଅନ୍ତର୍ଜାତୀୟ ମହିଳା ଦିବସରେ କମ୍ପାନୀ ବ୍ୟାଙ୍କିଙ୍ଗ ଓ ଅଣସଂଗଠିତ ସମୁଦାୟଗୁଡ଼ିକ ମଧ୍ୟରେ ବ୍ୟବଧାନ ଦୂର କରୁଥିବା ମହିଳା ବ୍ୟବସାୟ ପ୍ରତିନିଧିମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ସମ୍ମାନ ଜଣାଇଛି। ଏପିବି ୧,୦୦,୦୦୦ରୁ ଅଧିକ ମହିଳା ବ୍ୟବସାୟ ପ୍ରତିନିଧିଙ୍କ ସହିତ କାର୍ଯ୍ୟ କରୁଛି। ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବାର ଏକ ବିଶାଳ ଲକ୍ଷ୍ୟର ଅଂଶ ଭାବେ ଏହା ମହିଳା ଉଦ୍ୟୋଗୀମାନଙ୍କ ଉପରେ ଗୁରୁତ୍ୱ ଦେଉଛି ବୋଲି ସିଇଓ ଗଣେଶ ଅନନ୍ତ ନାରାୟଣନ କହିଛନ୍ତି। ଆଜି ସେ କହିଛନ୍ତି ଯେ ମହିଳାମାନେ ସବୁବେଳେ ଦେଶର ପ୍ରତ୍ୟେକ କୋଣରେ ଆର୍ଥିକ ସେବା ପହଞ୍ଚାଇବା ପାଇଁ ଆମର ଲକ୍ଷ୍ୟର କେନ୍ଦ୍ରରେ ରହିଆସିଛନ୍ତି। ଆମର ମହିଳା ବିସି ନେଟ୍‌ୱର୍କ ମାଧ୍ୟମରେ ଆମେ କେବଳ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରୁନାହୁଁ। ବରଂ ମହିଳାମାନଙ୍କୁ ସେମାନଙ୍କ ସମୁଦାୟଗୁଡ଼ିକରେ ପରିବର୍ତ୍ତନକାରୀରେ ପରିଣତ ହେବା ପାଇଁ ସଶକ୍ତ କରୁଛୁ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କୁଳସଚିବ ଅନାମିକା ଅଧିକାରୀ ଯୋଗଦେଇ ଓଡ଼ିଆ ଭାଷାର ଗୌରବମୟ ପରମ୍ପରା ଓ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତି ପଛରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଭୂମିକା ସମ୍ପର୍କରେ ଅବତାରଣା କରିଥିଲେ। ମୁଖ୍ୟବକ୍ତା ଭାବେ ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଯୋଗଦାନ କରି ଓଡ଼ିଆ ଭାଷାର ଶାସ୍ତ୍ରୀୟତାର ବିଭିନ୍ନ ଆଧାର ସମ୍ପର୍କରେ ଆଲୋଚନା କରିବା ସହ ଓଡ଼ିଆ ଭାଷାର ବିଭବ ଓ ବୈଶିଷ୍ଟ ସମ୍ପର୍କରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଉପସ୍ଥିତ ରହି ଓଡ଼ିଆ ଭାଷାର ପ୍ରଥିତଯଶା ସାହିତ୍ୟିକଙ୍କ କୃତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ଉତ୍ସବରେ ବିଭାଗୀୟ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା, ଅଧ୍ୟାପିକା ସୁଶ୍ରୀ ସନ୍ଧ୍ୟାରାଣୀ ମଲ୍ଲିକ, ଅଧ୍ୟାପକ ଡ. ଅଜୟ କୁମାର ବିଶ୍ୱାଳ, ଧୀରଜ କୁମାର ମହାପାତ୍ର, ଡ. ଶମ୍ଭୁ ଶୋଭରା , ଡ. ଆଶିଷ ମହାପାତ୍ର, ଡ. ନୀଳାଦ୍ରି କଲ୍ୟାଣ ଦାସ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ପ୍ରୀତିପ୍ରତୀକ୍ଷା ଜେନା ଧନ୍ୟବାଦ୍ ଦେଇଥିଲେ।

## ଡୁନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ 'ଏସେନ୍‌ସ ଅଫ୍ ସ୍ପ୍ରିଙ୍ଗ୍'



**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** କୁନି କୁନି ପିଲାମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶର ଲକ୍ଷ୍ୟ ନେଇ ଡୁନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ ପକ୍ଷରୁ 'ଏସେନ୍‌ସ ଅଫ ସ୍ପ୍ରିଙ୍ଗ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ଯୋଗ, ପପେଟ୍ ସୋ, ବିଭିନ୍ନ ମନୋରଞ୍ଜନମୂଳକ କ୍ରୀଡ଼ା ମାଧ୍ୟମରେ ଶିକ୍ଷା ସମ୍ବଳିତ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। କାର୍ଯ୍ୟକ୍ରମରେ ନର୍ସରୀ ଶ୍ରେଣୀଠାରୁ ପ୍ରଥମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରି ଆନନ୍ଦମୟ ପରିବେଶ ସୃଷ୍ଟି କରିଥିଲେ। ବିଦ୍ୟାଳୟ ତରଫରୁ ପିଲାମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟା ଅନନ୍ୟା ରାଉତରାୟ, ଅଧକ୍ଷ ଅରୁଣ କୁମାର ପତି ଓ ପ୍ରତାପ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ ।

## ଜଗନ୍ନାଥ ନଗର ସିନିୟର୍ ସିଟିଜେନ୍ ୱେଲ୍‌ଫେୟାର୍ ଆସୋସିଏସନ୍‌ର ପ୍ରଥମ ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ସିନିୟର୍ ସିଟିଜେନ୍ ୱେଲ୍‌ଫେୟାର ଆସୋସିଏସନ୍, ଜଗନ୍ନାଥ ନଗର ତାର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ବରିସାଲ ରେସିଡେନ୍ସିରେ ପାଳନ କରିଛି। ସଭାପତି ନରେନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସ୍ମୃତିଶିକ୍ଷା ବରିସାଲ, କର୍ପୋରେଟର ୱାର୍ଡ ନମ୍ବର ୧୯, ପ୍ରଦୀପ କୁମାର ବରିସାଲ୍, ମୁକେଶ ଅଧିକାରୀ, ରାଜକିଶୋର ସାମନ୍ତରାୟ, ନିଲୁ ଖୁଣ୍ଟିଆ ଆଦି ଯୋଗ ଦେଇ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟପନ୍ଥାକୁ ପ୍ରଶଂସା କରିବା ସହିତ ଭବିଷ୍ୟତରେ ସମସ୍ତ ପ୍ରକାର ସାହଯ୍ୟ ସହଯୋଗ କରିବାର ଆଶ୍ୱାସନା ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରବିନ୍ଦ୍ରନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ବାଳକୃଷ୍ଣ କରଙ୍କର ସଭା ପରିଚାଳନାରେ ବିଭିନ୍ନ କଳାକାର ତାଙ୍କର ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ନାଟକ 'ତହଲା ସମାଧାନ' ପରିବେଷଣ ହୋଇଥିଲା। ଏଥିରେ ସମସ୍ତ ଜଗନ୍ନାଥ ନଗରର ସିନିୟର ସିଟିଜେନ୍ ଯୋଗ ଦେଇଥିଲେ।

## ପଟିଆଠାରେ ଜେ ଆଣ୍ଡ୍ ଟି ଜେମ୍ସ ଆଣ୍ଡ୍ ଜୁଏଲାରୀର ନୂତନ ମେଗା ଶୋ'ରୁମ୍



**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ଅଗ୍ରଣୀ ଜୁଏଲାରୀ ବ୍ରାଣ୍ଡ୍ ଜେ ଆଣ୍ଡ୍ ଟି ଜେମ୍ସ ଆଣ୍ଡ୍ ଜୁଏଲାରୀ ଏହାର ୫ମ ମେଗା ଶୋ'ରୁମ୍ ଭୁବନେଶ୍ୱରର ପଟିଆଠାରେ ଶୁଭାରମ୍ଭ କରିଛି। ୬୦୦୦ ବର୍ଗଫୁଟ ପର୍ଯ୍ୟବେସିତ ଏହି ଶୋ'ରୁମ୍‌କୁ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ କର୍ପୋରେଟର ମିହିର କୁମାର ରାଉତ, ପ୍ରୀତିନନ୍ଦା ରାଉତରାୟ, ମୋନାଲିସା ବେହେରା ଏବଂ ଅମରେଶ ଜେନା ମଧ୍ୟ ଉପସ୍ଥିତ ଥିଲେ। ଏହି ଶୋ' ରୁମ୍‌ର ମ୍ୟାନେଜିଂ ଡାଇରେକ୍ଟର ସୁରେଶ କୁମାର ଚୌଧୁରୀ ତାଙ୍କର ଆଗାମୀ ସଂପ୍ରସାରଣ ବିଷୟରେ କହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟଯେ, ଜେ ଆଣ୍ଡ୍ ଟି ଜେମ୍ସ ଆଣ୍ଡ୍ ଜୁଏଲାରୀର ଷ୍ଟୋର ଗୁଡିକ ଉତ୍ତମ ଗ୍ରାହକ ସେବା, ଉଚିତ୍ ମୂଲ୍ୟ ଏବଂ ଉତ୍କୃଷ୍ଟ ଡିଜାଇନ୍ ଉପରେ ଗୁରୁତ୍ୱ ଦେଇଥାଏ। ପୂର୍ବରୁ ଜାଗମରା, ମାଷ୍ଟର କ୍ୟାଣ୍ଟିନ୍, ବ୍ରହ୍ମପୁର ଏବଂ ବାଲେଶ୍ୱରଠାରେ ଏହାର ସୋରୁମ୍ ରହିଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଏହାର ଡାଇରେକ୍ଟର ମଧୁଶ୍ରୀ ଚୌଧୁରୀ, ବ୍ୟବସାୟ ମୁଖ୍ୟ ପ୍ରମୋଦ ରଥଙ୍କ ସହ ଅନେକ ଗ୍ରାହକ ଏବଂ ଅତିଥିମାନେ ଉପସ୍ଥିତ ଥିଲେ।

## ଦୈନିକ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବା ଉଚିତ୍: ବିଶେଷଜ୍ଞ

**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ବାଦାମକୁ ପ୍ରୋଟିନ ଯୁକ୍ତ ଖାଦ୍ୟ ଭାବେ ଗ୍ରହଣ କରିବା ଉଚିତ। ବାଦାମରେ ହେଲ୍‌ଦି ଫ୍ୟାଟ, ଖାଦ୍ୟୋପଯୋଗୀ ତନ୍ତୁ, ମ୍ୟାଗ୍ନେସିୟମ, ପଟାସିୟମ ଏବଂ ଜିଙ୍କ ଭଳି ୧୫ଟି ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ଭରିରହିଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ତେବେ ଏହାକୁ ଦୈନନ୍ଦିନ ଗ୍ରହଣ କରିବା ଦ୍ୱାରା, ଏହା ଅନେକ ଗୁଡ଼ିଏ ସ୍ୱାସ୍ଥ୍ୟ ଉପଯୋଗୀ ଉପକାର ପ୍ରଦାନ କରିଥାଏ। ଅନେକ ଲୋକ ଏହାକୁ ନେଇ ନିଜ ପସନ୍ଦର ଜଳଖିଆ ପ୍ରସ୍ତୁତ କରିବାକୁ ପସନ୍ଦ କରୁଥିବା ଜଣାପଡ଼ିଛି ବୋଲି ନ୍ୟୁଟ୍ରିସିଓନିଷ୍ଟ ଡ଼କ୍ଟର ରୋହିଣୀ ପାଟିଲ କହିଛନ୍ତି। ସେହିପରି ଉଚ୍ଚ ପ୍ରୋଟିନଯୁକ୍ତ ଆଲମଣ୍ଡ ମାଂସପେଶୀ ସ୍ୱାସ୍ଥ୍ୟ, ଦରକାରୀ ଶକ୍ତି ପ୍ରଦାନ ତଥା ସାମଗ୍ରିକ ସୁସ୍ଥତା ପ୍ରଦାନ କରିଥାଏ ବୋଲି ୱେଲନେସ କନସଲଣ୍ଟାଟ ଶୀଲା କ୍ରିଷ୍ଣାସ୍ୱାମୀ କହିଛନ୍ତି।

## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** କିଟ୍ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କିଟ୍‌ର ପ୍ରତିଷ୍ଠାତା ସଭ୍ୟ ତଥା ଅନୁଷ୍ଠାନର ସଭାପତି ଡଃ. ଚିତ୍ତ ରଞ୍ଜନ ମିଶ୍ରଙ୍କ ସମେତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଶିକ୍ଷକଶିକ୍ଷୟିତ୍ରୀ ତଥା ଅଣଶିକ୍ଷକ କର୍ମଚାରୀଙ୍କ ସମେତ ସମସ୍ତେ ଉପସ୍ଥିତ ରହି ପିଲାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡଃ. ମିଶ୍ର ପିଲାମାନଙ୍କ ଶୃଙ୍ଖଳିତ ଜୀବନ କିପରି ସେମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆଗାମୀ ଛାତ୍ରଛାତ୍ରୀଙ୍କ ପ୍ରେରଣାର ଉତ୍ସ ପାଲଟିଥିବା ଜେଇଇ ମେନ୍ ପରୀକ୍ଷାରେ ଶ୍ରେଷ୍ଠ ତାଲିକାରେ ସ୍ଥାନିତ ଏଗାର ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ ସହିତ ସାଇନ୍ସ ଅଲିମ୍ପିଆଡ୍ ଫାଉଣ୍ଡେସନ (ଏସ୍‌ଓଏଫ୍) ତରଫରୁ ପରିଚାଳିତ ବିଭିନ୍ନ ବିଭାଗରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀମାନଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା।

# ଶ୍ରୀ ଶ୍ୟାମ୍ ଫାଲ୍‌ଗୁନୀ ମହୋତ୍ସବ ସରିଲା

### ମହାଆଡ଼ମ୍ବରରେ ପାଳିତ ହେଲା ବାବାଙ୍କ ଜନ୍ମ ଦିବସ



**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ଝାରପଡ଼ା ସ୍ଥିତ ଶ୍ରୀ ଶ୍ୟାମ ମନ୍ଦିର ପରିସରରେ ଫାଲଗୁନୀ ମହୋତ୍ସବ ଆଜି ଶେଷ ହୋଇଛି। ମାରୱାଡି ସମ୍ପ୍ରଦାୟର ଶ୍ରଦ୍ଧାଳୁଙ୍କ ଦ୍ୱାରା ଦଶମୀଠାରୁ ପାଳିତ ହୋଇଥିବା ଏହି ମହୋତ୍ସବ ଆଜି ଶେଷ ଦିବସ ମହାଆଡ଼ମ୍ବର ସହକାରେ ପାଳିତ ହୋଇଛି। ଦିନ ତମାମ ମନ୍ଦିର ପରିସରରେ ଶ୍ରୀ ଶ୍ୟାମ ବାବାଙ୍କର ଜ୍ୟୋତି ପାଠ ଚାଲିଥିବା ବେଳେ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା।

ଆଜି ମନ୍ଦିର ପରିସରକୁ ଅତ୍ୟନ୍ତ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଥିଲା। ବିଶେଷକରି ବାବାଙ୍କୁ ମଧ୍ୟ ଅତ୍ୟନ୍ତ ସୁନ୍ଦର ଭାବେ ସାଜସଜ୍ଜା କରାଯାଇଥିଲା। ଯାହା ସମସ୍ତଙ୍କୁ ଆକର୍ଷିତ କରିଥିଲା। ଦିନତମାମ ମନ୍ଦିରରେ ପୂଜାର୍ଚ୍ଚନା ବିଭିନ୍ନ ରୀତିନୀତିରେ ଅନୁଷ୍ଠିତ ହୋଇଥିଲା। ଫଗୁଣ ଶୁକ୍ଳପକ୍ଷ ଦଶମୀରେ ବାବାଙ୍କର ନିଶାନ ଶୋଭାଯାତ୍ରାର ଆୟୋଜନ କରାଯାଇଥିବା ବେଳେ ଗତକାଲି ଅର୍ଥାତ ଫଗୁଣ ଶୁକ୍ଳପକ୍ଷ ଏକାଦଶୀ ଉପଲକ୍ଷେ ବାବାଙ୍କ ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାର୍ଚ୍ଚନା ସହ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହାବ୍ୟତୀତ ପ୍ରସାଦ ସେବନ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଆଜି ଫଗୁଣ ଶୁକ୍ଳପକ୍ଷ ଦ୍ୱାଦଶୀରେ ବାବାଙ୍କର ବିଭିନ୍ନ ରୀତିନୀତି ଶେଷ ହେବା ପରେ ୧୧ଟାରୁ ଶ୍ୟାମ ଜ୍ୟୋତି ପାଠ ଆରମ୍ଭ ହୋଇଥିଲା। ମନ୍ଦିର ପରିସରରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ବାବାଙ୍କୁ ପୂଜାର୍ଚ୍ଚନା କରିଥିଲେ। ବାବାଙ୍କ ଜନ୍ମ ଦିବସକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ବାବାଙ୍କର ଜନ୍ମ ଦିବସ ଉପଲକ୍ଷେ ମନ୍ଦିର ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ମିଠା, ପିଠା, ଚକ୍‌ଲେଟ୍ ଆଦି ବଣ୍ଟାଯାଇଥିଲା।

### ଭଜନ କୀର୍ତ୍ତନରେ ନାଚିଲେ ଶତାଧିକ ଶ୍ରଦ୍ଧାଳୁ



## ଗତିଶୀଳ ନାରୀ: ପ୍ରଗତି ଏବଂ ଆହ୍ୱାନ ସମ୍ପର୍କିତ ଆଲୋଚନାଚକ୍ର




**ଭୁବନେଶ୍ୱର,୧୧।୩/ଏନ୍ଏନ୍ଏସ୍:** ସାମାଜିକ ଏବଂ ଅର୍ଥନୈତିକ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ 'ଗତିଶୀଳ ନାରୀ: ପ୍ରଗତି ଏବଂ ଆହ୍ୱାନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରିଥିଲେ ଅନୁଷ୍ଠାନର ସଭାପତି ଡ. ରବି ନାରାୟଣ ସେନାପତି। ମୁଖ୍ୟଅତିଥି ଭାବେ ୟୁଏନ୍‌ଏଫ୍‌ପିଏ ରାଜ୍ୟ ମୁଖ୍ୟ ଡ. ମହମ୍ମଦ ନଦୀମ ନୂର ମହିଳା ମାନଙ୍କର ପ୍ରଗତିର ବିଭିନ୍ନ ଦିଗଗୁଡ଼ିକର ସମାଲୋଚନା ମୂଳକ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ଲୋକ ପ୍ରଶାସକ (ଆଞ୍ଚଳିକ ଶାଖା)ର ଅଧ୍ୟକ୍ଷ କରୁଣା କର ପଟ୍ଟନାୟକ ସାର୍ବଜନୀନ ବିକାଶ ପ୍ରକ୍ରିୟା ନାରୀ ସଂଚାଳିତ ହେବା ଆବଶ୍ୟକ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ସମ୍ପାଦିକା ପ୍ରଫେସର ଅନୀତା ଦାଶ ମହିଳାମାନଙ୍କର ଗତିଶୀଳତାରେ ପ୍ରଗତି ଓ ଆହ୍ୱାନ ଉଭୟକୁ ଗୁରୁତ୍ୱ ଦେଇ ଏକ ପୂର୍ଣ୍ଣାଙ୍ଗ ବିଶ୍ଳେଷଣ କରିଥିଲେ। ପ୍ୟାନେଲ୍ ଆଲୋଚନାରେ ଭାଗ ନେଇ ପ୍ରଫେସର କୁମର ବର ଦାସ , ସୁପ୍ରିମକୋର୍ଟ ଆଇନଜୀବୀ ବିରଜା ମହାପାତ୍ର ଓ ଡ. ଚିତ୍ତ ରଞ୍ଜନ ମିଶ୍ର ନାରୀ ପ୍ରଗତିର ସାମାଜିକ ପ୍ରତିବନ୍ଧକଗୁଡ଼ିକ ଉପସ୍ଥାପନ କରିଥିଲେ। ହେଲପ୍‌ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଭାରତୀ ଚକ୍ର ଏବଂ ବୁଦ୍ଧିଜୀବୀ ସ୍ୱଦେଶ ସୁନ୍ଦର ପଟ୍ଟନାୟକ ସ୍ୱତନ୍ତ୍ର ଭାବରେ ସନ୍ଦର୍ଭ ପାଠ କରିଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ଅନୁଷ୍ଠାନର ଉପସଭାପତି ଡ.ସରୋଜ ରଞ୍ଜନ ମାଣିଆ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ସୁଗ୍ମ ସମ୍ପାଦକ ଡ. ଅଖିଳ କୁମାର ସୁଆର। ସଭାରେ ବହୁ ଶିକ୍ଷାବିତ୍, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଅଂଶ ଗ୍ରହଣ କରିଥିଲେ

## ମୁହାଁଣ ଖୋଲାକୁ ନେଇ ଦୁଇ ଗାଁ ମଧ୍ୟରେ ସଂଘର୍ଷ ଘଟଣା

# ଉଭୟ ଗ୍ରାମର ୪୦ ଗିରଫ



**ବ୍ରହ୍ମପୁର, ୧୧।୩/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅନ୍ତର୍ଗତ ସମୁଦ୍ର କୂଳିଆ ଗାଁ ରମେୟାପାଟଣା ଓ କୁତୁର ଗ୍ରାମରେ ଦୁଇ ଦିନ ହେଲା ଲାଗିରହିଛି ଉତ୍ତେଜନା। ରମେୟପାଟଣା ଗ୍ରାମବାସୀ ସମୁଦ୍ର ଭିତରକୁ ଡଙ୍ଗା ନେବା ପାଇଁ ମେସିନ ସାହାର୍ଯ୍ୟରେ ମୁହାଣକୁ ଖୋଳିଥିଲେ । ଏହାକୁ ବିରୋଧ କରିଥିଲେ କୁତୁର୍ ଗ୍ରାମବାସୀ । ଫଳରେ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ସ୍ଥାନୀୟ ତହସିଲଦାର ଓ ପୋଲିସ ପହଞ୍ଚି ଉଭୟଙ୍କୁ ନେଇ ବୈଠକ କରିଥିଲେ ହେଲେ ସମାଧାନର ପନ୍ଥା ବାହାରି ପାରିନଥିଲା। ଏପରିକି ଉଭୟ ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ହିଁ ହାତାହାତି ହୋଇଥିଲେ। ଫଳରେ ଉଭୟ ଗ୍ରାମର ବହୁ ଲୋକ ଆହତ ହୋଇଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍‌ଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିବା ସହିତ ୪୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ୩ ପ୍ଲାଟୁନ ପୁଲିସ ମୁତୟନ କରାଯାଇଛି। ଅଞ୍ଚଳରେ କିଭଳି ଶାନ୍ତି ବଜାୟ ରହିବ ଏବଂ ମୁହାଣକୁ ନେଇ ସୃଷ୍ଟି ହେଉଥିବା ବିବାଦର କିଭଳି ସ୍ଥାୟୀ ସମାଧାନ ହେବ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସ୍‌ପି ସର୍ବଣା ବିବେକ୍ ବିବେକ ଏମ୍ କହିଛନ୍ତି।

# ଆସିକାରେ ୩୬ ଡିଗ୍ରୀ ଛୁଇଁଲା ତାପମାତ୍ରା

**ଆସିକା, ୧୧।୩/ଏନ୍ଏନ୍ଏସ୍:** ଆସିକା ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ମାର୍ଚ୍ଚ ମାସ ୨ୟ ସପ୍ତାହରୁ ଗ୍ରୀଷ୍ମର ପ୍ରକୋପ ଅସହ୍ୟ ହେବାରେ ଲାଗିଲାଣି । ଆସିକାରେ ଖରାର ପ୍ରକୋପ ବୃଦ୍ଧି ପାଇଚାଲିଥିବା ଯୋଗୁଁ ମଧ୍ୟାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ କେତେକ ସାହିବସ୍ତିର ରାସ୍ତା ଶୁନ୍‌ଶାନ୍ ହେବାରେ ଲାଗିଛି । ଦିନକୁ ଦିନ ଖରାର ପ୍ରକୋପ ବୃଦ୍ଧି ପାଇଚାଲିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ଜଳଛତ୍ର ଖୋଲିନଥିବା ଯୋଗୁଁ କେତେକ ପଥଚାରୀ ପାଣି ଟୋପାଏ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ମଙ୍ଗଳବାର ଆସିକା ସହରର ତାପମାତ୍ର ୩୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ପୂର୍ବାହ୍ନ ୮ଟା ପରଠାରୁ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଥିଲା । ସକାଳ ୧୦ଟା ଠାରୁ ଜନଜୀବନ ଗ୍ରୀଷ୍ମ ପ୍ରବାହରେ ସଂପୂର୍ଣ୍ଣ ରୂପେ ପ୍ରଭାବିତ ହୋଇଥିଲା ଗ୍ରୀଷ୍ମ ପ୍ରବାହ ଅବ୍ୟହତ ରହିବା ଯୋଗୁଁ ସବୁଠି ଖାଁ ଖାଁ ସୃଷ୍ଟି ହୋଇଥିଲା ବେଳେ ଅଧିକାଂଶ ବ୍ୟବସାୟ ପ୍ରତିଷ୍ଠାନ ଆପଣାଛାଏଁ ବନ୍ଦ ହୋଇଥିବା ଦେଖିବାକୁ ମିଳିଥିଲା । ଶୀତତାପ ନିୟନ୍ତ୍ରିତ କେତେକ ବ୍ୟବସାୟ ପ୍ରତିଷ୍ଠାନରେ ଭିଡ ଜମିଥିଲା । ଗ୍ରୀଷ୍ମର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଇଚାଲିଥିବା ଯୋଗୁଁ ଆସିକା ତଥା ଏହାର ଆଖପାଖ ଗ୍ରାମାଂଚଳର ଅଧିକାଂଶ କୂଅ, ପୋଖରୀ, ଗାଡିଆ ଶୁଷ୍କ ଅବସ୍ଥାକୁ ଆସିଯାଇଥିବା ବେଳେ ଯେଉଁ କେତେକ ପୋଖରୀରେ ପାଣି ରହିଛି ସେହିସବୁ ପୋଖରୀ ଗୁଡିକ ମଧ୍ୟରୁ କେତେକ ପୋଖରୀରେ ଛୋଟ ଛୋଟ ପିଲାମାନେ ଖେଳୁଥିବା ମଧ୍ୟ ଦେଖିବାକୁ ମିଳିଥିଲା । ମାର୍ଚ୍ଚ ମାସର ଦ୍ୱିତୀୟ ସପ୍ତାହରୁ ତାତି ଅସହ୍ୟ ହୋଗଲାଣି । ଆସିକା ସହର ତଥା ଏହାର ଆଖପାଖ କେତେକ ଅଂଚଳରେ ତାତି ବାରି ହୋଇପଡୁଛି । ପରିସ୍ଥିତି ଏଭଳି ହୋଇପଡିଛି ଯେ ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ଘରୁ ବାହାରିବା କଷ୍ଟକର ହୋଇପଡୁଛି । ଏବେଠୁ ରାସ୍ତାଘାଟ ଶୁନ୍‌ଶାନ୍ ହୋଇ ପଡୁଥିବା ଦେଖିବାକୁ ମିଳୁଛି । ଅସହ୍ୟ ତାତି ଯୋଗୁଁ ସାଧାରଣଜନତାଙ୍କୁ ଅଂଶୁଘାତର ଭୟ ଘାରୁଛି । ଆସିକା ବ୍ଲକ ପରିସରଭୁକ୍ତ ଅଧିକାଂଶ ଗ୍ରାମାଞ୍ଚଳରେ ପାନୀୟ ଜଳ ସଂକଟ ଲାଗିରହିଥିଲା ବେଳେ ଗ୍ରାମାଞ୍ଚଳ ଜନସାଧାରଣଙ୍କ ବାସ୍ତବ ସମସ୍ୟାକୁ ହୃଦୟଙ୍ଗମ କରି ପ୍ରଶାସନ ପକ୍ଷରୁ ପାନୀୟ ଜଳ ସଂକଟ ଦେଖା ଦେଉଥିବା ଗ୍ରାମାଞ୍ଚଳ ଗୁଡିକରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇବା ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଜଳଛତ୍ର ଖୋଲିବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢଦାବି ହେଉଛି ।

# ବ୍ଲକ୍ ପରିସରରେ ଧାରଣାଦେଲେ ଶତାଧିକ ଇ.ସି. ମହିଳା

**କୁକୁଡାଖଣ୍ଡି, ୧୧।୩/ଏନ୍ଏନ୍ଏସ୍:** କୁକୁଡାଖଣ୍ଡି ବ୍ଲକ ପରିସରରେ ଆଜି ଶତାଧିକ ମହିଳା ଇ.ସି ଗ୍ରୁପ ସଦସ୍ୟାମାନେ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ସେମାନଙ୍କ ଦାବି ମୁତାବକ ଓଡ଼ିଶାରେ କେନ୍ଦ୍ରୀୟ ସ୍କିମ୍ ଏନ୍.ଆରଏଲ୍.ଏମ୍. ଅନ୍ତର୍ଗତ ଓଡ଼ିଶା ଜୀବିକା ମିଶନ ଓଏଲଏମ ଏବଂ ଓଡ଼ିଶା ମିଶନ ଶକ୍ତି ଅଧିନରେ ବିଗତ ୩ ବର୍ଷରୁ ୨୫ ବର୍ଷ ଧରି କାର୍ଯ୍ୟରତ ଲକ୍ଷାଧକ ଇ.ସି. ସଦସ୍ୟଙ୍କୁ ରିଷ୍ଟକ୍‌ଚରିଙ୍ଗ ଆଳରେ ବାହାର କରିବା ପାଇଁ ସରକାରଙ୍କ ତରଫରୁ ଦୁଇଟି ନିର୍ଦ୍ଦେଶ ଆସିଛି । ଯାହାରି ଚିଠା ତାରିଖ ୦୮ ଏବଂ ୨୨.ରିଖରେ ନିର୍ଦ୍ଦେଶନାମା ପ୍ରଦାନ ନିମନ୍ତେ ଜାରି କରାଯାଇଛି । ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନୂତନ ଗାଇଡ୍‌ଲାଇନ୍ ଫଳରେ ରାଜ୍ୟରେ କାର୍ଯ୍ୟରତ ଲକ୍ଷାଧିକ ଇ.ସି ସଦସ୍ୟ ଓ ୬ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି, ସମ୍ପାଦକ ମିଶି ୧୨ ଲକ୍ଷ ମହିଳା, ଆନୁପାତିକ ହାରରେ ସିଆର୍‌ପି ଏବଂ ଏମ୍.ବି.କେମାନେ କର୍ମଚ୍ୟୁତ ହେବେ । ମିଶନ୍ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ଏହି ଇ.ସି.ମାନେ କୌଣସି ନିର୍ବାଚିତ ପ୍ରତିନିଧି ନୁହଁନ୍ତି । ପରନ୍ତୁ ଏମାନେ ଅନ୍ୟାନ୍ୟ କେନ୍ଦ୍ରୀୟ ସ୍କିମ୍ ଯଥା ଆଇ.ସି.ଡ଼ି.ଏସ୍.ର ଅଙ୍ଗନବାଡ଼ି, ମଧ୍ୟାହ୍ନ ଭୋଜନର ପାଚିକା ସହାୟିକା ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ଆଶାକର୍ମୀଙ୍କ ଭଳି ସଂପୃକ୍ତ ପରିସରର ମହିଳାମାନଙ୍କ ଦ୍ୱାରା ଚୟନ ପ୍ରକ୍ରିୟାରେ ମନୋନିତ ହୋଇ ଏନ୍.ଆର.ଏଲ୍.ଏମ୍ ସ୍କିମ୍ ଅଧୀନରେ କାର୍ଯ୍ୟ କରନ୍ତି । ଏମାନଙ୍କୁ ନିର୍ଦ୍ଦିଷ୍ଟ ଅବଧିରେ ବାହାର କରିବା କେବଳ ଏକ କର୍ପୋରେଟ ବାକ୍‌ଚାତୁରୀ ବ୍ୟତୀତ ଅନ୍ୟ କିଛି ହୋଇନପାରେ ବୋଲି ଅଭିଯୋଗ ହୋଇଛି । ତେଣୁ ଏତାଦୃଶ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର ଦାବିରେ ସଂଘ ତରଫରୁ ବ୍ଲକ୍ ଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ଆନ୍ଦୋଳନ ଜାରି ରହିଛି । ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ଇ.ସି. ସଦସ୍ୟଙ୍କ ରିଷ୍ଟ୍ରକ୍‌ଚରିଙ୍ଗ ବନ୍ଦ କରିବା, ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିରେ କାର୍ଯ୍ୟରତ ଇ.ସି. ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଆଦି ଦାବି କରାଯାଇଥିଲା। ଆନ୍ଦୋଳନରତ ମହିଳାମାନେ ବ୍ଲକର ସିଡିପିଓ କୁସୁମ କୁମାରୀ ସାହୁ, ଓଏଲଏମ ସଞ୍ଜୁ ସାହୁ, ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଧିକାରୀଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରିଥିଲେ। ବ୍ଲକ ଇସି ସଙ୍ଘର ସାଗରୀକା ବେହେରା, ଅଳକା ଦଳାଇ, ସଂଯୁକ୍ତା ମହାନ୍ତି, ଦେବକୀ ମଲ୍ଲିକ, ଜି. ଦ୍ରୋପଦି, ସମ୍ବରୀ ମଲ୍ଲିକ, ସୁକୁମାରୀ ମଲ୍ଲିକ, ସୁମିତ୍ରା ନାୟକ, ସୁକାନ୍ତି ମଲ୍ଲିକ, ରୁନି ଜେନାଙ୍କ ସମେତ ଶତାଧିକ ଇସି ସଦସ୍ୟ ଆନ୍ଦୋଳନରେ ସାମିଲ ଥିଲେ।

# ମହାନଗର ନିଗମ କର୍ମଚାରୀଙ୍କ ଇପିଏଫ୍ ବକେୟା ଅର୍ଥ ପୈଠ ଦାବି

**ବ୍ରହ୍ମପୁର, ୧୧।୩/ଏନ୍ଏନ୍ଏସ୍:** ବ୍ରହ୍ମପୁର ମହାନଗର ନିଗମର କର୍ମଚାରୀଙ୍କ ୨୦୧୦ ମସିହାରୁ ୨୦୧୨ ମସିହା ମଧ୍ୟରେ ରହିଥିବା ୩ ବର୍ଷର ଭବିଷ୍ୟନିଧି ପାଣ୍ଠି (ଇପିଏଫ) ବାବଦ ବକେୟା ଟଙ୍କା ତୁରନ୍ତ ପୈଠ ପାଇଁ ଦାବି କରିଛି ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ।

## ସମାଧାନ ନହେଲେ ଆଇନ୍‌ର ଆଶ୍ରୟ ନେବ ସଙ୍ଗଠନ

କର୍ମଚାରୀମାନେ ସେମାନଙ୍କ ଇପିଏଫ୍ ବାବଦ ବକେୟା ଅର୍ଥ ପାଇଁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ୍ୟ ଆଜି ସୁଦ୍ଧା ପୈଠ ହୋଇନଥିବା ଅଭିଯୋଗ କରିଛନ୍ତି । ଏନେଇ ଆଜି ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ ପକ୍ଷରୁ




ବ୍ରହ୍ମପୁର ଭବିଷ୍ୟନିଧି ପାଣ୍ଠି ସଂଗଠନ କାର୍ଯ୍ୟାଳୟରେ କମିଶନରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ସେମାନଙ୍କ ଅଭିଯୋଗ ଅନୁଯାୟୀ ନିଗମର କର୍ମଚାରୀମାନଙ୍କ ୨୦୧୦ରୁ ୨୦୧୨ ମଧ୍ୟରେ ରହିଥିବା ବକେୟା ଅର୍ଥ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୬୦ ଗୋଟି କିସ୍ତିରେ ଭରଣ କରାଯାଇଥିବା କୁହାଯାଇଛି । କିନ୍ତୁ ଏହି ଅର୍ଥ କର୍ମଚାରୀଙ୍କ ଇପିଏଫ୍ ଖାତାରେ ଜମା ହୋଇନାହିଁ । ବାରମ୍ବାର ଗୁହାରୀ ସତ୍ତ୍ୱେ ବ୍ରହ୍ମପୁର ଇପିଏଫ୍ କାର୍ଯ୍ୟାଳୟ ଆଦୌ କର୍ଣ୍ଣପାତ କରୁନାହିଁ । ଏନେଇ ପୂର୍ବରୁ ଗତ ୨୦୨୨ ମସିହା ନଭେମ୍ବର ୩୦ ତାରିଖରେ ଏବଂ ୨୦୨୩ ମସିହା ଫେବୃୟାରୀ ୧୪ ତାରିଖରେ ନିଗମର କମିଶନରଙ୍କୁ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ଏହାରି ଭିତରେ ଅନେକ କର୍ମଚାରୀ ଅବସର ନେଇଥିବା ବେଳେ ଆଉ କିଛି ମୃତ୍ୟୁବରଣ କଲେଣି । କିନ୍ତୁ କର୍ମଚାରୀଙ୍କ ଇପିଏଫ୍ ଅର୍ଥ ପୈଠ ହୋଇପାରିନାହିଁ । ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି କର୍ମଚାରୀ । ତେଣୁ ଆସନ୍ତା ୧୫ ଦିନ ମଧ୍ୟରେ ଇଫିଏଫ୍ ବକେୟା ଅର୍ଥ ପୈଠ ନ ହେଲେ ଆଇନ୍‌ର ଆଶ୍ରୟ ନିଆଯିବ ବୋଲି ଅଲ୍ ଇଣ୍ଡିଆ କଂଗ୍ରେସ ଜିଲ୍ଲା କମିଟିର ସାଧାରଣ ସମ୍ପାଦକ ଅଳକନାଥ ମିଶ୍ର ଏବଂ ପ୍ରଶାନ୍ତ ପାଟ୍ଟ ଯୋଶୀ ଚେତାବନୀ ଦେଇଛନ୍ତି । ଏହା ସହିତ ନିଗମର କର୍ମଚାରୀଙ୍କ ଇପିଏଫ୍ ଖାତା ଖୋଲିବା, ଇପିଏଫ୍ ଲାଗୁ ସହିତ କର୍ମଚାରୀଙ୍କ ଇଏସ୍‌ଆଇ ଲାଗୁ କରିବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି । ଦାବିପତ୍ରର ଏକକିତା ନକଲ ଭୁବନେଶ୍ୱର ଭବିଷ୍ୟନିଧି ମୁଖ୍ୟ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ବ୍ରହ୍ମପୁର ମହନାଗର ନିଗମ କମିଶନର, ଗଞ୍ଜାମ ଜିଲ୍ଲାପାଳ, ନିଗର ମେୟର, ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି ।

# ଦୋଳଯାତ୍ରା ପାଇଁ ଲାଲାଶାସନ ଗ୍ରାମ ଉତ୍ସବମୁଖର



**ଆସିକା, ୧୧।୩/ଏନ୍ଏନ୍ଏସ୍:** ଆସିକା ଏନଏସି ଅଧିନସ୍ଥ ୧୭ନମ୍ବର ୱାର୍ଡର ଲାଲାଶାସନ ଓ ଶାସ୍ତ୍ରୀନଗର ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଶ୍ରୀ ରାଧାକୃଷ୍ଣ ମହାପ୍ରଭୁଙ୍କ ପାରମ୍ପରିକ ଦୋଳଯାତ୍ରା ଆରମ୍ଭ ହୋଇସାରିଥିବା ବେଳେ ଏଥିପାଇଁ ସମଗ୍ର ଗ୍ରାମ ଉତ୍ସବମୁଖର ହୋଇଛି । ଐତିହ୍ୟ, ସଂସ୍କୃତି ଓ ଭାଇଚାରାର ଗ୍ରାମ ଲାଲାଶାସନ ଗ୍ରାମରେ ଦୋଳଯାତ୍ରା ମହାଆଡମ୍ବରରେ ପାଳିତ ହେଉଛି । ପବିତ୍ର ଦୋଳାଯାତ୍ରା ଅବସରରେ ପ୍ରଭୁ ରାଧାକୃଷ୍ଣଙ୍କୁ ଏକ ସୁସଜ୍ଜିତ ରଥରେ ଅଧିଷ୍ଠିତ କରାଯାଇ ରାତ୍ରରେ ବାଦ୍ୟ ବାଜଣାର ତାଳେତାଳେ ବିରାଟ ପଟୁଆରରେ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା । ଆସନ୍ତା ୨୨ ତାରିଖରେ ଉଦ୍‌ଯାପନୀ ଦିବସ ଅବସରରେ ପୌରାଣିକ ନାଟକ ମହାଭାରତ ପରିବେଷିତ ହେବ । ପାରମ୍ପରିକ ଦୋଳଯାତ୍ରାକୁ ସୁପରିଚାଳନା କରିବା ଦିଗରେ ଆଧାତ୍ମିକପ୍ରେମୀ ଅନନ୍ତ ଶତପଥୀ, ପ୍ରସନ୍ନ କୁମାର ତ୍ରିପାଠୀ, ପ୍ରମୋଦ କୁମାର ତ୍ରିପାଠୀ, ପ୍ରଦୀପ କୁମାର ଶତପଥୀ, ହେମନ୍ତ କୁମାର ଦାଶ, ରବିଲୋଚନ ଦାଶ, ବିଶିକେଶନ ଶତପଥୀ, ସଚ୍ଚିଦ୍ର କୁମାର ହୋତା, ଶିବପ୍ରସାଦ ଶତପଥୀ, ସୀତାରାମ ହୋତା, ଅଶୋକ ଦାଶ, ଚକ୍ରଧର ମିଶ୍ର, ଫକୀର ଦାଶ, ପଦ୍ମଲୋଚନ ଶତପଥୀ, ଉମା ମହେଶ୍ୱର ଦାଶ, ନିର୍ମଳ ଦାଶ, ଦୁତୀକୃଷ୍ଣ କର, ସୁରଜ କୁମାର ଦାଶ, ଦେବୀ ପ୍ରସାଦ ଶତପଥୀ, କମଳଲୋଚନ ମିଶ୍ର, ରତ୍ନାକର ଦାଶ,ସୀତାରାମ ଦାଶ, ଉପେନ୍ଦ୍ରନାଥ ମିଶ୍ର, ଗଙ୍ଗାଧର ଶତପଥୀ, ହିମାଂଶୁ ଶେଖର ମିଶ୍ର, ବଦ୍ରିନାରାୟଣ କର, ଶୁଭମ୍ ସାହୁ, ଆକାଶ ସାହୁ, ପ୍ରଶାନ୍ତ କୁମାର ତ୍ରିପାଠୀ, ହେମନ୍ତ ଦାଶ, ସିମାଂଚଳ ଶତପଥୀ, ପ୍ରଦୀପ କୁମାର ହୋତା, ବୀର ମିଶ୍ର, ପଦ୍ମଲୋଚନ ଶତପଥୀ, ମିଟିକ ତ୍ରିପାଠୀଙ୍କ ସମେତ ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରୁଛନ୍ତି । ଆସନ୍ତା ୧୪ ତାରିଖ ଶୁକ୍ରବାର ଦୋଳପୂର୍ଣ୍ଣମା ଦିନ ଠାକୁରଙ୍କ ଝୁଲଣ ଯାତ୍ରା ଓ ନୁଆଁପାଞ୍ଜି ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆସନ୍ତା ୨୧ ତାରିଖ ଦିନ ବିରାଟ ପଟୁଆରରେ ଶ୍ରୀ ରାଧାକୃଷ୍ଣ ମହାପ୍ରଭୁଙ୍କୁ ଗ୍ରାମ୍ୟ ପରିକ୍ରମା କରାଯିବା କାର୍ଯ୍ୟକ୍ରମ ରହିଥିବା ଜଣାଯାଇଛି ।

# ମୃତ୍ୟୁକାଳୀନ ସହାୟତା ରାଶି ହଡ଼ପ ଅଭିଯୋଗ



**ବ୍ରହ୍ମପୁର, ୧୧।୩/ଏନ୍ଏନ୍ଏସ୍:** ରାଜ୍ୟରେ ପ୍ରତ୍ୟୋକଟି ଅଣ କୁଶଳି ଶ୍ରମିକଙ୍କୁ ଚିହ୍ନଟ କରି କର୍ମନିଯୁକ୍ତି ସାଙ୍ଗକୁ ବିଭିନ୍ନ ସରକାରୀ ସହାୟତା ଯୋଗାଇ ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର । ଏହି କ୍ରମରେ ଶ୍ରମିକଙ୍କୁ ଚିହ୍ନଟ କରି ପରିଚୟପତ୍ର ପ୍ରଦାନ କରିବା ସହ ପ୍ରତି ବର୍ଷ ଶ୍ରମିକଙ୍କ ପରିଚୟ ପତ୍ରକୁ ନବୀକରଣ କରିବା ପାଇଁ ସରକାର ନିୟମ କରିଛନ୍ତି। ହେଲେ ଗଞ୍ଜାମ ଜିଲ୍ଲା ଶ୍ରମ ବିଭାଗ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ। ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ତଥ୍ୟରେ ଶ୍ରମ ବିଭାଗ ଅଧିକାରୀଙ୍କ ଅସଲମୁଖା ପଦାକୁ ଆସିଛି। ଅନେକ ମୃତ ବ୍ୟକ୍ତିଙ୍କ ରଦ୍ଦ ଥିବା ଶ୍ରମ କାର୍ଡର ପୁନଃ ପଞ୍ଜିକରଣ କରି ମୃତ୍ୟୁକାଳିନ ସହାୟତା ରାଶିକୁ ହଡପ କରାଯାଇଥିବା ନେଇ ଜୟ ଜଗନ୍ନାଥ ନିର୍ମାଣ ଶ୍ରମିକ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି । ଏନେଇ ସଂଗଠନ ପକ୍ଷରୁ ଶ୍ରମ ଯୁଗ୍ମ ଆୟୁକ୍ତଙ୍କୁ ପୂର୍ବରୁ ଦୃଷ୍ଟି ଆକର୍ଷଣ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ନେଇ ଅଭିଯୋଗ ହୋଇଛି । ଶେଷରେ ବାଧ୍ୟ ହୋଇ ଆଜି ଜୟ ଜଗନ୍ନାଥ ନିର୍ମାଣ ଶ୍ରମିକ ସଙ୍ଗଠନ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିସନରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପୁଣି ଥରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହାର ତଦନ୍ତ କରିବା ଲାଗି ଦାବି କରିଛି ସଙ୍ଗଠନ । ଶ୍ରମ କାର୍ଯ୍ୟାଳୟ ବର୍ତ୍ତମାନ ଦଲାଲଙ୍କ କବଳରେ ରହିଛି । ଜଣେ ଶ୍ରମିକ ଲେବର କାର୍ଡ ଖଣ୍ଡିଏ ପାଇଁ ଦୌଡ଼ି ଦୌଡି ନୟାନ୍ତ ବେହା ସହ କାର୍ଡ ରିନ୍ୟୁ କରିବା କଷ୍ଟକର ହୋଇପଡୁଛି । ଏପରିକି ହାତଗୁଞ୍ଜା ନ ଦେଲେ କାମ ଆଗକୁ ବଢୁନଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି । ଏଭଳି ପରିସ୍ଥିତିରେ ସୁଚନା ଅଧିକାର ଆଇନ ବଳୟରେ ମିଳିଥିବା ତଥ୍ୟ ହିଁ ଶ୍ରମ ବିଭାଗ କାର୍ଯ୍ୟାଳୟରେ ଚାଲିଥିବା ଦୁର୍ନୀତିର ପୋଲ ଖୋଲି ଦେଇଛି । ନିୟମ ମୁତାବକ ପ୍ରତି ଏକ ବର୍ଷ ବ୍ୟବଧାନରେ ଶ୍ରମିକ ନିଜେ ଉପସ୍ଥିତ ରହି ନିଜ ଶ୍ରମିକ କାର୍ଡର ରିନ୍ୟୁ କରିବା କଥା ହେଲେ ତାଙ୍କ ଅନୁପସ୍ଥିତିରେ କିଭଳି ଏହା ସମ୍ଭବ ହେଲା ବୋଲି ପ୍ରଶ୍ନ କରିଛି ଶ୍ରମିକ ସଂଗଠନ। ଖାଲି ସେତିକି ନୁହେଁ ଶ୍ରମିକଙ୍କ କିମ୍ବା ତାଙ୍କର ସନ୍ତାନଙ୍କ ବିବାହ ପଞ୍ଜିକରଣରେ ମଧ୍ୟ ମହା ବ୍ୟତିକ୍ରମ ହେଉଥିବା ନେଇ ଅଭିଯୋଗ ଆସିଥିବା ବେଳେ ଏହାର ଉଚ୍ଚ ସ୍ତରର ତଦନ୍ତ କରି ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି । ଦାବିପତ୍ର ପ୍ରଦାନ ବେଳେ ରାଜକୁମାର ମହାପାତ୍ର, ଅଳକନାଥ ମିଶ୍ର, ଆଦିତ୍ୟ ନାରାୟଣ ରଥ, ପ୍ରବୀନ କୁମାର ପଟ୍ଟ ନାୟକ, ପ୍ରିତେଶ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକ୍‌ସ୍ତରୀୟ ନିପୁଣ ଓଡ଼ିଶା ମେଳା


**ପୁରୁଷୋତ୍ତମପୁର, ୧୧।୩/ଏନ୍ଏନ୍ଏସ୍:** ପୁରୁଷୋତ୍ତମପୁର ବ୍ଲକ ଅରଖପୁର ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍ ସ୍ତରୀୟ ନିପୂଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅରୁଣ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ପୁରୁଷୋତ୍ତମପୁର କାଉନସିଲର ଭାସ୍କର ବେହେରା, ସମ୍ମାନୀତ ଅତିଥି ଭାବେ ନିପୂଣ ଓଡ଼ିଶାର ବ୍ଲକ ସଭାପତି ଏସ୍. ଗିରିଧାରୀ, ବିଇଓ ରାଜକିଶୋର ବେହେରା, ଆରଖପୁର୍ ପଞ୍ଚାୟତ ନାଏବ ସରପଞ୍ଚ ରୀନା ଖୁଣ୍ଟିଆ, ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ଦାଶ, ଯୁବ ସାମ୍ବାଦିକ ସମାଜସେବୀ ତ୍ରିଲୋଚନ ଦାଶ, ଅରଖପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ବିଷୋୟୀ, ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧୋବା ସାହୁ, ବିଆର୍‌ସିସି ଆରକେ ସାହୁ, ଓମ୍ ପ୍ରକାଶ ନାରାୟଣ ପଣ୍ଡା, ଏବିଇଓ କିଶୋର ଚନ୍ଦ୍ର ସାହୁ, ସିଆରସିସି ହେମନ୍ତ କୁମାର ବେହେରା, ଖଡ଼ବାଇ ସି ଆରସିସି ପ୍ରଦୀପ କୁମାର ବେହେରା, ଭୁତସରସିଙ୍ଗି ସିଆରସିସି, ଭଗବାନ ସାହୁ, ସିଆରସିସି କାଳି ଚରଣ ଗୌଡ, ବାଘଳ ସିଆରସିସି ସୁଶାନ୍ତ କୁମାର ପୋଲାଇ ମଞ୍ଚସିନ ଥିଲେ । ନିପୁଣ ଓଡ଼ିଶା ସଭାପତି ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ଭାଷା ଓ ସଂଖ୍ୟା ତଥା ମୌଳିକ ଶିକ୍ଷା ଜ୍ଞାନ ବିଷୟରେ ଅବଗତ କରାଇଥିଲେ । ପ୍ରସନ୍ନ କୁମାର ଦାଶ ଜଣେ ଗରିବ ଚାଷୀ ଘରର ପିଲା କେମିତି ଓଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଇଥିଲେ ତାହାରି ଉପରେ ଉଦାହରଣ ଦେଇ ପିଲାମାନଙ୍କୁ ଭଲ ପାଠ ପଢି ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅରୁଣ କୁମାର ପଣ୍ଡା ପ୍ରଧାନମନ୍ତ୍ରୀଙ୍କ ନିପୁଣ ମେଳାର ଉଦେଶ୍ୟ ଜ୍ଞାପନ କରିଥିଲେ। କାଉନସିଲର ଭାସ୍କର ବେହେରା ନିପୁଣ ଓଡ଼ିଶା ମେଳାର ଅର୍ଥ ପିଲାମାନଙ୍କୁ ବୁଝାଇ କହିଥିଲେ । ଏଠାରେ ପଡିଥିବା ୫ଟି ଷ୍ଟଲ ବୁଲି ଦେଖିଥିଲେ ଅଭିଭାବକ। ଏହି ଅବସରରେ ୧୩ଟି କ୍ଲଷ୍ଟରର ୧୩ ଜଣ ଶିକ୍ଷକ ଓ ଭୁତସରସିଙ୍ଗି କ୍ଲଷ୍ଟରର ୧୨ ଜଣ ଶିକ୍ଷକଙ୍କୁ ପ୍ରଶଂସା ପାତ୍ର ପ୍ରଦାନ କରାଯାଇଥିଲା। ୧୭୦ ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ କାନକା ସିଆରସିସି ହେମନ୍ତ କୁମାର ବେହେରା ସଂଯୋଜନା କରିଥିବା ବେଳେ ଏବିଇଓ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ବାଲିଗୁଡ଼ା, ୧୧।୩/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ବାଲିଗୁଡାସ୍ଥିତ ଆଦିବାସୀ ମହାବିଦ୍ୟାଳୟ ପରିସରରେ ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି । ଏଥିରେ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ସି ମୁଖ୍ୟ ଅତିଥି ଭାବରେ ଯୋଗଦେଇ +୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଶିବିରକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରି ଉପସ୍ଥିତ ଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ କରିବା ସହ ସମସ୍ତ ଛାତ୍ରୀମାନେ ନିଶ୍ଚିତ ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଫଳ କରିବାକୁ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ କାର୍ଯ୍ୟକ୍ରମର ସଂଯୋଜିକା ତଥା ଇଂରାଜୀ ବିଭାଗ ଅଧାପିକା ଅରୁନ୍ଧତୀ ପ୍ରଧାନ, ରାଜନୀତି ବିଜ୍ଞାନ ବିଭାଗ ଅଧାପିକା ଡ.ସଂଯୁକ୍ତା ନାୟକ ଓ ପଦାର୍ଥ ବିଜ୍ଞାନ ବିଭାଗର ଅଧାପକ ପ୍ରଦୀପ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରଶିକ୍ଷଣ ଶିବିରର ଗୁରୁତ୍ୱ ସମ୍ପର୍କରେ ଉପସ୍ଥାପିତ କରିଥିଲେ। ଏହି ଶିବିର ୧୦ ଦିନ ପର୍ଯ୍ୟନ୍ତ ଚାଲିବ, ଏଥିରେ ଛାତ୍ରୀମାନଙ୍କୁ ନିଜେ ନିଜର ଆତ୍ମ ସୁରକ୍ଷା କିପରି କରିପାରିବେ, ସେ ନେଇ ପ୍ରଶିକ୍ଷଣ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଅଧାପିକା ଡ.ସଂଯୁକ୍ତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିରଞ୍ଚି ନାରାୟଣ ମନ୍ଦିରରେ ଦୋଳ ମେଲଣ ଉତ୍ସବ

**ବୁଗୁଡ଼ା, ୧୧।୩/ଏନ୍ଏନ୍ଏସ୍:** ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ପବିତ୍ର ଫଗୁ ଦଶମୀ ଠାରୁ ବୁଗୁଡ଼ାରେ ଦୋଳମେଲଣ ଉତ୍ସବ ଆରମ୍ଭ ହୋଇଯାଇଛି । ଫଗୁ ଦଶମୀରେ ମନ୍ଦିରରେ ରାଧାକୃଷ୍ଣଙ୍କ ଫଗୁ ଖେଳ ଏବଂ ଏକାଦଶୀରେ ବେଢା ପରିକ୍ରମା କାର୍ଯ୍ୟକ୍ରମ ଯଥା ରୀତିନୀତି ଅନୁଷ୍ଠିତ ହୋଇଥିଲା । ଦ୍ୱାଦଶୀରୁ ପ୍ରତ୍ୟେକ ସନ୍ଧ୍ୟାରେ ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରୁ ରାଧାକୃଷ୍ଣଙ୍କୁ ଦୋଳବିମାନରେ ଉପବେଶନ କରାଇ ବାଦ୍ୟ ବାଜଣା ସହ ନଗର ଭ୍ରମଣ କରାଯାଉଥିବା ବେଳେ ଠାକୁର ଦର୍ଶନ ସହ କୃପା ଭିକ୍ଷା ପାଇଁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସମାବେଶ ହେଉଛି । ଉକ୍ତ ଉତ୍ସବ ଅବସରରେ ପବିତ୍ର ଫାଲଗୁନ ଶୁକ୍ଳ ଚର୍ତୁଦଶୀ ତିଥିରେ ହୋଲିକା ଦହନ ବା ରାଜାଗ୍ନି କାର୍ଯ୍ୟକ୍ରମ ଏବଂ ପୂର୍ଣ୍ଣମୀରେ ବଡଦାଣ୍ଡଠାରେ ଦୋଳମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶ୍ରୀ ବିରଞ୍ଚିନାରାୟଣ ମଠ ମହନ୍ତି ଭକ୍ତରାମ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଉତ୍ସବ ଅବସରରେ ଠାକୁରଙ୍କ ପୂଜାପାଠ ରୀତିନୀତି ପ୍ରକାରେ ପୂଜାରୀ ଉମାକାନ୍ତ ଦାଶଙ୍କ ଦ୍ୱାରା ସମ୍ପାଦନ ହେଉଅଛି । ସେହିପରି ବଳଦେବ ମନ୍ଦିରରେ ପୂଜାପାଉଥିବା ଦୋଳଗୋବିନ୍ଦଙ୍କ ଯାତ୍ରା ସହ ଠାକୁରଙ୍କ ନଗର ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି।



## ଲକ୍ଷପତି ଦିଦି ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା

# ସଶକ୍ତ ଓ ସ୍ୱାବଲମ୍ବୀ ହେବେ ମହିଳା: ଜିଲ୍ଲାପାଳ

**ଛତ୍ରପୁର, ୧୧।୩/ଏନ୍ଏନ୍ଏସ୍:** ମିଶନ୍ ଶକ୍ତି ବିଭାଗ ଅନ୍ତର୍ଗତ ଓଡିଶା ଜୀବିକା ମିଶନ୍ ଦ୍ୱାରା ଓଡିଶାର ପ୍ରତ୍ୟେକ ମହିଳାଙ୍କ ଆର୍ଥିକ ସ୍ଥିତି ସୁଦୃଢ ହୋଇ ସେମାନେ କେମିତି ସ୍ୱାବଲମ୍ବୀ ହୋଇ ପାରିବେ ସେହି ଲକ୍ଷ୍ୟ ନେଇ "ଲକ୍ଷପତି ଦିଦି" କାର୍ଯ୍ୟକ୍ରମ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା ସ୍ଥାନୀୟ ଅନସ୍ଲୋ ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରତ୍ୟେକ ମହିଳାଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଲକ୍ଷ୍ୟନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ "ଲକ୍ଷପତି ଦିଦି" କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା କହିଥିଲେ । ମହିଳାମାନଙ୍କୁ ଆତ୍ମ ସ୍ୱାବଲମ୍ବୀ କରିବା, ବିଭିନ୍ନ ବିଭାଗ ଦ୍ୱାରା ସେମାନଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ଉପରେ ଆଲୋଚନା ହୋଇଥିଲା । ପ୍ରତ୍ୟେକ ମହିଳା କୃଷି ଓ ବ୍ୟବସାୟ ସମ୍ପର୍କିତ ଜ୍ଞାନ ଆହରଣ କରି ବିଭିନ୍ନ ବିଭାଗ ଦ୍ୱାରା ପ୍ରଦତ୍ତ ଯୋଜନାରେ ସାମିଲ ହୋଇ ସେଥିରୁ ଉପକୃତ ହୋଇ ନିଜକୁ ସୁଦୃଢ଼ କରିପାରିବେ । କୃଷିଭିତ୍ତିକ ପନିପରିବା ଚାଷ ତଥା ବ୍ୟାଙ୍କ ସେବା ମାଧ୍ୟମରେ ବିଭିନ୍ନ ରୋଜଗାର ପନ୍ଥା ଗ୍ରହଣ କରି ନିଜର ଆର୍ଥିକ ମାନଦଣ୍ଡର ଉନ୍ନତି ଆଣି ନିଜେ ସ୍ୱାବଲମ୍ବୀ ହେବା ସହ ନିଜ ପରିବାର ବର୍ଗଙ୍କ ଉନ୍ନତି ଦିଗରେ ଯଥା ଶିକ୍ଷା, ସ୍ୱାସ୍ଥ୍ୟର ଯତ୍ନ ନେଇପାରିବେ । କର୍ମଶାଳା ପ୍ରରମ୍ଭରେ ଓଡିଶା ଜୀବୀକା ମିଶନ୍‌ର ଜିଲ୍ଲା ଯୋଜନା ଅଧିକାରୀ ସନ୍ତୋଷ ରଥ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । କୃଷି, ଉଦ୍ୟାନ,ପଶୁ ସମ୍ପଦ, ମସ୍ୟ ବିଭାଗ ପକ୍ଷରୁ ଲକ୍ଷପତି ଦିଦି ନିମିତ୍ତ କଣ ସବୁ ଯୋଜନା ରହିଛି ଏବଂ ତାହାର ଲାଭ ସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, ଉଦ୍ୟାନ ବିଭାଗୀୟ ଉପ ନିର୍ଦ୍ଦେଶକ କନ୍ଦ ଜେନା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ଶୁଭ୍ରକାନ୍ତ ମହାନ୍ତି, ଜିଲ୍ଲା ମସ୍ୟ ସମ୍ପଦ ଅଧିକାରୀ ନିମାଇଁ ଚରଣ ବସ୍ତି, ଲିଡ୍ ବ୍ୟାଙ୍କ ପରିଚାଳକ ହିମାଞ୍ଚଳ ସାହୁ, ଜିଲ୍ଲା ଶିଳ୍ପ ବିଭାଗ ସାଧାରଣ ପରିଚାଳକ ହୃଷିକେଶ ବେହେରା, ଓରମାସ୍ ଡେପୁଟି ସିଇଓ ସତ୍ୟ ସୁନ୍ଦର ପାଇଟାଲ ପ୍ରମୁଖ କହିଥିଲେ। ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ଦୁଇ ହଜାରରୁ ଅଧିକ ମହିଳା ଅଂଶ ଗ୍ରହଣ କରିଥିଲେ।

# ଦିଗପହଣ୍ଡି ବୋମାମାଡ଼ ଘଟଣାରେ ୨ ଗିରଫ

**ବ୍ରହ୍ମପୁର, ୧୧।୩/ଏନ୍ଏନ୍ଏସ୍:** ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁର ଗ୍ରାମର ଔଷଧ ଦୋକାନୀ ଉପରକୁ ଗତ ରବିବାର ରାତିରେ ହୋଇଥିବା ବୋମାମାଡ଼ ଘଟଣାରେ ଦୁଇଜଣଙ୍କୁ ଗିରଫ କରିଛି ପୁଲିସ । ଗିରଫଙ୍କ ମଧ୍ୟରେ ଗୋକର୍ଣ୍ଣପୁର ଗ୍ରାମର ଏଚ୍. ଶିବା ରେଡ଼ୀ ଓ ଏଚ୍. ଚିନ୍ତାମଣି ରେଡ଼ୀ ରହିଛନ୍ତି। ସେମାନଙ୍କ ନିକଟରୁ ବୋମାରେ ବ୍ୟବହୃତ କାଚଗୁଣ୍ଡ, ଗନ୍‌ପାଉଡ଼ର, ପେଟ୍ରୋଲ ଆଦି ଜବତ ହୋଇଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି ବୋମାମାଡ଼ ଘଟଣା ହୋଇଥିବା ପୁଲିସର ତଦନ୍ତ ବେଳେ ଜାଣିପାରିଛି। ସୂଚନାଥାଉକି ଦିଗପହଣ୍ଡି ଥାନା ଅନ୍ତର୍ଗତ ଗୋକର୍ଣ୍ଣପୁର ଗ୍ରାମ ମୁଖ୍ୟ ରାସ୍ତା ଉପରେ ଥିବା ଔଷଧ ଦୋକାନକୁ ଟାର୍ଗେଟ କରି ଦୁର୍ବୃତ୍ତ ବୋମାମାଡ଼ କରିଥିଲେ। ୩ଜଣ ଦୁର୍ବୃତ୍ତ ଏକ ମୋଟର ସାଇକେଲରେ ଆସି ଔଷଧ ଦୋକାନ ମାଲିକ ପ୍ରହ୍ଲାଦ ଡ଼ାକୁଆକୁ ଟାର୍ଗେଟ କରି ୩ଟି ବୋମା ଫିଙ୍ଗିଥିଲେ ।

# ଗ୍ରୀଷ୍ମପ୍ରବାହ ପରିଚାଳନା ନେଇ ସଚେତନତା ଓ ଯୋଜନା ପ୍ରସ୍ତୁତି ବୈଠକ



**ଫୁଲବାଣୀ, ୧୧।୩/ଏନ୍ଏନ୍ଏସ୍:** କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମପ୍ରବାହ ପରିଚାଳନା ନେଇ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସଚେତନତା ସୃଷ୍ଟି ଓ ଯୋଜନା ପ୍ରସ୍ତୁତି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟକାରିତା, କଣ୍ଟ୍ରୋଲ୍ ରୁମ୍ ଟେଲିଫୋନ୍ ନମ୍ବର, ଦାୟିତ୍ୱରେ ଥିବା ନୋଡାଲ୍ ଅଫିସରଙ୍କ ନାମ ଦର୍ଶାଇବା, ଅଂଶୁଘାତ ଲକ୍ଷଣ ଓ ପ୍ରତିକାର, ଅଂଶୁଘାତରେ ଆକ୍ରାନ୍ତ ନ ହେବା ପାଇଁ କ'ଣ କରିବା ଉଚିତ୍ ଓ ଅନୁଚିତ୍, ଅଂଶୁଘାତରେ ଆକ୍ରାନ୍ତ ହେଲେ, ଚିକିତ୍ସା ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ପରିଚାଳନା ଭଳି ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଯୋଗଦେଇ ଅଂଶୁଘାତରେ ମୃତ୍ୟୁ ଖବର ପାଇବାପରେ ଯୁଗ୍ମ ତଦନ୍ତ କରି ପ୍ରାଥମିକ ବିବରଣୀ ପ୍ରଦାନ କରିବା ସହିତ ମୃତ୍ୟୁ ଖବର ପାଇବାର ୪୮ ଘଣ୍ଟା ମଧ୍ୟରେ ଶବବ୍ୟବଚ୍ଛେଦ ବିବରଣୀ ସହ ଚୂଡ଼ାନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ଦେବା ପାଇଁ ତହସିଲ୍‌ଦାର୍ କିମ୍ବା ଅତିରିକ୍ତ ତହସିଲ୍‌ଦାର୍‌ମାନଙ୍କୁ ପରାମର୍ଶ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ପରିଷଦ ଓ ପୌରପାଳିକା ନିର୍ବାହୀ ଅଧିକାରୀ ସେମାନଙ୍କ ଅଞ୍ଚଳରେ ଜଳଛତ୍ର ଖୋଲିବା ସହିତ ସେଗୁଡ଼ିକ ଠିକ୍‌ରେ କାର୍ଯ୍ୟ କରୁଛିକି ନାହିଁ ଜାଣିବା ପାଇଁ ସେମାନଙ୍କ ଅଧୀନରେ କାର୍ଯ୍ୟକରୁଥିବା କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଆପାତକାଳୀନ ଅଧିକାରୀ ରଞ୍ଜନ କୁମାର ମାର୍ଥା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ କୁମାର ପାଢ଼ୀ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଦେବଜାନୀ ଭୁୟାଁ, ବାଲିଗୁଡ଼ା ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ରଙ୍କ ସମେତ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିଲେ।

ନିତି ଭାରତୀ | ପ୍ରତ୍ୟେକ ଆତ୍ମାରେ ପରମାତ୍ମା ପାଲଟିବାର ଶକ୍ତି ରହିଛି । - ମହାବୀର ଜୈନ

NITIDIN
ନିତିଦିନ
ବୁଧବାର, ୧୨ ମାର୍ଚ୍ଚ, ୨୦୨୫

# ଭୂ-ତାପଜ ବିଦ୍ୟୁତ୍ ଶକ୍ତି: ସ୍ଥାୟୀ ଓ ପ୍ରଦୂଷଣମୁକ୍ତ ଓଡ଼ିଶାର ଆଶା ଓ ଭବିଷ୍ୟତ



ବିଜୟକୃଷ୍ଣ ବେହେରା

କୌଣସି ଦେଶର ମାନବ ବିକାଶ ସୂଚକ (ହ୍ୟୁମ୍ୟାନ୍ ଡେଭଲପମେଣ୍ଟ ଇଣ୍ଡେକ୍ସ-ଏଚ୍‌ଡିଆଇ) ସେହି ଦେଶର ଶକ୍ତି ବ୍ୟୟ ହାର ସହିତ ସିଧାସଳଖ ସଂପୃକ୍ତ । ଅଧିକ ଶକ୍ତି ବ୍ୟୟ କରିବାର ଅର୍ଥ ହେଉଛି, ଉନ୍ନତ ଜୀବନଯାପନର ମାନ, ଉନ୍ନତ ସ୍ୱାସ୍ଥ୍ୟ, ଏବଂ ଉନ୍ନତ ଶିକ୍ଷା । ଏଠାରେ ସୂଚନାଯୋଗ୍ୟ ଯେ ପ୍ରତି ଦିନ ପ୍ରଦୂଷଣ ସୃଷ୍ଟି କରୁଥିବା ଜୀବାଶ୍ମ ଇନ୍ଧନ ଦୁନିଆରେ ବ୍ୟବହୃତ ହେଉଥିବା ଇନ୍ଧନର ୮୦ ପ୍ରତିଶତରୁ ଅଧିକ । ଜୀବାଶ୍ମ ଇନ୍ଧନ ଯଥା କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ଯାହା ବିଶ୍ୱ ତାପନର ଏକ ମୁଖ୍ୟ କାରଣ ଅଟେ । ଦ୍ୱିତୀୟତଃ, ଏହା ମଧ ନବୀକରଣ ଅଯୋଗ୍ୟ । ଏହିପରି ସ୍ଥିତିକୁ ଆଖି ଆଗରେ ରଖି ବିଶ୍ୱର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମକୁ ଏକ ବିକଳ୍ପ ତଥା ସ୍ଥାୟୀ ପ୍ରଦୂଷଣମୁକ୍ତ ଶକ୍ତିର ଅନୁସନ୍ଧାନ ଏବଂ ଅନୁସ୍ଥାପନ କରିବା ଉଚିତ୍ । ଭୂ-ତାପଜ ବିଦ୍ୟୁତ୍ ଶକ୍ତି (ଜିଓଥର୍ମାଲ ଇଲେକ୍ଟ୍ରିକ୍ ଏନର୍ଜି) ଏହିପରି ଏକ ବିକଳ୍ପ ଶକ୍ତିର ଉତ୍ସ । ଏହା ପରିବେଶ ଅନୁକୂଳ, କାରଣ ଏହାର ଶକ୍ତି ଉତ୍ପାଦନରେ କୌଣସି କାର୍ବନ ନିଷ୍କାସିତ ହୁଏନାହିଁ । ପୃଥିବୀର ଆଭ୍ୟନ୍ତରୀଣ ଭୂ-ତାପଜ ଶକ୍ତି ପ୍ରତି ଘଣ୍ଟାରେ ୪୪±୨ ଟେରାୱାଟ୍ ହାରରେ ପୃଥିବୀ ପୃଷ୍ଠକୁ ପ୍ରବାହିତ ହୁଏ, ଯାହା ବିନା ଉପଯୋଗରେ ବାୟୁମଣ୍ଡଳରେ ଲୁପ୍ତ ହୋଇଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୃଥିବୀ ପୃଷ୍ଠରୁ ମାତ୍ର ୧୦ କି.ମି. ଗଭୀରତା ଭିତରେ ଥିବା ତାପର ପରିମାଣ ପୃଥିବୀରେ ଥିବା ସମସ୍ତ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ସମ୍ପଦ ତୁଳନାରେ ୫୦,୦୦୦ ଗୁଣ ଅଧିକ, ଯେତେବେଳେ କି ପୃଥିବୀର ଭୂପୃଷ୍ଠରୁ ଅନ୍ତଃକୋର୍‌ର ଗଭୀରତା ହେଉଛି ୬,୩୭୮ କି.ମି. । ଏହା ଦେଖି ଆମେ ଭଲ ଭାବେ ଅନୁମାନ କରି ପାରିବା ଯେ ଆମ ମାଟି ମା' ଆମ ପାଇଁ କେତେ ବିଶାଳ ଶକ୍ତିର ଉତ୍ସ ଧାରଣ କରି ରଖିଛି ।

ହାରାହାରି ଭାବରେ, ବିଶ୍ୱ ତାପମାତ୍ରା ଶତାବ୍ଦୀର ଶେଷ ବେଳକୁ ୩.୨ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା ରହିଛି- ଯାହା ଆହୁରି ଜଳବାୟୁ ସଂକଟର ଭୟାବହତାକୁ ବୃଦ୍ଧି କରିଛି । ଏହି ସଂକଟର ମୁକାବିଲା ପାଇଁ ଜୀବାଶ୍ମ ଇନ୍ଧନର ବିକଳ୍ପରେ ଅନେକ ନବୀକରଣଯୋଗ୍ୟ ଶକ୍ତି ସମ୍ପଦ ଉନ୍ମୋଚିତ ହୋଇଛି । ସେଗୁଡ଼ିକ ହେଲା: ଭୂ-ତାପଜ ଶକ୍ତି, ପବନ ଶକ୍ତି, ତରଙ୍ଗ ଶକ୍ତି, ଜୁଆର ଶକ୍ତି, ଜୈବିକ ଶକ୍ତି, ପରମାଣୁ ଶକ୍ତି, ଜଳ ବିଦ୍ୟୁତ୍ ଶକ୍ତି, ଗ୍ରୀନ ହାଇଡ୍ରୋଜେନ୍ ଶକ୍ତି ଏବଂ ସୌର ଶକ୍ତି । ଭୂ-ତାପଜ ଶକ୍ତି ତୁଳନାରେ ଅଧିକାଂଶ ନବୀକରଣଯୋଗ୍ୟ ଶକ୍ତି ସମ୍ପଦଗୁଡ଼ିକର ନିଜସ୍ୱ ତ୍ରୁଟି ରହିଛି । ପବନ ଏବଂ ସୌର ଶକ୍ତିଗୁଡ଼ିକ ସେତେ ପରିବେଶ ଅନୁକୂଳଗାମୀ ନୁହନ୍ତି । ଏଗୁଡ଼ିକ ସ୍ୱଅର୍ଜିତ ଗ୍ରୀନ୍ ହାଉସ ଗ୍ୟାସ ହ୍ରାସ କରିବାରେ ଅପୂର୍ବ ମହଙ୍ଗା ସାବ୍ୟସ୍ତ ହୁଅନ୍ତି । ରାତିରେ ଓ ମେଘୁଆ ଆକାଶରେ ଶକ୍ତି ଉତ୍ପାଦନ କରିବାରେ ଏହାର ଅନ୍ତର୍ନିହିତ ଅକ୍ଷମତା ହେତୁ ସୌର ଶକ୍ତିର ମାତ୍ର ୨୦-୨୫ ପ୍ରତିଶତ ଦକ୍ଷତା ଉପଲବ୍ଧ ହୁଏ । ଗ୍ରୀନ ହାଇଡ୍ରୋଜେନ ଟେକ୍ନୋଲୋଜି, ଯେପରିକି ଇନ୍ଧନ କୋଷ ଏବଂ ଉନ୍ନତ ଇଲେକ୍ଟ୍ରୋଲାଇଜର ବର୍ତ୍ତମାନ ସୁଦ୍ଧା ବିକାଶ ସ୍ତରରେ ଅଛି । ଅଧିକ ଉତ୍ପାଦନ ଖର୍ଚ୍ଚ, ସଂରକ୍ଷଣ ଓ ସ୍ଥାନାନ୍ତରଣଜନିତ ସମସ୍ୟା, ଭିତ୍ତିଭୂମିର ଅଭାବ ଏବଂ ସୁରକ୍ଷାଜନିତ ସମସ୍ୟା ଯୋଗୁଁ ଏହାକୁ ବ୍ୟାପକ ଭାବରେ ଗ୍ରହଣ କରାଯାଇ ନାହିଁ । ପବନ ଏବଂ ଜୁଆର ଶକ୍ତିର ଭୌଗୋଳିକ ସୀମା ରହିଛି । ଏହା ମୁଖ୍ୟତଃ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ସୀମିତ । ଜଳ ବିଦ୍ୟୁତ୍ କ୍ଷେତ୍ରରେ ଏକ ବନ୍ଧ ନିର୍ମାଣ ଏବଂ ଟର୍ବାଇନ ସ୍ଥାପନ ଅତ୍ୟନ୍ତ ବ୍ୟୟବହୁଳ ଅଟେ । ଏହା ଯୋଗୁଁ ସ୍ଥାନୀୟ ଜୀବନଯାପନ ସ୍ଥାନାନ୍ତରିତ ହୁଏ ଏବଂ ଜଳ ଭଣ୍ଡାର ସାଧାରଣତଃ ବହୁ ପରିମାଣରେ ଅଙ୍ଗାରକାମ୍ଳ ଏବଂ ମିଥେନ ଗ୍ୟାସ ନିର୍ଗତ କରେ, ଯାହା ପ୍ରଦୂଷଣ ସୃଷ୍ଟି କରେ । ପରମାଣୁ ଶକ୍ତିର ବ୍ୟବହାର ସମ୍ପର୍କିତ ଚିନ୍ତାର ବିଷୟ ହେଉଛି, କାରଖାନାର ସୁରକ୍ଷା ଏବଂ ବିକିରଣଶୀଳ ପରମାଣୁ ବର୍ଜ୍ୟବସ୍ତୁ ନିଷ୍କାସନ । ଯେଉଁଠାରେ ଭୂ-ତାପଜ ବିଦ୍ୟୁତ୍ ଶକ୍ତି ପରିବେଶ ଅନୁକୂଳ, ଅଣ-ବିପଜ୍ଜନକ ଏବଂ ଗ୍ରୀନ୍ ହାଉସ ଗ୍ୟାସ ଉତ୍ପାଦନ ବିହୀନ । ଏହା ଦିନକୁ ୨୪ ଘଣ୍ଟା ଏବଂ ବର୍ଷକୁ ୩୬୫ ଦିନ ଧରି ଲଗାତର ଭାବରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିଥାଏ । ତେଣୁ ଏହା ଜାତୀୟ ବିଦ୍ୟୁତ୍ ଶକ୍ତି ମିଶ୍ରଣରେ ବେସ୍ ଲୋଡ୍ ପାୱାର ଭାବରେ ବ୍ୟବହୃତ ହୁଏ । ଭୂ-ତାପଜ ଜଳର ପୁନଃଚକ୍ରଣ ଭୂତଳ ଜଳ ଭଣ୍ଡାରକୁ ପୂର୍ଣ୍ଣ କରିଥାଏ । କୋଇଲା, ଆଣବିକ ଏବଂ ଅନ୍ୟାନ୍ୟ ନବୀକରଣଯୋଗ୍ୟ ଶକ୍ତିର ଉତ୍ସ ତୁଳନାରେ ଭୂ-ତାପଜ ଶକ୍ତି ଉତ୍ପାଦନରେ ସ୍ୱଳ୍ପ ଭୂମି ବ୍ୟବହୃତ ହୋଇଥାଏ ଏବଂ ଭୂ-ତାପଜ ଶକ୍ତିର ଦକ୍ଷତା ସର୍ବାଧିକ ପ୍ରାୟ ୯୦-୯୫% ଅଟେ । ଏତଦ୍ ବ୍ୟତୀତ, ଭୂ-ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ସ୍ୱଳ୍ପ ଖର୍ଚ୍ଚ ଲାଗେ । ଏହା ଜୀବାଶ୍ମ ଇନ୍ଧନ ତୁଳନାରେ ୮୦% ଖର୍ଚ୍ଚ ସଞ୍ଚୟ କରେ ଏବଂ ଶକ୍ତି ଉତ୍ପାଦନ ପାଇଁ କୌଣସି ଇନ୍ଧନ ଆବଶ୍ୟକ କରେ ନାହିଁ । ଏକ ଭୂ-ତାପଜ ପ୍ରକଳ୍ପର ପ୍ରାରମ୍ଭିକ ଅର୍ଥ ବିନିଯୋଗ ଅପେକ୍ଷାକୃତ ଅଧିକ, କିନ୍ତୁ ଦୀର୍ଘ ସମୟ କ୍ରମେ ମୋଟାମୋଟି ଖର୍ଚ୍ଚ ସାମଗ୍ରିକ ଭାବରେ ଏହାକୁ ଏକ ଶସ୍ତା ଶକ୍ତି ଉତ୍ସ କରିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭୂ-ତାପଜ ଶକ୍ତି ହେଉଛି ଏପରି ଏକ ଶକ୍ତି, ଯାହା ଘରର ପଛ ପଟରେ ମରୁଭୂମି ଏବଂ ପର୍ବତ ସମେତ ଯେ କୌଣସି ଦୁର୍ଗମ ଅଞ୍ଚଳରେ ଉପଲବ୍ଧ ।


ଯେଉଁ ଦେଶମାନେ ଭୂ-ତାପଜ ଉତ୍ସଗୁଡ଼ିକର ଉପଯୋଗିତାକୁ ବୁଝିଛନ୍ତି ସେମାନେ ଅଧିକ ଲାଭବାନ ହୋଇଛନ୍ତି । ଆଇସଲ୍ୟାଣ୍ଡରେ ୨୦୨୦ ସୁଦ୍ଧା ଦେଶରେ ବ୍ୟବହୃତ ମୋଟ ବିଦ୍ୟୁତ୍ ଶକ୍ତିର ୭୦ ପ୍ରତିଶତ ଶକ୍ତି ଭୂ-ତାପଜ ଉତ୍ସରୁ ଆସିଥାଏ । ଆମେରିକା, ଇଣ୍ଡୋନେସିଆ, ଫିଲିପାଇନ୍ସ, ତୁର୍କୀ, ନ୍ୟୁଜିଲ୍ୟାଣ୍ଡ, କେନିଆ, ମେକ୍ସିକୋ, ଇଟାଲୀ ଏବଂ ଜାପାନରେ ମଧ ଭୂ-ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ କରୁଥିବା ପାୱାର ପ୍ଲାଣ୍ଟଗୁଡ଼ିକ ବହୁଳ ଭାବରେ ଦେଖିବାକୁ ମିଳେ ।

୨୦୨୦ ସୁଦ୍ଧା, ବିଶ୍ୱବ୍ୟାପି ଭୂ-ତାପଜ ଶକ୍ତିର ପରିମାଣ ୧୫.୬ ଗିଗାୱାଟ (ଜିଡବ୍ଲ୍ୟୁ)ରେ ପହଞ୍ଚିଛି । ୩.୬୮ ଜିଡବ୍ଲ୍ୟୁ ସ୍ଥାପିତ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ସହିତ ଆମେରିକା ଭୂ-ତାପଜ ଶକ୍ତିର ଅଗ୍ରଣୀ ଉତ୍ପାଦକ ଭାବରେ ଅବ୍ୟାହତ ରହିଛି । ଏହି ଶିଳ୍ପ ସମଗ୍ର ବିଶ୍ୱରେ ସକ୍ରିୟ ହୋଇ ପାରିଛି, କିନ୍ତୁ ଭାରତରେ ଏ ପର୍ଯ୍ୟନ୍ତ କୌଣସି ଗମ୍ଭୀର କାର୍ଯ୍ୟ କରାଯାଇ ନାହିଁ କିମ୍ବା କୌଣସି ଭୂ-ତାପଜ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇ ନାହିଁ ।

ଭୂ-ତାପଜ ଶିଳ୍ପର କାର୍ଯ୍ୟ ପ୍ରଣାଳୀ ବାସ୍ତବରେ ପେଟ୍ରୋଲିୟମ ଶିଳ୍ପର କାର୍ଯ୍ୟ ପ୍ରଣାଳୀ ସହ ସମାନ । ପେଟ୍ରୋଲିୟମ ବୈଜ୍ଞାନିକ ଏବଂ ଇଞ୍ଜିନିୟରମାନେ ଭୂ-ତାପଜ ଶକ୍ତି ଉତ୍ପାଦନରେ ସହଜରେ ଖାପ ଖାଇ ପାରନ୍ତି, କାରଣ ଅନୁସନ୍ଧାନ, ଡ୍ରିଲିଂଏବଂ ଉତ୍ପାଦନ ପ୍ରକ୍ରିୟାଗୁଡ଼ିକର କିଛି ପରିବର୍ତ୍ତନରେ ଏହା ପେଟ୍ରୋଲିୟମ ଶିଳ୍ପ ପ୍ରକ୍ରିୟା ସହ ପ୍ରାୟ ଏକା ଧରଣର । ଭୂତାତ୍ତ୍ୱିକ, ଭୂରାସାୟନିକ, ଭୂଭୌତିକ ଏବଂ ଅଗଭୀର ଡ୍ରିଲିଂ ତଥ୍ୟରୁ ଏହା ଆକଳନ କରାଯାଇଛି ଯେ ଭାରତରେ ପ୍ରାୟ ୧୦,୦୦୦ ମେଗାୱାଟ ଭୂ-ତାପଜ ଶକ୍ତିର ସମ୍ଭାବନା ଅଛି, ଯାହା ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ପାରିବ ।

ଓଡ଼ିଶାରେ ଭୂ-ତାପଜ ସମ୍ପତ୍ତି: ମହାନଦୀ ଗ୍ରାବେନ ସ୍ଥିତ ଭୂ-ତାପଜ ଅଞ୍ଚଳ ହେଉଛି ଓଡ଼ିଶାର ସବୁଠାରୁ ଆଶାପ୍ରଦ ଭୂ-ତାପଜ ବିସ୍ତାର । ଭଗ୍ନ ଶିଳା ମଧରେ ଥିବା ଭୂ-ତାପଜ ଜଳର ତାପମାତ୍ରା ୯୬ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚି ଥିବାର ସୂଚନା ମିଳିଛି । ଉଷ୍ମ ପ୍ରସ୍ରବଣ ଜଳର ଜିଓଥର୍ମୋମେଟ୍ରି ଅଧ୍ୟୟନରୁ ଜଣା ପଡ଼ିଛି ଯେ ଭୂଗର୍ଭସ୍ଥିତ ଜଳ ଭଣ୍ଡାରର ହାରାହାରି ତାପମାତ୍ରା ୧୮୦ ଡିଗ୍ରୀ ସେଲ୍‌ସିୟସ୍ ଯାହା ଭୂ-ତାପଜ ଶକ୍ତି ଉତ୍ପାଦନ ପାଇଁ ଯଥେଷ୍ଟ ।

ଏ ପର୍ଯ୍ୟନ୍ତ ଓଡ଼ିଶାର ଆଠଟି ସ୍ଥାନରେ ଉଷ୍ମ ପ୍ରସ୍ରବଣର ସନ୍ଧାନ ହୋଇଛି । ଏହି ଉଷ୍ମ ପ୍ରସ୍ରବଣଗୁଡ଼ିକ ପୂର୍ବଘାଟ ମୋବାଇଲ ବେଲ୍ଟ, ଉତ୍ତର ଓଡ଼ିଶା କ୍ରାଟନ୍ ଏବଂ ପଶ୍ଚିମ ଓଡ଼ିଶା ପ୍ରୋଟେରୋଜୋଇକ୍ ଅବକ୍ଷିପ୍ତ ପାତଳ ଭୂମି ମଧରେ ଅବସ୍ଥିତ । ଉଷ୍ମ ପ୍ରସ୍ରବଣର ଜଳ ଖୋର୍ଦ୍ଧାର ଅତ୍ରି, ଗଞ୍ଜାମର ତପ୍ତପାଣି, ଅନୁଗୁଳର ମଗର ମୁହାଣ, କଟକର ବାଙ୍ଖୋଲ ଏବଂ ନୂଆପଡ଼ାର ବୋଡେନ ଅଞ୍ଚଳରେ ଗୋଟିଏ ସ୍ଥାନରୁ ନିର୍ଗତ ହୋଇଥାଏ, ଯେତେବେଳେ କି ନୟାଗଡ଼ର ତାରାବୋଲା, ଅନୁଗୁଳର ଦେଉଳଯୋଡ଼ି ଏବଂ ଖୋର୍ଦ୍ଧାର ବଡ଼ବେରେଣା ଅଞ୍ଚଳରେ ବହୁତ ଉଷ୍ମ ପ୍ରସ୍ରବଣ ଏକା ସାଙ୍ଗରେ (କ୍ଲଷ୍ଟର) ଦେଖା ଯାଇଥାନ୍ତି । ତାରାବୋଲା ଅଞ୍ଚଳରେ ସର୍ବାଧିକ ସଂଖ୍ୟକ ଉଷ୍ମ ପ୍ରସ୍ରବଣ ଦେଖିବାକୁ ମିଳେ । ଅତ୍ରୀ ଏବଂ ତାରାବୋଲା ଉଷ୍ମ ପ୍ରସ୍ରବଣ କ୍ଷେତ୍ରଗୁଡ଼ିକଙ୍କର ଜେନେଟିକ୍ ସମ୍ପର୍କ ରହିଛି, ଅର୍ଥାତ୍ ସେମାନେ ଭୂଗର୍ଭସ୍ଥିତ ଗୋଟିଏ ଉତ୍ସରୁ ନିର୍ଗତ ବୋଲି




ଅନୁମାନ କରାଯାଏ । ତେଣୁ ଭୂ-ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ଏହି କ୍ଷେତ୍ର ଦୁଇଟିକୁ ଅଗ୍ରାଧିକାର ଭାବରେ ଏକତ୍ର ବିକଶିତ କରାଯାଇପାରେ ।

ଭୂ-ତାପଜ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ ବ୍ୟତୀତ ଶୀତତାପ ନିୟନ୍ତ୍ରଣ, ଗ୍ରୀନ୍ ହାଉସ ବ୍ୟବହାରିତା, ଭୂ-ତାପଜ ସ୍ପା, ମତ୍ସ୍ୟଚାଷ, ଖଣିଜ ଉତ୍ତୋଳନ (ଯଥା ଲିଥିୟମ୍, ସିଲିକା ଇତ୍ୟାଦି), କୃଷି, ଖାଦ୍ୟ ଡିହାଇଡ୍ରେସନ ଏବଂ କ୍ଷୀର ପାଶ୍ଚରାଇଜେସନ ଭଳି ଅନେକ ପ୍ରତ୍ୟକ୍ଷ ବ୍ୟବହାର ଅଛି । ଭୂ-ତାପଜ ଉତ୍ସର ପ୍ରତ୍ୟକ୍ଷ ବ୍ୟବହାର ମଧରୁ ଭୂ-ତାପଜ ଶୀତତାପ ନିୟନ୍ତ୍ରଣ ଅତ୍ୟନ୍ତ ଉପଯୋଗୀ ଏବଂ ବହୁତ ଲାଭଦାୟକ ହୋଇଥାଏ । ଶୀତ ଦିନେ ଏହା ଭୂମିରୁ ଉତ୍ତାପ ଆଣି ଘରକୁ ଉଷ୍ମ ରଖିଥାଏ । ଗ୍ରୀଷ୍ମ ଋତୁରେ ଏହା ଆପଣଙ୍କ ଘରୁ ଉତ୍ତାପ ବାହାର କରି ଭୂମିରେ ସ୍ଥାନାନ୍ତର କରିଥାଏ । ଏହା ଭୂତଳରୁ ମାତ୍ର ୫ ଫୁଟରୁ ୧୦ ଫୁଟ ତଳେ ଥିବା ସ୍ଥିର ତାପମାତ୍ରା ଉପରେ ନିର୍ଭର କରେ, ଯାହା ଶୀତ ଦିନେ ଉତ୍ତାପର ଉତ୍ସ ଏବଂ ଗ୍ରୀଷ୍ମ ସମୟରେ ଏହା ଉତ୍ତାପ ଶୋଷକ ଭାବରେ କାର୍ଯ୍ୟ କରିଥାଏ । ବାୟୁ-ଉତ୍ସ ଉତ୍ତାପ ପମ୍ପ୍ ତୁଳନାରେ ଏହା ଶକ୍ତି ବ୍ୟବହାରକୁ ୪୪% ଏବଂ ଏୟାର କଣ୍ଡିସନର ଉପକରଣ ତୁଳନାରେ ୭୨% ହ୍ରାସ କରିଥାଏ । ଭୂ-ତାପଜ ଶୀତତାପ ନିୟନ୍ତ୍ରଣ ଟେକ୍ନୋଲୋଜି ବ୍ୟବସାୟିକ ବିଲ୍ଡିଂ, କ୍ୟାମ୍ପସ୍ ଏବଂ ସମଗ୍ର ବାସଭବନ ସମ୍ପ୍ରଦାୟ ଅଞ୍ଚଳ ପାଇଁ ପ୍ରଦୂଷଣମୁକ୍ତ ଏବଂ ଦକ୍ଷ ତାପମାତ୍ରା ନିୟନ୍ତ୍ରଣର ସମାଧାନ ପ୍ରଦାନ କରେ ।

ଏହି ଟେକ୍ନୋଲୋଜିର ବ୍ୟାପକ ଗ୍ରହଣ ଦ୍ୱାରା ବିଲଡିଂ ଏବଂ ବିଦ୍ୟୁତ୍ କ୍ଷେତ୍ରକୁ କାର୍ବନ ପ୍ରଦୂଷଣମୁକ୍ତ କରାଯାଇପାରେ; ପରିବାର ପାଇଁ ବିଦ୍ୟୁତ୍ ଶକ୍ତି ଖର୍ଚ୍ଚ ହ୍ରାସ, ବିଦ୍ୟୁତ୍ ଗ୍ରିଡର ସ୍ଥିରତା ଏବଂ ସମ୍ପ୍ରଦାୟ ଅଞ୍ଚଳର ସ୍ଥାଣୁତା ବୃଦ୍ଧି ହୋଇପାରେ ।

ଯୁକ୍ତରାଷ୍ଟ୍ର ଆମେରିକା ପବନ ଏବଂ ସୌର ଶକ୍ତି ପାଇଁ ୧.୫ ଟ୍ରିଲିୟନ ଡଲାର (ଅର୍ଥାତ୍ ୧୨୦ ଲକ୍ଷ କୋଟି ଟଙ୍କା) ଖର୍ଚ୍ଚ କରି ସାରିଛି, ମାତ୍ର ସେହି ଅର୍ଥରେ ଆମେରିକାର କେବଳ ୧୦% ବିଦ୍ୟୁତ୍ ପବନ ଏବଂ ସୌର ଶକ୍ତିରୁ ଆସିଛି । ଏହି ପରିପ୍ରେକ୍ଷୀରେ ଭୂ-ତାପଜ ଶକ୍ତି ନବୀକରଣ ଶକ୍ତି ଉତ୍ସ କ୍ଷେତ୍ରରେ ଏହାର ପ୍ରାଧାନ୍ୟ ଏବଂ ବୈଧତା ଘୋଷଣା କରେ । 'ଆର୍‌ଇ (ପୁନର୍ନବୀକରଣୀୟ ଶକ୍ତି) ଇନ୍‌ଭେଷ୍ଟ ୨୦୨୪-ଇଣ୍ଡିଆ' ରେ ଆମ ଓଡ଼ିଶା ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଭୂ-ତାପଜ ଶକ୍ତି ଉପରେ ସମୟ ଓ ସାମର୍ଥ୍ୟ ବିନିଯୋଗ କରିବା ମଧ ବୁଦ୍ଧିମାନଯୋଗ୍ୟ । ଏହା ଆମ ଓଡ଼ିଶାକୁ ସ୍ଥାୟୀ ଭାବରେ ଏକ ଲାଭଦାୟକ ଏବଂ ପ୍ରଦୂଷଣମୁକ୍ତ ରାଜ୍ୟରେ ପରିଣତ କରିବାରେ ସହାୟକ ହେବ । କେବଳ ତାହା ନୁହେଁ, ଭୂ-ତାପଜ ଶକ୍ତି ମଧ ଆମ ଦେଶର ଏକ ପ୍ରତୀକ ହିସାବରେ କାମ କରିବ, ଯାହା ପାଇଁ ଆମ ମାନନୀୟ ପ୍ରଧାନମନ୍ତ୍ରୀ ସିଓପି-୨୬, ଗ୍ଲାସ୍‌ଗୋରେ ନେଟ୍ ଜିରୋ ନିର୍ଗମନ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଆମ ଦେଶରେ ୨୦୭୦ ସୁଦ୍ଧା କାର୍ବନମୁକ୍ତ ସାଧେ କରିବାକୁ ଆମ ଭାରତ ସରକାର ସ୍ୱୟଂସଂକଳ୍ପବଦ୍ଧ ହୋଇଛନ୍ତି । ତେଣୁ, ଓଡ଼ିଶା ସରକାର ବର୍ତ୍ତମାନ ପରିସ୍ଥିତିରେ ଭୂ-ତାପଜ ଶକ୍ତିର ଉପଯୋଗିତାକୁ ବ୍ୟବହାର କରିବା ବୁଦ୍ଧିମାନ ଅଟେ । ●

ଭୂବିଜ୍ଞାନୀ, କଟକ
ମୋ: ୯୭୨୭୭୮୦୦୪୮

# ଗୋଟିଏ 'ବିଜ୍ଞାପନ' ସମ୍ପର୍କରେ ସାମାନ୍ୟ କଥନ



ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଛୋଟିଆ ଶବ୍ଦଟିଏ 'କାହିଁକି'- ସେଇଟିକୁ ଆୟୁଧ କରିଛି ଛୋଟ ପୁଅଟି ପାଖରେ ବସିଥିବା ତା'ର ମମିଙ୍କ ଧ୍ୟାନମୁଦ୍ରା ଭାଙ୍ଗି ଦେବାକୁ, ସତେ ଯେପରି ସେ ଅତିଷ୍ଠ ହୋଇ ଯାଇଛି 'ମମି'ଙ୍କର ମୌନତା, ଗମ୍ଭୀର ଚିତ୍ରପ୍ରତିମା-ପ୍ରାୟ ଅବତାରରେ !

'ମମି, ଆମ ଦେଶରେ ପାଠପଢ଼ା ଯଦି ଏତେ ଭଲ, ତା'ହେଲେ ଦିଦିକୁ କାହିଁକି ଆମେରିକା ପଠାଉଛେ ପଢ଼ିବା ପାଇଁ ?'- ବିନା ମେଘେ ବଜ୍ରଧ୍ୱନି ପରି ପୁତ୍ରମଣିର ଏ ପ୍ରଥମ 'କାହିଁକି', ଏ ପ୍ରଥମ ପ୍ରଶ୍ନବାଣ ନିମିଷକେ ଦୂର କରି ଦେଇଛି ଆତ୍ମସନ୍ତୁଷ୍ଟ ଜନନୀଙ୍କ ଜେନ୍ ଧ୍ୟାନ । ଏ କି ଅସହଜ, ଏ କି ବିରକ୍ତିକର, ଏ କି ଅପ୍ରାସଙ୍ଗିକ ପ୍ରଶ୍ନ ! ନା, ଏ ଦୁଷ୍ଟ, ଚପଳ ପୁଅର ଧ୍ୟାନକୁ ଅନ୍ୟ ଦିଗକୁ ଆକର୍ଷିତ କରିବାକୁ ହେବ । ତୁରନ୍ତ 'ମମି' ପୁଅ ମୁହଁରେ ଗୁଞ୍ଜି ଦେଇଛନ୍ତି ଖଣ୍ଡେ ଚକୋଲେଟ୍ କେକ୍ । ତୁରନ୍ତ ବି ସେଇଟିକୁ ଖାଇ ଦେଇ ଅମାନିଆ, ଜିଦ୍‌ଖୋର୍ ପୁଅ ପଚାରି ଦେଇଛି ଦ୍ୱିତୀୟ ପ୍ରଶ୍ନଟି: 'ମମି, ଯଦି ଆମ ଦେଶର ଇଞ୍ଜିନିୟରମାନେ ଏତେ ଦକ୍ଷ, ତା'ହେଲେ ଆମ ରାସ୍ତାଗୁଡ଼ିକ ଏତେ ଖରାପ କାହିଁକି ?' ଏମିତି ଗୋଟିଏ ପରେ ଗୋଟିଏ ପ୍ରଶ୍ନ-ଶର ନିକ୍ଷେପ କରି ଚାଲିଛି ଏକୋଇର ବଳା ବିଶିକେଶନ । ଆହତ, କ୍ଷତାକ୍ତ 'ମମି' । ଖିନ୍‌ଭିନ୍ ହୋଇ ଯାଉଛି ତାଙ୍କ ଶାନ୍ତି, ସ୍ୱସ୍ତିର ଆରାମ-ବଳୟ । ପୁଅର ପ୍ରଶ୍ନାଘାତରୁ ନିସ୍ତାର ପାଇଁ ନାନା ଆଳ ବାଢ଼ି ବାଢ଼ି ଥକି ପଡିଲେଣି ବିଚାରୀ । କେତେବେଳେ ବଲ୍‌ଟିଏ ଟିକିଏ ଦୂରକୁ ଫିଙ୍ଗିଦେଇ ପୁଅକୁ କହୁଛନ୍ତି, 'କ୍ୟାଚ, କ୍ୟାଚ୍' ତ କେତେବେଳେ ଖବରକାଗଜରୁ ଫାଳେ ଆଣି ଚଟାପଟ୍ କାଗଜ ରକେଟ୍‌ଟିଏ କରି ଫିଙ୍ଗି ଦେଉଛନ୍ତି ଆହୁରି ଟିକେ ଦୂରକୁ । ହେଲେ ସକଳ ଉଦ୍ୟମ ତାଙ୍କର ନିଷ୍ଫଳ । 'ମମି, ଆମ ଦେଶ ଯଦି ଏତେ ସ୍ୱଚ୍ଛ, ସୁନ୍ଦର, ତା'ହେଲେ ଆମେ ଛୁଟି କଟାଇବା ପାଇଁ ବିଦେଶ କାହିଁକି ଯାଉଛେ ?'-ଏଇଟି ପୁଅର ତୃତୀୟ ପ୍ରଶ୍ନ ଓ ଚତୁର୍ଥ ପ୍ରଶ୍ନଟି ଅତି ମାରାତ୍ମକ, ବାଘୁଆ ମହୁମାଛିର ବସାକୁ ଢେଲା ଫିଙ୍ଗିବା ସହ ସମାନ- 'ମମି, ଆମ ଦେଶରେ ପିଆଜର ଦର ସବୁବେଳେ ଏତେ ଅଧିକ କାହିଁକି ?'

ବ୍ୟସ୍ତ ବିବ୍ରତ ସମ୍ଭ୍ରାନ୍ତ-ଦର୍ଶନା, ଅତ୍ୟାଧୁନିକା 'ମମି' ମହାଶୟା । ସେ ହୁଏତ ଭାବୁଥିବେ- କିଏ ସେ ରାଷ୍ଟ୍ରଦ୍ରୋହୀ, କିଏ ସେ ବାମମାର୍ଗୀ ବାମାଚାରୀ 'ଅର୍ବାନ୍ ନକ୍ସଲ', ଯା'ର ସଂସ୍ପର୍ଶରେ ଆସି ବିପଥଗାମୀ ଆଜି ତାଙ୍କର ଏ ସୁନାପୁଅ । ବୁଦ୍ଧିମାନ ପୁଅ ବୋଧହୁଏ ବୁଝି ପାରିଛି ମମିଙ୍କ ଅନ୍ତର୍ବେଦନା । ତେଣୁ ଶେଷରେ ପଚାରିଛି ଚଳନ୍ତି ସମୟରେ ସବୁଠାରୁ ବେଶୀ ଚହଳ ସୃଷ୍ଟି କରିଥିବା ପ୍ରଶ୍ନଟି: 'ମମି, ମମି, 'ତୈମୁର' (ସୈଫ୍ ଅଲ୍ଲୀ ଖାନ୍ ଓ କରୀନା କାପୁର ଖାନ୍‌ଙ୍କ ଅଲିଅଳ ଦୁଲାଳ) ଭବିଷ୍ୟତରେ ବଲିଉଡ୍‌ର କିଙ୍ଗ୍ ହେବ ତ ?' ମମିଙ୍କ ଉଦାସ ମୁଖମଣ୍ଡଳରେ ଏଥର ଲହରେଇ ଯାଇଛି ଉଲ୍ଲାସର ଜୁଆର, ଭାବାବେଗର ଜୁଆର । ବାତ୍ସଲ୍ୟ ମମତାରେ ବିଗଳିତ 'ମମି' ପୁଅକୁ ଚାହିଁ ଗଦ୍‌ଗଦ୍ କଣ୍ଠରେ କହି ଉଠିଛନ୍ତି, 'କେତେ ବୁଦ୍ଧି ତୋର ? କି ମଜାକଥା ତୁ ପୁଚ୍ଛିଲୁରେ ଧନ !'

ପାଠକେ ! ଗଲା ସାଧାରଣତନ୍ତ୍ର ଦିବସରେ ଆମ ଦେଶର ମ୍ୟୁଜିକ୍ ଟେଲିଭିଜନ୍ (ଏମ୍‌ଟିଭି) ପ୍ରସାରିତ କରିଥିବା ଗୋଟିଏ ବିଜ୍ଞାପନର କଥା ଇଏ । ଏ ଚର୍ଚ୍ଚିତ ପୁଅ ଓ ମମି ହେଉଛନ୍ତି ସେଇ ବିଜ୍ଞାପନରେ ଅଭିନୟ କରିଥିବା ଦୁଇ ଚରିତ୍ର । ଏଇଟି ଆମ ସଭିଙ୍କର କୁମ୍ଭକର୍ଣ୍ଣୀୟ ନିଦ୍ରା, ଅଜଗରୀୟ ନିର୍ବେଦତା ଭାଙ୍ଗିଦେଇ ପାରୁଥିବା ଅବ୍ୟର୍ଥ ରାମବାଣ । ଆଜି ଯେତେବେଳେ ଆମ ଭିତରୁ ଅଧିକାଂଶ ଯୋଡ଼ହସ୍ତ ହେବାରେ ଅସାମାନ୍ୟ ପଟୁତା ପ୍ରଦର୍ଶନ କରି ଚାଲିଛନ୍ତି ଓ ନେତୃବର୍ଗଙ୍କ ସ୍ତୁତିଗାନ କରି ଯେଝା ଯେଝାର ସୀମିତ ପରିସରରେ, ଅଭେଦ୍ୟ ସନ୍ତୋଷର ଚନ୍ଦ୍ରାତପ ତଳେ ବଞ୍ଚି ଚାଲିଛନ୍ତି, ସେତେବେଳେ ଅପୂର୍ବ କଳାତ୍ମକ ପାଟବତା ସହ ଶାଣିତ ବ୍ୟଙ୍ଗ ମାଧ୍ୟମରେ ଏ ବିଜ୍ଞାପନଟି ଆମକୁ ଆମର ଗଣତାନ୍ତ୍ରିକ, ସାମ୍ବିଧାନିକ କର୍ତ୍ତବ୍ୟ




ସଂପର୍କରେ ଚେତାଇ ଦେଇଥାଏ । ଆମେ ଯେପରି ଶତାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେପଥ୍ୟକୁ ଠେଲି ଦେଇ ଶସ୍ତା, ହାଲ୍‌କା ଗୁଲିଗଳ୍ପ ବା ଗାଲୁଗଳ୍ପ ସବୁରେ ମସ୍‌ଗୁଲ ହେବାକୁ ସୁଖ ପାଉଛେ, ଯେପରି ହାସ୍ୟାସ୍ପଦ ସବୁକୁ ପୂଜାସ୍ପଦ ବୋଲି ଗ୍ରହଣ କରି ନେଉଛେ, ସେହି ବିଲକ୍ଷଣୀୟ ଅଭ୍ୟାସକୁ ତ୍ୟାଗ କରିଦେବାକୁ ଆମକୁ କହିଥାଏ 'ମ୍ୟୁଜିକ୍ ଟେଲିଭିଜନ୍' ପ୍ରସ୍ତୁତ କରିଥିବା ଏଇ ବିଜ୍ଞାପନଟି ।

ଏ ବିଜ୍ଞାପନରେ ସେ ଛୋଟ ପୁଅଟିର ପ୍ରଶ୍ନ କେବଳ ତା' ମମିଙ୍କ ପ୍ରତି ଅଭିପ୍ରେତ ନୁହେଁ । ସେସବୁ ଆମମାନଙ୍କ ମୌନତା, ମାନସିକ ସ୍ଥାଣୁତା, ଆମମାନଙ୍କ ସ୍ୱାର୍ଥୀ ଉଦାସୀନତା ପ୍ରତି ତୀବ୍ର କଟାକ୍ଷ । ଅନ୍ଧ ଆନୁଗତ୍ୟ, ଭୀରୁ ବଶମ୍ବଦତା ଆଜି ଆମର ଧର୍ମ ପାଲଟି ସାରିଲାଣି ଏଇ ଗୋଟିଏ ଦୁଇଟି ଦଶକ ମଧରେ । କୋଉ କାଳୁ ଆମେ ଭୁଲି ସାରିଲେଣି ଯେ ଗଣତାନ୍ତ୍ରିକ ରାଷ୍ଟ୍ରର ଜଣେ ନାଗରିକର ମୌଳିକ ଦାୟିତ୍ୱ ହେଉଛି ଶାସକବର୍ଗଙ୍କୁ ଉଭୟ ପ୍ରୀତିକର ଓ ଅପ୍ରୀତିକର ପ୍ରଶ୍ନ ପଚାରିବା । ଆମେ ତେଣୁ ନିଶ୍ଚୟ ଧନ୍ୟବାଦ ଦେବା ମ୍ୟୁଜିକ୍ ଟେଲିଭିଜନକୁ, ଯିଏ ଆମର ପୁଣ୍ୟତମ ଦିବସରେ ଆମକୁ ସ୍ମରଣ କରାଇ ଦେଇଛି ଆମର ସାମ୍ବିଧାନିକ କର୍ତ୍ତବ୍ୟ, ଦାୟିତ୍ୱ ସଂପର୍କରେ । ଆଶା ଓ ବିଶ୍ୱାସ- ଏ ବିଜ୍ଞାପନର ବାର୍ତ୍ତା ଆମର ଚେତନାକୁ ଆଲୋକିତ କରିବ; ଆମକୁ ନିର୍ଭୟ କରିବ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ପ୍ରଶ୍ନ କରିବାକୁ ଆମ ନେତାମାନଙ୍କୁ, ଆମ ଗୁରୁ ଗୁରୁଜନମାନଙ୍କୁ ଓ ଆମ ପିତାମାତାଙ୍କୁ,ଏପରିକି ଆମ ଆରାଧ୍ୟ ଦେବୀ ଦେବତାମାନଙ୍କୁ । ●

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
କୋଡିଆଁ ବାରଙ୍ଗ, ଜଗତ୍‌ସିଂହପୁର
ମୋ୯୮୫୩୩୫୫୧୦୭

# ୟୁରୋପ୍ ସହିତ କାରବାର

ଆମେରିକାର ରାଷ୍ଟ୍ରପତି ଭାବରେ ଡୋନାଲ୍‌ଡ ଟ୍ରମ୍ପ୍ ନିର୍ବାଚିତ ହୋଇ କାର୍ଯ୍ୟ ଆରମ୍ଭ କରିବାର ମାତ୍ର ଦୁଇ ମାସ ଭିତରେ ବିଶ୍ୱର ରାଜନୀତିକ ଓ ଅର୍ଥନୀତିକ ଶୃଙ୍ଖଳ ପରିବର୍ତ୍ତନ ପଥର ପଥିକ ହେବାକୁ ବାଧ ହୋଇଛି । ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କ ନୀତିଗୁଡ଼ିକ ଆମେରିକାର ସ୍ୱାର୍ଥକୁ ପ୍ରାଥମିକତା ଦେବାକୁ ଯାଇ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ଉପରେ ଏକ ପ୍ରକାରର ପ୍ରତିଶୋଧାତ୍ମକ ହେଲା ଭଳି ଜଣା ପଡୁଥିବାରୁ ଭାରତ ସମେତ ସବୁ ରାଷ୍ଟ୍ର ଏବେ ସେମାନଙ୍କ ବିଦେଶ ନୀତିଠାରୁ ବାଣିଜ୍ୟ ନୀତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପରିବର୍ତ୍ତନ ଆଣିବାର ଉଦ୍ୟମ ଚଳାଇଛନ୍ତି । ଏହି କ୍ରମରେ ଭାରତ ୟୁରୋପୀୟ ରାଷ୍ଟ୍ରମାନଙ୍କ ସହିତ ତା'ର ବ୍ୟବସାୟକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେବାକୁ ଆରମ୍ଭ କରିଛି, ଯେଉଁଥିପାଇଁ ଭାରତର ବର୍ହିବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର କିଛି ଦିନ ପୂର୍ବେ ୟୁନାଇଟେଡ୍ କିଙ୍ଗ୍‌ଡମ୍ (ୟୁକେ) ଏବଂ ଆୟାର୍ଲାଣ୍ଡ ଗସ୍ତ କରିଥିଲେ । ଯଦିଓ ତାଙ୍କର ଏହି ଗସ୍ତ କାଳରେ ଲଣ୍ଡନ୍‌ରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା, ତେବେ ସେମାନଙ୍କର 'ଜଟିଳ ଇତିହାସ' ଓ ସାମ୍ପ୍ରତିକ ସମସ୍ୟାଗୁଡ଼ିକ ସତ୍ତ୍ୱେ ଭାରତ-ୟୁକେ ସମ୍ପର୍କ ଏକ 'ବଡ଼ ଧରଣର ଉନ୍ନତି'କୁ ପରିଲକ୍ଷିତ କରିବାକୁ ଯାଉଛି ବୋଲି ଘୋଷଣା କରାଯାଇଥିଲା । ମାଞ୍ଚେଷ୍ଟର ଓ ବେଲ୍‌ଫାଷ୍ଟଠାରେ ଦୁଇଟି କନ୍‌ସୁଲେଟ୍ ସହିତ ଭାରତ ୟୁକେରେ ଏହାର ସାମର୍ଥ୍ୟ ବୃଦ୍ଧି କରୁଥିବା ବେଳେ ୟୁକେର ବିଦେଶ ସଚିବ ଡେଭିଡ୍ ଲାମ୍ମିଙ୍କ ସହିତ ଶ୍ରୀଯୁକ୍ତ ଜୟଶଙ୍କରଙ୍କ ସମ୍ପ୍ରସାରିତ ଆଲୋଚନା ଏକ ବହୁ ବିଳମ୍ବିତ ଅବାଧ ବାଣିଜ୍ୟ କାରବାର ରାଜିନାମା (ଏଫ୍‌ଟିଏ)ରେ ପରିସମାପ୍ତି ଘଟାଇବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା । ଏହି ରାଜିନାମା ୨୦୨୦ରେ ୟୁକେର 'ବ୍ରେକ୍ସିଟ୍' ପରେ ଶେଷ ହେବାକୁ ସ୍ଥିର ହୋଇଥିବା ବେଳେ ଏହା ଭିତରେ ଚାରି ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ସମ୍ପନ୍ନ ହୋଇପାରି ନାହିଁ । ସେହିପରି ଆୟାର୍ଲାଣ୍ଡରେ ମଧ ଏଫ୍‌ଟିଏ ଉପରେ ଆଲୋଚନା ହୋଇଥିଲା ଏବଂ ୟୁରୋପୀୟ ରାଷ୍ଟ୍ରସଂଘ (ଇୟୁ) ସହିତ ମଧ ଯାହା ଦ୍ୱିପାକ୍ଷିକ ବାଣିଜ୍ୟ କାରବାର (ବିଟିଏ) ଉପରେ ରାଜିନାମା ସମ୍ପନ୍ନ କରିବାକୁ ପ୍ରତିବଦ୍ଧ ହୋଇଛି । ଏଥିପାଇଁ ୨୦୦୭ରେ ଆଲୋଚନା ଆରମ୍ଭ ହୋଇଥିବା ବେଳେ ୨୦୨୫ ଶେଷ ସୁଦ୍ଧା ଏହାକୁ ସମ୍ପନ୍ନ କରିବାକୁ ଆଲୋଚନା ହୋଇଛି । ଗତ ମାସରେ ପୁନର୍ବାର ଆରମ୍ଭ କରାଯାଇଥିବା ଭାରତ-ୟୁକେ ଏବଂ ଭାରତ-ଇୟୁ ଏଫ୍‌ଟିଏ (ଗତ ସପ୍ତାହରେ ଅନ୍ୟ ଏକ ପର୍ଯ୍ୟାୟରେ ହୋଇଛି) ଆଲୋଚନା ଆମେରିକା ତରଫରୁ ଆମଦାନୀ ଶୁଳ୍କ ଲାଗୁ କରାଯିବା ପରିପ୍ରେକ୍ଷୀରେ ଦେଖିଲେ ଭାରତକୁ ଲାଭବାନ୍ କରାଇବ, ଯାହାକି ସେମାନଙ୍କ ପାଇଁ ମଧ ଲାଭ ଆଣିଦେବ ।

ଶ୍ରୀଯୁକ୍ତ ଜୟଶଙ୍କର ଏହି ଗସ୍ତରୁ ଫେରିବା ପରେ ଧାର୍ଯ୍ୟ କାର୍ଯ୍ୟସୂଚୀ ମୁତାବକ ୟୁରୋପୀୟ କମିଶନର ପ୍ରେସିଡେଣ୍ଟ ଉର୍ସୁଲା ଭନ୍ ଡେର୍ ଲିୟେନ୍‌ଙ୍କ ନେତୃତ୍ୱରେ ଏକ ଉଚ୍ଚ-କ୍ଷମତାସମ୍ପନ୍ନ ପ୍ରତିନିଧି ମଣ୍ଡଳୀ ତଥା ବେଲ୍‌ଜିଆନ୍ ରାଜକୁମାରୀ ଆଷ୍ଟ୍ରିଡ୍‌ଙ୍କ ନେତୃତ୍ୱରେ ଏକ ବରିଷ୍ଠ ମନ୍ତ୍ରୀସ୍ତରୀୟ ଏବଂ ବ୍ୟବସାୟିକ ଦଳ ଦିଲ୍ଲୀ ଗସ୍ତରେ ଆସିଛନ୍ତି, ଯାହା ସୂଚନା ପ୍ରଦାନ କରିଛି ଯେ ୟୁରୋପ୍ ମହାଦେଶ ବର୍ତ୍ତମାନ ନୂଆ, ଅଧିକ ନିର୍ଭରଶୀଳ ବନ୍ଧୁ ରାଷ୍ଟ୍ର ଖୋଜୁଛି ସମ୍ପର୍କ ପ୍ରତିଷ୍ଠା କରିବା ନିମନ୍ତେ । କାର୍ଯ୍ୟସୂଚୀ ଅନୁସାରେ ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଶ୍ରୀମତୀ ଉର୍ସୁଲାଙ୍କର ସାକ୍ଷାତ ଆଲୋଚନା ହୋଇଛି, ଯେଉଁଥିରେ ଉଭୟ ସେମାନଙ୍କ ବୁଝାମଣାକାରୀମାନଙ୍କୁ ମାତ୍ର ବର୍ଷକ ଭିତରେ ଏଫ୍‌ଟିଏ କାର୍ଯ୍ୟ ସମ୍ପାଦନ କରିବାର ଗୁରୁ ଦାୟିତ୍ୱ ଅର୍ପଣ କରିଛନ୍ତି । ଏସବୁ ଘଟୁଛି ସେତିକି ବେଳେ ଯେତେବେଳେ କି ଆମେରିକାରେ ଡୋନାଲ୍‌ଡ ଟ୍ରମ୍ପ୍‌ଙ୍କ ପ୍ରଶାସନ ବିପର୍ଯ୍ୟୟ ସୃଷ୍ଟିକାରୀ ନୀତିଗୁଡ଼ିକର ପରିଣତି ସହିତ ବୈଶ୍ୱିକ ଅର୍ଥନୀତି ସଂଘର୍ଷ କରିବାକୁ ଆରମ୍ଭ କରିଛି । ୨୦୨୩ରେ ପ୍ରାୟ ୧୯୮ ବିଲିଅନ୍ ଡଲାରର ବ୍ୟବସାୟିକ କାରବାର ସହିତ ଇୟୁ ଭାରତର ସର୍ବବୃହତ୍ ବ୍ୟବସାୟିକ ଅଂଶୀଦାର ହୋଇଥିବା ବେଳେ ଦୁଇ ପକ୍ଷ ଏକ ବାଣିଜ୍ୟ ରାଜିନାମା କରିବା ପାଇଁ ଏକ ସାଧାରଣ ପୃଷ୍ଠଭୂମିରେ ଉପନୀତ ହେବାକୁ କଡ଼ା ସଂଘର୍ଷ କରିଛନ୍ତି । ଏହି ବୁଝାମଣା ଆନୁଷ୍ଠାନିକ ଭାବରେ ୨୦୦୭ରେ ଆରମ୍ଭ ହୋଇଥିଲା, ତେବେ ୨୦୧୩ରେ ଏହାକୁ ବାତିଲ କରି ଦିଆଯାଇଥିଲା ଏବଂ ଏହା ପରେ ପୁଣିଥରେ ୨୦୨୨ରେ ଏହାର ପୁନରୁଦ୍ଧାର କରାଯାଇଥିଲା । ବର୍ତ୍ତମାନ ଏହା ସ୍ପଷ୍ଟ ହୋଇ ଯାଇଛି ଯେ ଭାରତ ଏବଂ ଇୟୁ ଏହି ପ୍ରସ୍ତାବିତ ଏଫ୍‌ଟିଏକୁ ଆଗେଇ ନେବାକୁ ଏକ ସମୟ ଧାର୍ଯ୍ୟ କରିବା ପଛରେ ରହିଛି ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍‌ଙ୍କ ତାରିଫ୍ ଧମକ ଏବଂ ଏକପାଖିଆ ନିଷ୍ପତ୍ତି । ଇତି ମଧରେ ୨୦୨୨ରେ ଭାରତ-ଇୟୁ ମଧରେ ଆଲୋଚନା ଆରମ୍ଭ ହେବା ପରେ ଦଶମ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଏକଥା ସ୍ପଷ୍ଟ ଯେ ବୁଝାମଣାକାରୀମାନଙ୍କ ହାତରେ ଏକ କଠିନ କାର୍ଯ୍ୟ ସମ୍ପାଦନ କରିବାକୁ ରହିଛି ।

ତେବେ ଏସବୁ ଭିତରେ ସବୁଠୁ ବଡ଼ ଆଶ୍ୱାସନାର ବିଷୟ ହେଉଛି, ଭନ୍ ଡେର୍ ଲିୟେନ୍ ଭାରତ ସହିତ ନିବିଡ଼ ରଣନୀତିପୂର୍ଣ୍ଣ ତଥା ବ୍ୟବସାୟିକ ସମ୍ପର୍କ ପ୍ରତିଷ୍ଠା କରିବା କ୍ଷେତ୍ରରେ ଜଣେ ଚାମ୍ପିଅନ୍ ଭାବରେ ନିଜକୁ ସାବ୍ୟସ୍ତ କରି ଆସିଛନ୍ତି । ଭାରତ-ଇୟୁ ବ୍ୟବସାୟ ଏବଂ ପ୍ରଯୁକ୍ତି ପରିଷଦ ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ବ୍ୟତୀତ ଭାରତ ଉପରେ ସେ କେତେ ଗୁରୁତ୍ୱାରୋପ କରନ୍ତି, ତା'ର ଏକ ସର୍ବାଧିକ ଶକ୍ତିଶାଳୀ ସଂକେତ ହେଉଛି ସମସ୍ତ କମିଶନରଙ୍କ ସହିତ ନୂଆଦିଲ୍ଲୀ ଆସିବା ନିମନ୍ତେ ତାଙ୍କର ନିଷ୍ପତ୍ତି ଗ୍ରହଣ କରିବା । ମୋଦୀ ସରକାର ମଧ ଦେଶର ଅର୍ଥନୀତିକ ସ୍ୱାର୍ଥଗୁଡ଼ିକ ପ୍ରତି ସହାୟକ ହେଉଥିବା ବ୍ୟବସାୟିକ ଚୁକ୍ତିନାମାଗୁଡ଼ିକୁ ଦୃଢ଼ତାର ସହିତ ସମ୍ପାଦନ କରିବା ନିମନ୍ତେ ନିଜର ରାଜନୀତିକ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛନ୍ତି । ଆମେରିକା ନିଜର ଘରୋଇ ସ୍ୱାର୍ଥଗୁଡ଼ିକ ଉପରେ ଅଧିକ ପ୍ରାଧାନ୍ୟ ଦେଉଥିବା ବେଳେ ଭାରତ ଦୃଢ଼ ବ୍ୟବସାୟିକ ଅଂଶୀଦାରମାନ ଆବଶ୍ୟକ କରୁଛି- ଆମେରିକାର ଆମଦାନୀଗୁଡ଼ିକ ସପକ୍ଷରେ ଏହାର ଅଂଶୀଦାରମାନେ ନିଜ ନିଜର ତାରିଫ୍ ସଂରଚନାରେ ପରିବର୍ତ୍ତନ ଆଣିବା ନିମନ୍ତେ ୱାଶିଂଟନ୍ ଏପ୍ରିଲ ୨ ତାରିଖ ଧାର୍ଯ୍ୟ କରିଛି- ଏବଂ ସମଗ୍ର ବିଶ୍ୱ ଯେତେବେଳେ ବ୍ୟବସାୟିକ କାରବାରକୁ ନେଇ ଚିନ୍ତିତ, ସେତେବେଳେ ୟୁରୋପୀୟ ଝୁଡ଼ିକୁ ବିସ୍ତାରିତ କରିବା ନୂଆଦିଲ୍ଲୀର ସ୍ୱାର୍ଥ ପାଇଁ ହିତକର ହେବ । ●

# ସମର୍ପଣରେ ସୁଖ

ଗରିବ ଚମାର ସୁଦାସ । ସେଦିନ ସକାଳୁ ଉଠି ଦେଖିଲା ତା' ଗଡ଼ିଆରେ ଗୋଟିଏ ପଦ୍ମ ଫୁଟିଛି । ଅଦିନରେ ପୁଣି ପଦ୍ମ ! ଆଶ୍ଚର୍ଯ୍ୟ ହେଲା ସୁଦାସ । ଭାବିଲା, ଏହାକୁ ବିକ୍ରି କରିଦେଲେ ଅନ୍ତତଃ ଟଙ୍କାଟିଏରୁ କମ୍ ହେବନି । ବଜାରକୁ ବାହାରିଲା । ରାସ୍ତାରେ ସେ ଅଞ୍ଚଳର ଜଣେ ଧନୀ ବ୍ୟକ୍ତିଙ୍କ ସହ ଦେଖା ହୋଇଗଲା । ଧନୀ ବ୍ୟକ୍ତି ପଚାରିଲେ, ସୁଦାସକୁ- 'ଏ ପଦ୍ମ ଫୁଲର ଦାମ୍ କେତେ ନେବୁ ?'


ସୁଦାସ କହିଲା- 'ଏବେ ତ ପଦ୍ମ ମିଳିବ ନାହିଁ । ଆପଣ ଯେତେ ଦେବା କଥା ଦିଅନ୍ତୁ ।'

ଧନୀ ବ୍ୟକ୍ତି କହିଲେ- 'ପାଞ୍ଚ ଶହ ସ୍ୱର୍ଣ୍ଣମୁଦ୍ରା ଦେବି । ଆଉ କାହାକୁ ଦେବୁନାହିଁ ।' ପଛରୁ ଆସିଲା ରାଜାଙ୍କ ସେନାପତି । ସେ କହିଲା- 'ଧନୀ ବ୍ୟକ୍ତି ଯାହା ଦେଇଛନ୍ତି, ମୁଁ ତା'ର ଦଶଗୁଣା ଅଧିକ ଦେଉଛି ।' ଏତିକି ବେଳେ ରାଜା ପହଞ୍ଚି ଗଲେ । ସେ କହିଲେ- 'ଫୁଲଟି ଏବେ ମୁଁ କିଣିନେଲି । ସେନାପତିଠାରୁ ଦଶଗୁଣ ଅଧିକ ମୂଲ୍ୟ ଦେବି ।'

ସୁଦାସ ଭାବିଲା ଧନୀ, ସେନାପତି ଓ ରାଜା- ଏମାନେ ସବୁ ପାଗଳ ହୋଇ ଗଲେଣି । ଏକ ଟଙ୍କାରେ ବିକ୍ରି କରିବାକୁ ଭାବୁଥିବା ଫୁଲର ମୂଲ୍ୟ ଏତେ ବଢ଼ିଗଲା ! ସେ ପଚାରିଲା- 'ଏହା ପଛର କାରଣ କ'ଣ ?'

ରାଜା କହିଲେ- 'ବୁଦ୍ଧଦେବ ଆସୁଛନ୍ତି । ତାଙ୍କୁ ସ୍ୱାଗତ କରି ଅଦିନର ଏହି ପଦ୍ମଫୁଲକୁ ଅର୍ପଣ କରିବାକୁ ଆମେ ଚାହୁଁଥିଲୁ ।'

ସୁଦାସ କହିଲା- 'ଏ ଫୁଲ ଆଉ ବିକ୍ରି କରିବାର ନାହିଁ । ମୁଁ ନିଜେ ନେଇ ବୁଦ୍ଧଙ୍କ ପାଦ ତଳେ ଦେବି ।'



ପଦାରବିନ୍ଦ

ରାଜା କହିଲେ- 'ସୁଦାସ ତୁ ପାଗଳ ହୋଇଗଲୁ କି ? ଏହି ଗୋଟିଏ ଫୁଲର ମୂଲ୍ୟରେ ତୋ ଆଗାମୀ କେତେ ପିଢ଼ିର ଦାରିଦ୍ର୍ୟ ଚାଲିଯିବ । ତୁ ଏହାକୁ ବିକ୍ରି କରିଦେ ।'

ବୁଦ୍ଧଦେବ ଆସିଲେ । ସୁଦାସ ତାଙ୍କ ପାଦ ତଳେ ଫୁଲକୁ ରଖିଦେଲା । ବୁଦ୍ଧଙ୍କ ପାଦରେ ତା' ଆଖିର ଅମାନିଆ ଲୁହ ଛାଏଁ ଛାଏଁ ନିଗିଡ଼ି ପଡ଼ିଲା । ଶାନ୍ତ, ଅମୃତନିନ୍ଦି ସ୍ୱରରେ ବୁଦ୍ଧ କହିଲେ- 'ସୁଦାସ, ସେ ଫୁଲକୁ ବିକି ଦେଲୁ ନାହିଁ ?'

ଲୁହଭିଜା ନୟନରେ ବୁଦ୍ଧଙ୍କୁ ଚାହିଁ କହୁଥିଲା ସୁଦାସ- 'ପ୍ରଭୁ ! ପ୍ରେମଠାରୁ ପଇସା ବଡ଼ ନୁହେଁ । ଯେତେବେଳେ ଏହାକୁ ଫୁଲ ଭାବୁଥିଲି, ବିକିବାକୁ ବଜାର ଯାଉଥିଲି । ଯେବେ ଜାଣିଲି ଏହା ଫୁଲ ନୁହେଁ ପ୍ରୀତିର ପରଶ; ଆପଣ ଆସୁଛନ୍ତି ବୋଲି ଅଦିନରେ ଏ ଗରିବର ଗଡ଼ିଆରୁ ଆପଣଙ୍କୁ ସ୍ୱାଗତ କରୁଛି, ସେତେବେଳେ ମୋ ଦୃଷ୍ଟିଭଙ୍ଗୀ ବଦଳି ଗଲା । ଏଥିରେ ମୋ ହୃଦ ଜଡ଼ିତ ହୋଇଗଲା । ଏହା ପାଲଟି ଗଲା ମୋ ପ୍ରେମର ପ୍ରତୀକ । ପ୍ରଭୁ ! ଫୁଲ ସିନା ବିକ୍ରି ହେବ । ପ୍ରେମ, ପ୍ରୀତି କ'ଣ ବିକ୍ରି କରିହେବ ? ପ୍ରେମକୁ ପଇସାରେ ମପା ଯାଏନା ପ୍ରଭୁ ! ସେଥିପାଇଁ ଦରିଦ୍ର, ଅସୁନ୍ଦର, ଅଜାତି, ପତିତ ବି ପ୍ରେମରେ ଉବୁଟୁବୁ ହୋଇଥାଏ ।'

ସେଦିନ ସୁଦାସ ବୁଦ୍ଧଙ୍କ ଚରଣରେ ସମର୍ପିତ ହୋଇ ସୁଖ ସାଉଣ୍ଟୁ ଥିଲା ବେଳେ ଉପସ୍ଥିତ ଜନତାଙ୍କ ଆଖି ଛଳଛଳ ହୋଇ ଯାଉଥିଲା । ●

# ଦିଲ୍ଲୀରୁ ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

**ସୋର, ୧୧।୩/ଏନ୍ଏନ୍ଏସ୍:** କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂଙ୍କ ପିଏଙ୍କ ଦିଲ୍ଲୀସ୍ଥିତ ଘରୁ ସୁନାଗହଣା ଚୋରି ଘଟଣାରେ ବନ୍ଧସାହି ଗ୍ରାମରୁ ସୋର ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ନୀଳଗିରି ପୁଲିସକୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ଜଣକ ହେଲେ ନୀଳଗିରି ଥାନା ନିମ୍ନଗଡ଼ିଆ ଗ୍ରାମର ଧୀରେନ୍ଦ୍ର ଦାସ। ସେ ଗତ ଦୁଇ ମାସ ଧରି ମଙ୍ଗଳପୁର ନିକଟରେ ଘରଭଡ଼ା ନେଇ ରହୁଥିଲା। ମଙ୍ଗଳବାର ସକାଳେ ଧୀରେନ୍ଦ୍ର ଶିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗ୍ରାମରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିଲା। ଫଳରେ ଗ୍ରାମବାସୀମାନେ ତାକୁ ସନ୍ଦେହ କରି ଘର କେଉଁଠି ବୋଲି ପଚାରିବାରୁ ସେ ସେଠାରୁ ଦୌଡ଼ି ଖସିଯିବାକୁ ଚେଷ୍ଟା କରିଥିଲା। ଫଳରେ ଗ୍ରାମବାସୀମାନେ ତାକୁ କାବୁ କରି ସୋର ପୁଲିସକୁ ଖବର ଦେଇଥିଲେ। ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଧୀରେନ୍ଦ୍ର ଦିଲ୍ଲୀର ଚୋରି ଘଟଣାରେ ସମ୍ପୃକ୍ତ ଥିବା ଜାଣିପାରି ନୀଳଗିରି ପୁଲିସକୁ ଖବର ଦେଇଥିଲେ। ଖବରପାଇ ନୀଳଗିରି ପୁଲିସ ସେଠାରେ ପହଞ୍ଚିବା ପରେ ସୋର ପୁଲିସ ଅଭିଯୁକ୍ତକୁ ନୀଳଗିରି ପୁଲିସକୁ ହସ୍ତାନ୍ତର କରିଥିଲା। ତେବେ ପୁଲିସ ତାକୁ ନେଇ ରହୁଥିବା ଭଡ଼ାଘରକୁ ଯାଇ ତଦନ୍ତ କରିଥିଲା। ପରେ ସେଠାରୁ ନୀଳଗିରି ପୁଲିସ ତାକୁ ନୀଳଗିରି ଥାନାକୁ ନେଇଯାଇଥିବା ଜଣାପଡ଼ିଛି। ପ୍ରକାଶଥାଉକି ଗତ ଦୁଇ ମାସ ତଳେ କେନ୍ଦ୍ରମନ୍ତ୍ରୀଙ୍କ ପିଏ ଘରୁ ଚୋରି ହୋଇଥିବା ନେଇ ଦିଲ୍ଲୀ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗମୂଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ପୂର୍ବରୁ ଭିମେଇ ଗ୍ରାମର ଜଣେ ଅଭିଯୁକ୍ତ ସମେତ ସେମାନେ ବିକ୍ରି କରିଥିବା ଗହଣା ଦୋକାନୀକୁ ଉଠାଇ ନେଇ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ନିର୍ବାଚନ ପ୍ରକ୍ରିୟାକୁ ଆହୁରି ମଜବୁତ କରିବା ପାଇଁ ଆଲୋଚନା

**ବାଲେଶ୍ୱର, ୧୧।୩/ଏନ୍ଏନ୍ଏସ୍:** ଆଇନଗତ ଢାଞ୍ଚା ମଧ୍ୟରେ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ମଜବୁତ କରିବା ପାଇଁ ଦଳୀୟ ସଭାପତି ଏବଂ ବରିଷ୍ଠ ନେତାଙ୍କୁ ଆଲୋଚନା ପାଇଁ ନିର୍ବାଚନ କମିଶନ ନିମନ୍ତ୍ରଣ କରିଥିଲେ। ଭାରତୀୟ ନିର୍ବାଚନ କମିଶନ ସମସ୍ତ ଜାତୀୟ ଏବଂ ରାଜ୍ୟସ୍ତରୀୟ ରାଜନୈତିକ ଦଳଙ୍କଠାରୁ ୨୦୨୫ ଏପ୍ରିଲ ୩୦ ସୁଦ୍ଧା ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆର୍‌ଓ), ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ) ଓ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ସ୍ତରରେ ଯେକୌଣସି ସମାଧାନ ହୋଇନଥିବା ସମସ୍ୟା ପାଇଁ ପରାମର୍ଶ ଆମନ୍ତ୍ରଣ କରିଛନ୍ତି। ମଙ୍ଗଳବାର ରାଜନୈତିକ ଦଳଗୁଡ଼ିକୁ ଜାରି କରାଯାଇଥିବା ଏକ ବ୍ୟକ୍ତିଗତ ଚିଠିରେ କମିଶନ ପ୍ରତିଷ୍ଠିତ ଆଇନ ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଉଭୟ ପକ୍ଷର ସୁବିଧାଜନକ ସମୟରେ ଦଳର ସଭାପତି ଏବଂ ଦଳର ବରିଷ୍ଠ ସଦସ୍ୟଙ୍କ ସହିତ ଏକ ଆଲୋଚନା କରିବାକୁ ମଧ୍ୟ ଅନୁମତି ଦେଇଛନ୍ତି। ପୂର୍ବରୁ ଗତ ସପ୍ତାହରେ ଏକ ଭାରତୀୟ ନିର୍ବାଚନ କମିଶନ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ) ଏବଂ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ)ଙ୍କୁ ରାଜନୈତିକ ଦଳ ଗୁଡ଼ିକ ସହିତ ନିୟମିତ ଆଲୋଚନା କରିବାକୁ ଏପରି ବୈଠକରେ ପ୍ରାପ୍ତ ଯେକୌଣସି ପରାମର୍ଶକୁ ପୂର୍ବରୁ ଥିବା ଆଇନଗତ ଢାଞ୍ଚା ମଧ୍ୟରେ କଡ଼ାକଡ଼ି ସମାଧାନ କରିବାକୁ ଏବଂ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା କମିଶନଙ୍କ ନିକଟରେ ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କମିଶନ ରାଜନୈତିକ ଦଳଗୁଡ଼ିକୁ ବିକେନ୍ଦ୍ରିତ ସମ୍ପର୍କର ଏହି ବ୍ୟବସ୍ଥାକୁ ସକ୍ରିୟ ଭାବେ ବ୍ୟବହାର କରିବାକୁ ମଧ୍ୟ ଅନୁରୋଧ କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ଗୃହରେ ହଙ୍ଗାମା...

ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଦିନତମାମ ବିଧାନସଭା ଅଚଳ ଥିବାବେଳେ ସଂଧ୍ୟାରେ ବାଚସ୍ପତି ଦଣ୍ଡାଦେଶ ଶୁଣାଇ ବିଶୃଙ୍ଖଳିତ ଆଚରଣ ପାଇଁ ତାରାଙ୍କୁ ୭ ଦିନ ପାଇଁ ଗୃହରୁ ନିଲମ୍ବିତ ଘୋଷଣା କରିଥିଲେ। ବାଚସ୍ପତିଙ୍କ ଏହି ନିଷ୍ପତ୍ତିକୁ ଏକପାଖିଆ ଓ ଗଣତନ୍ତ୍ରର ହତ୍ୟା ବୋଲି ଦର୍ଶାଇ ତାରା ଗୃହ ଛାଡ଼ି ନ ଥିଲେ। ମାତ୍ର ମାର୍ଶାଲଙ୍କ ସହାୟତାରେ ବାଚସ୍ପତି ତାଙ୍କୁ ଗୃହରୁ ବାହାର କରିଥିଲେ। ବାଚସ୍ପତିଙ୍କ ନିଷ୍ପତ୍ତି ବିରୋଧରେ କଂଗ୍ରେସ ବିଧାୟକମାନେ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣାରେ ବସିଛନ୍ତି। ନିଷ୍ପତ୍ତି ପ୍ରତ୍ୟାହାର ନ ହେଲା ପର୍ଯ୍ୟନ୍ତ ସେମାନେ ଉଠିବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ତେବେ ବାଚସ୍ପତିଙ୍କ ନିଷ୍ପତ୍ତି ବିରୋଧରେ କଂଗ୍ରେସ ସମର୍ଥନରେ ବିଜେଡି ସଭ୍ୟମାନେ ଜୟନାରାୟଣଙ୍କ ବରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ପ୍ରଶ୍ନ କରିଛନ୍ତି।

ଗୃହ ବହାରେ ଗଣମାଧ୍ୟମ ଆଗରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଥିଲେ, ଗଣତନ୍ତ୍ର ଏଠି ଭୁଷୁଡ଼ି ପଡ଼ିଛି। ବିରୋଧୀଙ୍କ କଣ୍ଠରୋଧ କରିବାକୁ ଚେଷ୍ଟା କରାଯାଉଛି। ବାଚସ୍ପତି ଏକପାଖିଆ ନିଷ୍ପତ୍ତି ନେଇଛନ୍ତି। ଏହାକୁ ଆମ ଦଳ ବିରୋଧ ଜାରିରଖିବ ବୋଲି ପ୍ରକାଶ କରିଥିଲେ। ବିଜେଡିର ବରିଷ୍ଠ ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କହିଥିଲେ, ବିଜେପିର ଜଣେ ବରିଷ୍ଠ ସଭ୍ୟ ଏଭଳି ଦାୟିତ୍ୱହୀନ ଓଡ଼ିଶା ବିଭାଜନ ପ୍ରସଙ୍ଗ ଉଠାଇଥିଲାବେଳେ ମୁଖ୍ୟମନ୍ତ୍ରୀ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି କଣ ପାଇଁ ଚୁପ୍ ବସି ରହିଛନ୍ତି, ତାହା ବୁଝାପଡୁନି। ଏହା କ'ଣ ଓଡ଼ିଆ ଅସ୍ମିତା ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ବିଜେଡି ସଭ୍ୟ ଅରୁଣ କୁମାର ସାହୁ କହିଥିଲେ, ବିକଶିତ ଓଡ଼ିଶା ସ୍ୱପ୍ନ ଦେଖୁଥିବା ବିଜେପି ଏବେ ଓଡ଼ିଶାକୁ ବିଖଣ୍ଡିତ କରିବାକୁ ଯାଉଛି। ଧନ୍ୟ ଏହି ଦଳ, ଧନ୍ୟ ଏହି ସରକାର ବୋଲି ସେ କଟାକ୍ଷ କରିଥିଲେ।

ଅନ୍ୟପକ୍ଷରେ ବିରୋଧୀଙ୍କୁ ଟାର୍ଗେଟ୍ କରି ବିଜେପିର ସଭ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ରାଜ୍ୟର ଜଣେ ମନ୍ତ୍ରୀଙ୍କୁ ଅସମ୍ମାନ କରିବା ସହ ମହିଳା ବାଚସ୍ପତିଙ୍କ ଉପରକୁ କାଗଜ ଫୋପାଡ଼ିବା ଆଦୌ ଗ୍ରହଣ ଯୋଗ୍ୟ ନୁହେଁ। ପବିତ୍ର ଗଣତନ୍ତ୍ରରେ ଏପରି ହୁଏ ନାହିଁ। ଏଥିପାଇଁ କଂଗ୍ରେସ ସଭ୍ୟମାନେ କ୍ଷମାମାଗିବା ଉଚିତ ବୋଲି ପ୍ରକାଶ କରିଥିଲେ। ସେହିପରି ବରିଷ୍ଠ ବିଜେପି ସଭ୍ୟ ବାବୁ ସିଂ କହିଥିଲେ, ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ବିଜେଡି ଓ କଂଗ୍ରେସ ସଭ୍ୟମାନେ ଅସହିଷ୍ଣୁ ହୋଇ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଛନ୍ତି। ଏହା ଠିକ୍ ନୁହେଁ। ଏଥିଯୋଗୁଁ ରାଜ୍ୟର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଲୋଚନା ହୋଇନାରୁନାହିଁ।

### ୨ ଗୋ-ଚାଲାଣକାରୀଙ୍କୁ...

ଭୀମସାର ମେଡିକାଲ୍‌ରେ ବର୍ତ୍ତି କରାଯାଇଛି। ସେମାନଙ୍କ ନିକଟରୁ ପୁଲିସ ୨ଟି ଦେଶୀ ବନ୍ଧୁକ ଓ ୪ ଗୁଳି ସହ ଏକ ହୁଣ୍ଡାଇ କାର୍ ଏବଂ ଗୋଟିଏ ଟ୍ରକ୍ ଜବତ କରାଯାଇଥିବା ବେଳେ ୩୦ ଗାଈଙ୍କୁ ଉଦ୍ଧାର କରାଯାଇଛି। ଉଭୟ ଅଭିଯୁକ୍ତ ପଶ୍ଚିମବଙ୍ଗ ହାଓ୍ୱାଡା ଜିଲ୍ଲାର ବୋଲି ଜଣାପଡ଼ିଛି। ତେବେ ଘଟଣାସ୍ଥଳରୁ ଆଉ ଏକ କାର୍ ଓ କେତେକ ମାଫିଆ ଫେରାର୍ ହୋଇଯାଇଛନ୍ତି। ଏହାସହ ଗୋବିନ୍ଦ ସିଂ ନାମକ ଟ୍ରକ୍ ଡ୍ରାଇଭର୍‌ଙ୍କୁ ମଧ୍ୟ ଅଟକ ରଖାଯାଇଛି। ତେବେ ଜବତ ଟ୍ରକ୍‌ଟି ରାଜସ୍ଥାନର ଏକ କମ୍ପାନୀରୁ ଭଡ଼ାରେ ଅଣାଯାଇଥିବା ସୂଚନା ମିଳିଛି। ଏଥିରେ ସହଯୋଗ କରୁଥିବା ସୁବର୍ଣ୍ଣପୁରର ରାମପୁର ଅଞ୍ଚଳର ନରେନ୍ଦ୍ର ମେହେରଙ୍କୁ ମଧ୍ୟ ଧରାଯାଇଛି ଏବଂ ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ନେଇ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ସୂଚନା ଦେଇଛନ୍ତି।

### ୮ ଟନ୍‌ରୁ ଉର୍ଦ୍ଧ୍ୱ...

ନିକଟସ୍ଥ ରାଜନଗଡ଼ ଜଙ୍ଗଲରୁ ୨୫୫୫ କିଲୋ ଗଞ୍ଜେଇ ଜବତ କରାଯାଇଛି। ତେବେ ଚଢ଼ଉ ସମୟରେ ସମସ୍ତ ନିଶାମାଫିଆ ଫେରାର୍ ହୋଇଯାଇଛନ୍ତି। ଏନେଇ ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଛି।

### ପାକିସ୍ତାନରେ ଟ୍ରେନ୍...

ଆସୁଥିବା ବିଏଲଏ ଗତ କିଛି ଦଶନ୍ଧି ହେଲା ବଲୁଚିସ୍ତାନକୁ ପାକିସ୍ତାନଠାରୁ ମୁକ୍ତ କରିବାକୁ ଉଦ୍ୟମ କରିଆସୁଛି। ଏଥିପାଇଁ ପାକିସ୍ତାନ ସେନା ଏବଂ ସରକାରଙ୍କ ବିରୋଧରେ ଏହି ସଶସ୍ତ୍ର ବାହିନୀ ସଶସ୍ତ୍ର ସଂଗ୍ରାମ ଚଳାଇଛି। ମାତ୍ର ଏହି ବିଦ୍ରୋହକୁ ପାକିସ୍ତାନ ସେନା କଠୋର ଭାବେ ଦମନ କରିବାକୁ ଉଦ୍ୟମ କରୁଛି। ଏଥିପାଇଁ ବେଲୁଚିସ୍ତାନର ସାଧାରଣ ଜନତାଙ୍କୁ ଉପରେ ଅକଥନୀୟ ଅତ୍ୟାଚାର କରାଯାଉଛି, ଅନେକ ଲୋକଙ୍କୁ ହତ୍ୟା କରାଯାଉଛି। ଏହା ବିରୋଧରେ ସଂଗ୍ରାମ କରୁଛି ବିଏଲ୍‌ଏ। ପ୍ରକାଶ, ୨ ବର୍ଷ ପୂର୍ବେ ଅର୍ଥାତ୍ ୧୬ ଫେବୃଆରୀ ୨୦୨୩ରେ ମଧ୍ୟ ଜାଫର ଏକ୍ସପ୍ରେସରେ ଏକ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ଏଥିରେ ୨ଜଣ ପ୍ରାଣ ହରାଇଥିଲେ। ତେବେ ସେତେବେଳେ ଏହି ବିସ୍ଫୋରଣ ପାଇଁ ଟିଟିପି (ତେହରିକ-ଏ-ତାଲିବାନ୍ ପାକିସ୍ତାନ) ନିଜକୁ ଦାୟୀ କରିଥିଲା। ସେହିପରି ୧୪ ନଭେମ୍ବର ୨୦୨୪ରେ କ୍ୱେଟା ରେଲୱେ ଷ୍ଟେସନ୍‌ରେ ବିସ୍ଫୋରଣ ହୋଇଥିଲା ଯେଉଁଥିରେ ୨୬ଜଣ ପ୍ରାଣ ହରାଇଥିଲେ ଏବଂ ୫୦ରୁ ଅଧିକ ଗୁରୁତର ହୋଇଥିଲେ। ଏହି ବିସ୍ଫୋରଣ ପାଇଁ ବିଏଲ୍‌ଏ ନିଜକୁ ଦାୟୀ କରିଥିଲା।

## ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା

# 'ବିକଶିତ ଦେଶ ଗଠନରେ ମାଆମାନେ ଭାଗନେବା ନିହାତି ଦରକାର'

**ଯାଜପୁର, ୧୧।୩/ଏନ୍ଏନ୍ଏସ୍:** ସରକାରଙ୍କ ଲକ୍ଷପତି ଦିଦି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ଉଦ୍ଦେଶ୍ୟରେ ସାରା ରାଜ୍ୟରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ଓ ମିଶନଶକ୍ତି ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଲକ୍ଷପତି ଦିଦି ତିଆରି କରିବା ପାଇଁ ଏହି ଜିଲ୍ଲାସ୍ତରୀୟ କର୍ମଶାଳା ଉପସ୍ଥିତ ମହିଳାଙ୍କ ମାର୍ଗଦର୍ଶନ କରିବ। ବିକଶିତ ଦେଶ ଗଠନରେ ମାଆମାନେ ଭାଗନେବା ନିହାତି ଦରକାର। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଅଧକ୍ଷତା କରି ଆମ ଜିଲ୍ଲାର ୯୦ ହଜାର ଲକ୍ଷପତି ଦିଦି ଟାର୍ଗେଟ୍ ଥିବାବେଳେ ଆମେ ୧ ଲକ୍ଷ ଲକ୍ଷପତି ଦିଦି ତିଆରି କରିପାରିବା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡିସିପି ମିଶନଶକ୍ତି ସିତାଂଶୁ ଶେଖର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଲକ୍ଷପତି ଦିଦି କରିବାର ସରକାରଙ୍କ ମୁଖ୍ୟ ଆଭିମୁଖ୍ୟ ହେଉଛି ଏସ୍‌ଏଚ୍‌ଜି ମହିଳାମାନେ ନିଜ ପିଲାଙ୍କ ଉଚ୍ଚଶିକ୍ଷା ନିମନ୍ତେ ଆବଶ୍ୟକ ଅର୍ଥ ଖର୍ଚ୍ଚ କରିବାକୁ ସକ୍ଷମ ହୋଇପାରିବେ। ସରକାରଙ୍କ ନିର୍ଦ୍ଦେଶକ୍ରମେ ଆମ ଜିଲ୍ଲାର ୯୦,୧୬୮ ଜଣ ପୋଟେନ୍ସିଆଲ୍ ଲକ୍ଷପତି ଦିଦିଙ୍କୁ ଏହି ଯୋଜନା ଉପରେ ତାଲିମ ଦିଆଯାଇଛି। ସେଥିମଧ୍ୟରୁ ଆଜିସୁଦ୍ଧା ୩୯,୮୯୭ ଜଣ ମହିଳା ନିଜକୁ ଲକ୍ଷପତି ଦିଦି ହିସାବରେ ସାବ୍ୟସ୍ତ କରିସାରିଲେଣି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଅଗ୍ରଣୀ ବ୍ୟାଙ୍କ ମ୍ୟାନେଜର୍, ଡିଡିଏମ ଓ ନାବାର୍ଡ ପ୍ରମୁଖ ଯୋଗଦେଇ ଉପସ୍ଥିତ ମହିଳାଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଓ ସବ୍‌ସିଡି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର ବିଡିଓ, ବିଦ୍ୟୁତ୍ ଅଧିକାରୀ, ଏସ୍‌ଏଚ୍‌ଜି ମହିଳା, କମ୍ୟୁନିଟି ସପୋର୍ଟ ଷ୍ଟାଫ୍, ଲକ୍ଷପତି ଦିଦି, ମିଶନଶକ୍ତି ଓ ଓଡ଼ିଶା ଜୀବିକା ମିଶନର କର୍ମଚାରୀମାନେ ଉପସ୍ଥିତ ଥିଲେ। ବିପିଏମ୍ ଓ ଓଏଲ୍‌ଏମ୍ ଶ୍ରୀନିବାସ ଧନ୍ୟବାଦ ଦେଇଥିଲେ।



**ଢେଙ୍କାନାଳ:** ସ୍ଥାନୀୟ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଆଗାମୀ ୫ ବର୍ଷରେ ରାଜ୍ୟରେ ୨୫ ଲକ୍ଷ ଜଣଙ୍କୁ ଲକ୍ଷପତି ଦିଦି କରାଯିବାର ଲକ୍ଷ୍ୟ ରହିଛି ବୋଲି ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଏହି ଅର୍ଥର ସୁବିନିଯୋଗ କରି କୌଣସି କାର୍ଯ୍ୟକୁ ଛୋଟ ନଭାବି ଠିକ୍ ଭାବେ କରିଲେ ସମସ୍ତେ ଲକ୍ଷାଧିକ ଟଙ୍କା ରୋଜଗାର କରିପାରିବା ବୋଲି କହି ଉପସ୍ଥିତ ମାଆ-ଭଉଣୀଙ୍କୁ ମନ୍ତ୍ରୀ ଉତ୍ସାହିତ କରିଥିଲେ। ଢେଙ୍କାନାଳରେ ୧୪ ହଜାର ଲକ୍ଷପତି ଦିଦି ସୃଷ୍ଟି କରାଯାଇ ସାରିଥିବାବେଳେ ୩୪ହଜାର ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥିଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ସରକାରଙ୍କ ଏହି ଅଭିନବ ଯୋଜନାର ସଦୁପଯୋଗ କରି ବିକାଶର ଧାରାକୁ ତୀବ୍ର କରିବାକୁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ ଋଣ ନେଇ ଏହାକୁ ନିଜ ବ୍ୟବସାୟରେ ଲଗାଇ ଠିକ୍ ସମୟରେ ସୁଝି ଆର୍ଥିକ ସ୍ଥିତି ସୁଧାରି ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ହଜାର ସଂଖ୍ୟକ ମହିଳା ଯୋଗ ଦେଇଥିଲେ। ଏହାବ୍ୟତୀତ କଙ୍କଡ଼ାହାଡ଼ ବ୍ଲକ୍‌ର ଶକ୍ତି ମା' ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସଦର ବ୍ଲକ୍‌ର ଜୟ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୩୦ ହଜାର ଟଙ୍କା ଲେଖାଏଁ ଆବର୍ତ୍ତନ ପାଣ୍ଠି ପ୍ରଦାନ କରାଯାଇଥିଲା। ଜିଲ୍ଲା ଜୀବିକା ମିଶନର ପ୍ରକଳ୍ପ ସଂଯୋଜିକା ସତ୍ୟଭାମା ପ୍ରଧାନ କର୍ମଶାଳାର ଆୟୋଜନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




# ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ସ୍କୁଲ୍‌ରେ ମହିଳା ଦିବସ



**ବୈଶିଙ୍ଗା, ୧୧।୩/ଏନ୍ଏନ୍ଏସ୍:** ବୈଶିଙ୍ଗା ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ଯୁବ ରେଡକ୍ରସ୍ ଏବଂ ଏନ୍‌ଏସ୍‌ଏସ୍‌ର ମିଳିତ ଉଦ୍ୟମରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଇଂରାଜୀ ବିଭାଗର ପ୍ରଧ୍ୟାପକ ବୀରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁଗଶ୍ରୀ ଓ ଯୁଗନାରୀ ମାସିକ ପତ୍ରିକାର ସମ୍ପାଦିକା ମମତା ମହାପାତ୍ର, ସମ୍ମାନିତ ଅତିଥିଭାବେ ଷ୍ଟେଟବ୍ୟାଙ୍କ୍ ଗଡ଼ଦେଉଳିଆ ଶାଖାର ଶାଖା ପରିଚାଳିକା ପଙ୍କଜିନୀ ସେଠୀ ଯୋଗଦେଇ ପିଲାଙ୍କୁ ସତ୍ୟ, ଶୃଙ୍ଖଳା ଓ ଆତ୍ମଶକ୍ତି ଉପରେ ସବିଶେଷ ଧାରଣା ଦେଇଥିଲେ। ଶ୍ରୀ ବେହେରା ପ୍ରାରମ୍ଭିକ ଭାଷଣ ପ୍ରଦାନ କରି ଛାତ୍ରଛାତ୍ରୀଙ୍କୁ ଆତ୍ମବିଶ୍ୱାସ ସହ ଆଗକୁ ବଢ଼ିବାର ଉତ୍ସାହ ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସମସ୍ତ ଅଧ୍ୟାପିକାଙ୍କୁ ମହିଳା ଦିବସ ଉପଲକ୍ଷେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ପ୍ରାଧ୍ୟାପକ, ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଜୟ କୁମାର ତ୍ରିପାଠୀ ସଂଯୋଜନା କରି ସଫଳତାର ସହ ପରିଚାଳନା କରିଥିଲେ। ରେଡକ୍ରସ୍ ଅଧିକାରୀ ମହେନ୍ଦ୍ର କୁମାର କର ଧନ୍ୟବାଦ ଦେଇଥିଲେ।

# ଜଙ୍ଗଲକୁ ରାସ୍ତା ଦେଖାଇ କିସମ ପରିବର୍ତ୍ତନ



**କେନ୍ଦୁଝର, ୧୧।୩/ଏନ୍ଏନ୍ଏସ୍:** ସଦର ତହସିଲ ରଘୁନାଥପୁର ଆର୍‌ଆଇ ସର୍କଲ୍ ଅନ୍ତର୍ଗତ ଗୋପାଳପୁର ମୌଜା ଗୋପାଳପୁର ଗ୍ରାମରେ ସୌମ୍ୟଶଙ୍କର ଚକ୍ର(ରାଜା) ଙ୍କ ଏକ ଫାର୍ମ ହାଉସ୍ ରହିଛି। ଉକ୍ତ ଫାର୍ମ ହାଉସ୍‌କୁ ଯିବା ପାଇଁ ରାସ୍ତା ନଥିଲେ ମଧ୍ୟ ଚଞ୍ଚକତା କରି କିସମ ପରିବର୍ତ୍ତନ କରାଯାଇଛି। କ୍ରାଇମବ୍ରାଞ୍ଚ (ଅର୍ଥନୈତିକ ଅପରାଧ ଶାଖା) ସୌମ୍ୟଶଙ୍କରଙ୍କ ନାମରେ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ପରେ ଏହି ଫାର୍ମ ହାଉସ୍ ସମ୍ପର୍କରେ ସୂଚନା ମିଳିଥିଲା। ଉକ୍ତ ମୌଜାରେ ଖାତା ନମ୍ବର ୭୯/୧୪୯ ପ୍ଲଟ ନମ୍ବର ୮୪୧ରେ ବେଆଇନ ଭାବେ କିସମ ପରିବର୍ତ୍ତନ କରାଯାଇଛି। ରଘୁନାଥପୁର ରାଜସ୍ୱ ନୀରିକ୍ଷକଙ୍କ ରିପୋର୍ଟ ଆଧାରରେ ସଦର ଉପଜିଲ୍ଲାପାଳ ଘରବାରିରେ କିସମ ପରିବର୍ତ୍ତନ କରିଛନ୍ତି। ଉକ୍ତ ପ୍ଲଟ୍‌କୁ ଯିବା ପାଇଁ ଜଙ୍ଗଲ ଜମି ଥିବାବେଳେ ରାଜସ୍ୱ ନୀରିକ୍ଷକ ଭୁଲ୍ ରିପୋର୍ଟ ଦେଇଥିବା ନଜରକୁ ଆସିଛି। ରାସ୍ତା ନଥାଇ ଓଏଲ୍‌ଆର୍ କେସ ନମ୍ବର ୧୦୪୩/୨୦୨୩ରେ ରୂପାଲି ପଟ୍ଟନାୟକ ଓ ସ୍ୱାମୀ ସୌମ୍ୟଶଙ୍କରଙ୍କ ନାମରେ ଥିବା ୨ ଏକର ୪୮ ଡିସିମିଲ୍ ଚାଷ ଜମିକୁ ଘରବାରିରେ କିସମ ପରିବର୍ତ୍ତନ କରାଯାଇଛି। ସେହିପରି ଜାତୀୟ ରାଜପଥ ୨୦ରୁ ଫାର୍ମ ହାଉସ୍‌କୁ ଯିବା ପାଇଁ ଖାତା ନମ୍ବର ୮୦, ପ୍ଲଟ୍ ନଂ ୪୭୮ରେ ଥିବା ଜଙ୍ଗଲ ଜମିରେ ୨୦୦ ମିଟର ପକ୍କା ରାସ୍ତା ହୋଇଛି। ବନ ବିଭାଗର ବିନା ଅନୁମତିରେ ଏହି ରାସ୍ତା ନିର୍ମାଣ ହୋଇଛି। ତେବେ ଏହି ରାସ୍ତା କେଉଁ ବିଭାଗ ପକ୍ଷରୁ କରାଯାଇଛି ତାହାର ସୂଚନାଫଳକ ଲଗାଯାଇ ନାହିଁ। ଜଙ୍ଗଲ ଜମିରେ ପକ୍କା ରାସ୍ତା ହୋଇଥିଲେ ମଧ୍ୟ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଚୁପ୍ ରହିଥିଲା। ଏପରିକି ବନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଏ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ ଦେଇନଥିବାବେଳେ ଦୋଷୀଙ୍କ ବିରୋଧରେ କୌଣସି ମାମଲା ମଧ୍ୟ କରାଯାଇନାହିଁ। ଫାର୍ମ ହାଉସ୍‌କୁ ଯିବା ପାଇଁ ୧ କିଲୋମିଟର ଜଙ୍ଗଲ ଦେଇ ଯିବାକୁ ପଡୁଛି। କେନ୍ଦୁଝର ସଦର ରେଞ୍ଜ ନରଣପୁର ସେକ୍ସନ ଅଧୀନରେ ଗୋପାଳପୁରରେ ଥିବା ଫାର୍ମ ହାଉସ୍ ୧ଏକରରୁ ଅଧିକ ଜଙ୍ଗଲ ଜମି ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଫାର୍ମ ହାଉସ୍‌ରେ ଖାତା ନମ୍ବର ୮୦ ପ୍ଲଟ୍ ନମ୍ବର ୮୩୮ରେ ଥିବା ଜଙ୍ଗଲ ଜମି ଜବରଦଖଲ ହୋଇ ରାସ୍ତା, ମୁଖ୍ୟ ଗେଟ୍, ଫୁଲ ବଗିଚା, ପିଲାଙ୍କ ଖେଳିବା ପାଇଁ ଦୋଳି ଓ ପୋଖରୀ ନିର୍ମାଣ କରାଯାଇଛି। ଏନେଇ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଷ ରାମସିଂ ଖୁଣ୍ଟିଆଙ୍କୁ ନିଜ ପ୍ରତିକ୍ରିୟାରେ ଦୋଷୀ ବନ ଅଧିକାରୀ ଏବଂ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଅନୁକୂଳଚନ୍ଦ୍ରଙ୍କ ଶ୍ରୀମନ୍ଦିର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ

**ଧର୍ମଶାଳା, ୧୧।୩/ଏନ୍ଏନ୍ଏସ୍:** ଧର୍ମଶାଳା ସତ୍‌ସଙ୍ଗ ବିହାରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଶ୍ରୀମନ୍ଦିର ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବ୍ରହ୍ମ ମୁହୂର୍ତ୍ତରେ ପ୍ରାର୍ଥନା କରାଯାଇ ଠାକୁରଙ୍କ ସଦଗ୍ରନ୍ଥ ପଠନ କରାଯାଇଥିଲା। ସଙ୍ଗୀତା ଅଞ୍ଜଳି କାର୍ଯ୍ୟକ୍ରମ କରାଯିବା ସହ ୮ ଘଟିକା ସମୟରେ ରତ୍ନମୁଦ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଇଥିଲା। ପୂଜାପାଠ, ଯଜ୍ଞ ଆହୁତୀ କରାଯାଇ ଶ୍ରୀ ମନ୍ଦିର ଚୂଡ଼ାରେ ରତ୍ନମୁଦ ସ୍ଥାପନ କରାଯାଇ କରାଯାଇଥିଲା। ସତସଙ୍ଗ କେନ୍ଦ୍ରର ସଭାପତି ସହ ରିତ୍ୱିକ ରାମଚନ୍ଦ୍ର ସାହୁ,ନାରାୟଣ ଚନ୍ଦ୍ର ମହାନ୍ତି, ଇଂ ରଞ୍ଜନ କୁମାର ମୁଦୁଲି, ଶିବାଜୀ ମହାନ୍ତି, ରମେଶ ଚନ୍ଦ୍ର ଜେନା, ଅଭିରାମ ଜେନା ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା ଉତ୍ସବକୁ ତ୍ୱରାନିତ୍ୱ କରିଥିଲେ। ଅଧର୍ଯ୍ୟୁ ଓ କର୍ମୀ ନାରାୟଣ ଚନ୍ଦ୍ର ସାମଲ, କୁଳମଣି ସାମଲ, ଅଜୟ କୁମାର ନାଥ, ପ୍ରଦୀପ କୁମାର ବରାଳ,ସମ୍ପାଦକ ଦୁର୍ଯ୍ୟୋଧନ ମହାନ୍ତି, ବିଜୟ କୁମାର ବରାଳ ଏବଂ ଗୁରୁଭାଇ, ଗୁରୁ ମାଆ ସମେତ ଧର୍ମଶାଳା ଅଞ୍ଚଳର ବହୁ ଭକ୍ତ ଯୋଗଦେଇ ଉତ୍ସବକୁ ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ହାଜି ମହମ୍ମଦ ଅବଦୁଲ୍ ବାରୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭଦ୍ରକ, ୧୧।୩/ଏନ୍ଏନ୍ଏସ୍:** ଭଦ୍ରକ ପୁରୁଣା ବଜାର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଭଦ୍ରକ ମୁସଲିମ୍ ଜମାତର ଆଜୀବନ ସଭାପତି ତଥା ଜାତୀୟ ସଦ୍‌ଭାବନା ପୁରସ୍କାରପ୍ରାପ୍ତ ହାଜି ମହମ୍ମଦ ଅବଦୁଲ ବାରୀଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜନାବ ହାଜି ମହମ୍ମଦ ଅବଦୁଲ ବାରୀଙ୍କ ମୃତ୍ୟୁରେ ଭଦ୍ରକ ଜଣେ ମୁରବୀଙ୍କୁ ହରାଇଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ଜଣେ ସଫଳ ସମାଜସେବୀ ଓ ସରଳ ସ୍ୱଭାବର ମଣିଷ ଥିଲେ। ଭଦ୍ରକ ଏନ୍‌ଏସିର ଉପନଗରପାଳ ସହ ୩ଥର କାଉନସିଲର୍ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ଓ୍ୱାକଫବୋର୍ଡର ସଦସ୍ୟ ରହିବା ସହ ରାଜ୍ୟ ହଜ୍ କମିଟି ସଭ୍ୟ ଓ ଭଦ୍ରକ ମହିଳା କଲେଜ ଗଭର୍ଣ୍ଣିଂ କମିଟି ସଭ୍ୟ ଥିଲେ। ୧୯୯୩ରୁ ଶେଷ ନିଶ୍ୱାସ ତ୍ୟାଗ କରିବା ଯାଏଁ ଭଦ୍ରକ ମୁସଲିମ୍ ଜମାତର ସଭାପତି ଭାବେ ଦୀର୍ଘ ୨୮ ବର୍ଷ ନିରବଛିନ୍ନ ଭାବେ ନିଜ ଦାୟିତ୍ୱ ତୁଲାଇ ଜିଲ୍ଲା ତଥା ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଥିଲେ। ଶିକ୍ଷକ ତଥା କବି ମୁସ୍ତାକ ଗୌହରଙ୍କ



ସଞ୍ଚାଳନରେ ଅନୁଷ୍ଠିତ ସ୍ମୃତିସଭାରେ ଡାକ୍ତର ହକିମୁଦ୍ଦିନ ସାହେବ, ହାଜି ଅବଦୁଲ ମୁକିତ ଖାନ୍, ଏସ୍‌ଏମ୍ ଫାରୁକ, ସୁଧାକର ରାଉତ, ହାଜି ସମିଉଲ୍ଲା ସାହେବ, ଅସରଫ ଅଲି ଖାନ୍, ବିଦ୍ୟାଧର ସାହୁ, ଲଲାଟେନ୍ଦୁ ମହାନ୍ତି, ନାଶିର ବକ୍ସ, ହରୀ ନନ୍ଦୀ, ହାଜି ଅନଓ୍ୱାର ହୋସେନ, ଇଂ ରେଜାଏ ରସୁଲ, ଶେଖ ସିରାଜୁଦ୍ଦିନ, ବିବେକ ରାୟ, ଜ୍ୟୋତିପ୍ରକାଶ ମହାନ୍ତି, ହାଜି ଅବଦୁଲ କାସିମ ଖାନ୍, ଲାଲା ପ୍ରମୋଦ ରାୟ, ହାଜି ଶେଖ୍ ସୁଫିଆନ ଓ ହାଜି ହାଫିଜୁର ରେହେମାନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

**ହିନ୍ଦୋଳ, ୧୧।୩/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର କାରଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଓଡ଼ିଆ ଭାଷା ଉପରେ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଭିନ୍ନ ଧରଣର କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ପିଲାଙ୍କ ମନରେ ଓଡ଼ିଆ ଭାଷା ପ୍ରତି ଭଲପାଇବା, ପଢ଼ିବା ଓ ଲେଖିବା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଓକେସିଏଲ୍ କମ୍ପ୍ୟୁଟର କେନ୍ଦ୍ରର ପରିଚାଳକ ତଥା ସମ୍ବାଦ ପ୍ରତିନିଧି ସାମ୍ବାଦିକ ପ୍ରଶାନ୍ତ କୁମାର ଜେନାମଣି ପିଲାଙ୍କ ଓଡ଼ିଆ ଭାଷା ପ୍ରତି ଆଗ୍ରହ ନିମନ୍ତେ ପ୍ରଶ୍ନୋତ୍ତର ପ୍ରତିଯୋଗିତା, ବର୍ଣ୍ଣବୋଧ ପଠନ ଓ ସାହିତ୍ୟ ସମ୍ବନ୍ଧିତ ଅନେକ ପ୍ରସଙ୍ଗର ଆଲୋଚନାଚକ୍ର ହୋଇଥିଲା। ଏଥିରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ଅନେକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଧାନବିକ୍ରିରୁ ବଞ୍ଚିତ ପଞ୍ଜିକୃତ ଚାଷୀ

# ସମବାୟ ସମିତି କାର୍ଯ୍ୟାଳୟରେ ତାଲା, ଯୋଗାଣ ଅଧିକାରୀଙ୍କୁ ଘେରାଉ

**କାମାକ୍ଷାନଗର, ୧୧।୩/ଏନ୍ଏନ୍ଏସ୍:** ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନିଜ ଜିଲ୍ଲା ଢେଙ୍କାନାଳରେ ମଣ୍ଡିରେ ଧାନ ବିକ୍ରିକୁ ନେଇ ସମସ୍ୟା ଜାରି ରହିଛି। ଏହାକୁ କେନ୍ଦ୍ର କରି ଶତାଧିକ ଚାଷୀ କାମାକ୍ଷାନଗର ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇବା ସହ କାମାକ୍ଷାନଗର ଉପଖଣ୍ଡ ଯୋଗାଣ ଅଧିକାରୀଙ୍କୁ ଘେରିଛନ୍ତି। ଘଟଣାରୁ ପ୍ରକାଶ, କାମାକ୍ଷାନଗର ସମବାୟ ସମିତି ଅଧୀନରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୧୫୮ ଜଣ ଚାଷୀ ୬୦୦୦ କ୍ୱିଣ୍ଟାଲ ଧାନମଣ୍ଡିରେ ବିକ୍ରି କରିବା ପାଇଁ ପଞ୍ଜିକୃତ ହୋଇଛନ୍ତି। କିନ୍ତୁ ଟାର୍ଗେଟ୍ ଅଭାବରୁ ଆଜିପର୍ଯ୍ୟନ୍ତ ଶତାଧିକ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ପାରିନାହାନ୍ତି। ଫଳରେ ଧାନ ଗୁଡ଼ିକ



ନଷ୍ଟ ହେବାକୁ ବସିଥିବାବେଳେ ଅନେକ ପରିମାଣର ମୂଷା ଖାଇ ନଷ୍ଟ କରିସାରିଲାଣି। ତେଣୁ ଧାର କରଜ କରି ଧାନ ଚାଷ କରିଥିବା ଚାଷୀମାନେ ଏବେ ଧାନ ବିକ୍ରି କରିନପାରି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହାର ପ୍ରତିବାଦରେ ମଙ୍ଗଳବାର ଶତାଧିକ ଚାଷୀ କାମାକ୍ଷାନଗର ଆଦର୍ଶ ସମବାୟ ସମିତି ଘେରାଉ କରି କାର୍ଯ୍ୟାଳୟରେ ତାଲା ପକାଇବା ସହ କାମାକ୍ଷାନଗର ଉପଖଣ୍ଡ ଯୋଗାଣ ଅଧିକାରୀଙ୍କୁ ଘେରାଉ କରିଛନ୍ତି। ଯଦି ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ତୁରନ୍ତ ଧାନ ବିକ୍ରି କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାନଯାଏ ତା'ହେଲେ ଆଗାମୀ ସମୟରେ ରାଜରାସ୍ତା ଅବରୋଧ କରିବା ସହ ବଡ଼ ଧରଣର ଆନ୍ଦୋଳନ କରିବା ପାଇଁ ଚାଷୀମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି। କାମାକ୍ଷାନଗର ଆଦର୍ଶ କୃଷି ସମବାୟ ସମିତିର ସମ୍ପାଦକ ସାଗରକାନ୍ତ ରାଉତ କହିଛନ୍ତି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ଟାର୍ଗେଟ୍ ନଥିବାରୁ ମଣ୍ଡିରେ ଧାନ ନେବା ସମ୍ଭବ ହୋଇ ପାରୁନାହିଁ। ଉପରୁ ନିର୍ଦ୍ଦେଶ ଆସିଲେ ଆମେ ମଣ୍ଡି କରି ଚାଷୀଙ୍କଠାରୁ ଧାନ କିଣିବୁ।

# ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବରେ 'ଆମ ସଂସ୍କୃତି, ଆମ ଖେଳଣା'



**ଚାରିଛକ,୧୧।୩/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଛବାଟିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ଆମ ସଂସ୍କୃତି, ଆମ ଖେଳଣା ଏବଂ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ଦାସ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ବବିତା ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଃ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମଂଜୁଶ୍ରୀ ଭୋଇ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ରସେନ ଗୋଛାୟତ,ସମ୍ମାନୀତ ଅତିଥିଭାବେ ଶିକ୍ଷକନେତା ତ୍ରିଲୋଚନ କର, ସମିତିସଭ୍ୟା ଝରଣା ସାହୁ, ସିଆରସିସି ରବୀନ୍ଦ୍ର କୁମାର ତ୍ରିପାଠୀ,ପ୍ରଧାନ ଶିକ୍ଷକ ବିଷ୍ଣୁମୋହନ ପାତ୍ର, ଓ୍ୱାର୍ଡସଭ୍ୟ ବିଜୟ କୁମାର ଦାସ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦିଲ୍ଲୀପ କୁମାର ଦାସ, ପୂର୍ବତନ ପରିଚାଳନା କମିଟି ସଭାପତି ଆର୍ତ୍ତତ୍ରାଣ ଦାସ, ଯୁବ ସମାଜସେବୀ ଅରକ୍ଷୀତ ଭୋଇ,ପ୍ରକାଶ ସାହୁ ପ୍ରମୁଖ ଯୋଗଦେଇ ଦେଶର ପ୍ରଗତୀ ପାଇଁ ଶିକ୍ଷାର ଆବଶ୍ୟକ, ଶିକ୍ଷାର ବିକାଶ ହେଲେ ରାଜ୍ୟ ତଥା ଦେଶର ବିକାଶ ହୁଏ ବୋଲି ମତବ୍ୟକ୍ତ କରିବା ସହ ବାର୍ଷିକୋତ୍ସବ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଅର୍ନ୍ତନିହିତ ଗୁଣ ପରିପ୍ରକାଶ ହୁଏ ବୋଲି କହିଥିଲେ । ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଧାନଶିକ୍ଷକ ବିଷ୍ଣୁମୋହନ ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ, ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇଥିବାବେଳେ ଛବାଟିଆ ଗ୍ରାମର ପୁରାତନ ଛାତ୍ରମାନେ ସହଯୋଗ କରିଥିଲେ ।

# ଶୁଭଶ୍ରୀଙ୍କୁ 'ନାରୀରତ୍ନ ସମ୍ମାନ'

**କୁଆଁପାଳ,୧୧।୩/ଏନ୍‌ଏନ୍‌ଏସ୍:** ଆର୍ନ୍ତଜାତୀୟ ମହିଳା ଦିବସ ଅବସରରେ ନିଶିଗନ୍ଧା ନାରୀ ସଶକ୍ତିକରଣ ଚକେଇସିଆଣି ଭୁବନେଶ୍ୱର ଆନୁକୂଲ୍ୟରେ ବିଶ୍ୱମହିଳା ଦିବସ ସମ୍ବର୍ଦ୍ଧନା ଏବଂ ଆଧୁନିକ ସମାଜରେ ନାରୀର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଭୁବନେଶ୍ୱରସ୍ଥିତ ରେଡକ୍ରସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ସବଳକଣା ଗ୍ରାମର ସମାଜସେବିକା




କବୟିତ୍ରୀ ଶୁଭଶ୍ରୀ ମହାପାତ୍ରଙ୍କୁ ନାରୀଶକ୍ତି ସମ୍ମାନ ସନନ୍ଦ-୨୦୨୫ ନାରୀରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ପଦ୍ମଶ୍ରୀ ଡଃ. ଦେବୀପ୍ରସନ୍ନ ପଟ୍ଟନାୟକ, ପଦ୍ମଶ୍ରୀ ଡଃ. ଅଶୋକ କୁମାର ମହାପାତ୍ର, ଡଃ. ପ୍ରତିଭା ମଞ୍ଜରୀ ପଟ୍ଟନାୟକ, ଇଂ. ଅର୍ଚ୍ଚନା ଦାସ, ଡଃ. ଅଂଶୁମାନ କର, ଡଃ. ଆର୍ତ୍ତତ୍ରାଣ ସାହୁ, ପୂର୍ବତନ ଜିଲ୍ଲାପାଳ ନିରଞ୍ଜନ ସାହୁ, ଉପସଭାପତି ସୁଇଟି ସାହୁ, ବଳରାମ ତରାଇ, ଡଃ. ପ୍ରତିଭା ମହାରଥି, ଶୁଭଦର୍ଶିନୀ ତୃପ୍ତିମଞ୍ଜରୀ ପରିଡା, ଦେବସ୍ମିତା ଘଡେଇ, ବିଶ୍ୱରୂପା ପଣ୍ଡା ଉପସ୍ଥିତ ରହି ଶୁଭଶ୍ରୀଙ୍କ ସାମାଜିକ ସେବା ଓ ନାରୀ ଶସସ୍ତୀକରଣ ଦିଗରେ ତାଙ୍କର ଅବଦାନ ପାଇଁ ତାଙ୍କୁ ନାରୀରତ୍ନ ସମ୍ମାନରେ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ

**ଚାରିଛକ,୧୧।୩/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କର ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି ।



ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକଙ୍କ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ତାଲିମ ଶିବିରରେ ଏକ ଶହ ଛାତ୍ରୀ ତାଲିମ ନେଉଛନ୍ତି । ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପିକା ସିପ୍ରାରାଣୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଏନ୍‌ସିସିର ମେଜର ପୁଷ୍ପଲତା ଦତ୍ତ, ଅଧ୍ୟାପିକା ସୁଲୋଚନା ସାହୁ, ଅଧ୍ୟାପିକା ଇତିଶ୍ରୀ ସାହୁ, ଅଧ୍ୟାପିକା ସୁନିତା ନାୟକ, କ୍ରୀଡ଼ାଶିକ୍ଷୟିତ୍ରୀ ପାର୍ବତୀ ପରିଡା ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।


## ହଜିଛି


ମୁଁ ଶ୍ରୀ ବବୁଲ୍ ନାଇକ, ପିତା-ସ୍ୱର୍ଗତ ଭାସ୍କର ନାୟକ, ନିବାସ ଏ.ନାରାୟଣପୁର, ଥାନା-କୋଡିନଡା ଜଣାଉଛିକି ଯେ ମୋର ମାଆ ସାବିତ୍ରୀ ନାଇକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଏକ ସ୍ଥାୟୀ ଜମା କରିଥିଲେ । ଯେଉଁ ବଣ୍ଡର ନମ୍ବର ୧୯୮୧୨୩୦୩୦୦୦୦୬୧୯ ଅଟେ । ଉକ୍ତ ସ୍ଥାୟୀ ଜମାବଣ୍ଡଟି କେଉଁଠି ହଜିଯାଇଛି । ଯଦି କୌଣସି ସହୃଦୟ ବ୍ୟକ୍ତି ତାକୁ ପାଆନ୍ତି ତେବେ ନିମ୍ନ ଠିକଣାରେ ଜଣାଇବାକୁ ବିନମ୍ର ଅନୁରୋଧ କରୁଛି ।

ଇତି
ବବୁଲ୍ ନାଇକ,
ପିତା-ସ୍ୱର୍ଗତ ଭାସ୍କର ନାୟକ
ଗ୍ରାମ-ଏ.ନାରାୟଣପୁର,
ଥାନା-କୋଡିନଡା, ଆସିକା, ଗଞ୍ଜାମ


# ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ଶ୍ରାଦ୍ଧବାର୍ଷିକୀ

**କୁଆଁପାଳ,୧୧।୩/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଞ୍ଚାୟତସ୍ଥିତ ବାଲିପଡା ମୌଜାର ପୂର୍ବତନ ସରପଞ୍ଚ ତଥା ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟର ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏବଂ ଜମିଦାର ପରିବାର ସ୍ୱର୍ଗତ ଶ୍ରୀଧର କୁଅଁର ଓ ବାସନ୍ତୀ କୁଅଁରଙ୍କ କନିଷ୍ଠ ପୁତ୍ର ସ୍ୱର୍ଗତ କିଶୋର ଚନ୍ଦ୍ର କୁଅଁର (ଟିକନ)ଙ୍କ ୧୭ତମ ଶ୍ରାଦ୍ଧବାର୍ଷିକ ଉତ୍ସବ ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟ ଓ ଶ୍ରୀଧର କୁଅଁର ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ କୁଅଁରଙ୍କ ପ୍ରତିମୂର୍ତ୍ତିରେ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଯୋଗେଶ ଚନ୍ଦ୍ର କୁଅଁର, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ସାମଲ, ଶିକ୍ଷକ ମନୋରଂଜନ ବରାଳ, ରବିନ୍ଦ୍ରନାଥ ବାରିକ, ଅଭିରାମ ସ୍ୱାଇଁ, ସଂଯୁକ୍ତାବାଳା ନାଥ, ମୋହନ ଚରଣ ସିଂହ, ପଦ୍ମଲୋଚନ ସାହୁ, ରିଆଜ ଆଲାମ ଖାଁ, ଯତୀନଜୟ କୁଅଁର,ଜୟନ୍ତୀ କୁଅଁର, ସବିତା କୁଅଁର, ସୌମ୍ୟଶ୍ରୀ ପ୍ରିୟଦର୍ଶିନୀ କୁଅଁର, ନମିତା କୁଅଁର, ଶୁଭଶ୍ରୀ ପ୍ରିୟଦର୍ଶିନୀ କୁଅଁର, ରାଜଶ୍ରୀ ପ୍ରିୟଦର୍ଶିନୀ କୁଅଁର, ଜିତେନ୍ଦ୍ର କୁଅଁର, ମନୁଶ୍ରୀ କୁଅଁର, ଜୟଶ୍ରୀ କୁଅଁର, ଅଜୟ ସିଂହ, ସାମ୍ବାଦିକ ବିଜୟ କୁଅଁରଙ୍କ ସମେତ ବହୁ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ରହି ମାଲ୍ୟାର୍ପଣ କରିବା ସହ ସ୍ୱର୍ଗତ କୁଅଁରଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଉଭୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଶିକ୍ଷା କର୍ମଚାରୀ ଉପସ୍ଥିତ ଥିଲେ ।

# ସେକ୍ ନାଜର ବକ୍ସଙ୍କ ବିୟୋଗରେ ଶୋକ



**କୁଆଁପାଳ,୧୧।୩/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଂଚାୟତର ଗୋପାଳପୁରସ୍ଥିତ ଏସ୍ ଉଇ କ୍ୟାନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସେକ୍ ନାଜର ବକ୍ସ (ସନୋ ଭାଇ)ଙ୍କ ବିୟୋଗରେ ସଂଗଠନର ଅଧକ୍ଷ ସତ୍ୟଜିତ୍ ବିଶ୍ୱାଳ, ସଂଗଠନର ଉପଦେଷ୍ଟା ତଥା ଶିକ୍ଷାବିତ୍ ସେକ୍ ମୋହିଉଦ୍ଦିନ, ଉପସଭାପତି ତଥା ଅବସରପ୍ରାପ୍ତ ବ୍ୟାଙ୍କ ଶାଖା ପରିଚାଳକ ପ୍ରଦୀପ୍ତ କିଶୋର ନାଥଶର୍ମା, ସଂପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ, ସଭ୍ୟ ଉମାକାନ୍ତ ସାମଲ, ବିଶ୍ୱଭୂଷଣ ପ୍ରଧାନ, ବିଚିତ୍ରାନନ୍ଦ ବିଶ୍ୱାଳ, ଲକ୍ଷ୍ମଣ ଦାସ, ହିଂମାଶୁ ରାଉତ, ସୁବାଷ ଚନ୍ଦ୍ର ମହାନ୍ତି, ଅବଦୁଲ ହାସନ, ମାନସ ନାଥଶର୍ମା, ସରୋଜ କୁମାର ସାମଲ, ବିଧାନ ପ୍ରଧାନ, ସୌମେନ୍ଦ୍ର ସାହୁ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।


## AFFIDAVIT

By virtue of an affidavit sworn before Notary Public, Balliguda dated **10.03.2025**, I **Dhabaleswar Patra**, S/o-Krushna Singh Patra of Village - Padmapadar, P.O-Padmapadar, P.S-Balliguda, Dist- Kandhamal have changed the name of my minor son from "**MAKNDA PATRA**' to "**BALIARSINGH PATRA**". Henceforth, he shall be known as **BALIARSINGH PATRA** for all purposes.

## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/24-25/ E-Tender/115, ତା.05.03.2025ରିଖ

(1) ଟେଣ୍ଡର ସଂ. e-tenderNorthKUR-336-2024, ତା.28.02.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ-ଖୋର୍ଦ୍ଧା ରୋଡ୍ ସେକ୍ସନରେ ଜେନାପୁର (JEN) ଷ୍ଟେସନଠାରେ ଅତିରିକ୍ତ ଲୁପର ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 444.49 ଲକ୍ଷ, EMD : ₹ 3,72,300/-

(2) ଟେଣ୍ଡର ସଂ. e-tendersouthkur-335-2024, ତା.24.02.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁ ପରିସୀମା ଅଧୀନସ୍ଥ ବାଲୁଗାଁ-ଗଞ୍ଜାମ ସେକ୍ସନରେ ଅଟୋ (Auto) ସେକ୍ସନ ସମ୍ପର୍କିତ 16 ସଂଖ୍ୟକ ଗୁମ୍ଟି (ଅଟୋ କମ୍ ଗେଟ୍ ଗୁମ୍ଟି) ଗୁଡ଼ିକର ବ୍ୟବସ୍ଥା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 701.10 ଲକ୍ଷ, EMD : ₹ 5,00,600/-

ଶେଷ ହେବା ଅବଧି : 12 (ବାର) ମାସ (କ୍ରମ ସଂ. 1 ପାଇଁ) ଏବଂ 10 (ଦଶ) ମାସ (କ୍ରମ ସଂ. 2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.03.2025ରିଖ 1500 ଘଡିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିଅର ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏଭିଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-1064/P/24-25

C-1837

## "e" PROCUREMENT NOTICE

Tender Reference No - BELL/EO/3-2024-25
Tender Call Notice Notice No. 313 // Dt. 10.03.2025

Bid documents consisting of plans, Specifications, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

1. Name of the work : Civil works as mentioned in website.
2. No. of works : 01 Nos.
3. Bid value : Rs. 9.99 Lakhs
4. Period of completion : One Month
5. Date and time of availability of the bid documents in the portal : 11.03.2025 at 10.30 AM to 01.00 PM. of dt.19.03.2025.
6. Last date of / Time for receipt of bids in the portal : 19.03.2025 up to 01.00 PM
7. Bids received on line shall be opened on 19.03.2025 at 03.00 PM
8. Name and address of the officer inviting Bid : Executive Officer, N.A.C., Bellaguntha.

Further details can be seen from the procurement portal : www.tendersorissa.gov.in

Sd/- Executive Officer
NAC, Bellaguntha

OIPR-13113/11/0014/2425

i-550

## OFFICE OF THE PANCHAYAT SAMITI, BARGAON DIST - SUNDARGARH

e-mail id : ori-bargaon@nic.in, Pin - 770016

No. 806 Date : 10.03.2025

### Tender Call Notice-03/2024-25

Sealed Tenders are invited from the interested bidder for the civil work under BDO, Bargaon of Sundargarh District. The detail of works, eligibility, estimated cost and cost of tender paper has been uploaded in the district website www.sundargarh.odisha.gov.in. The bidder should be C & B Class contractor. They have to submit the bid document to the undersigned in the address of office of the B.D.O., Bargaon, At/Po- Bargaon, Pin-770016, Dist-Sundargarh (Odisha) through Registered Post / Speed Post only on or before 25.03.2025, 4:30 PM. The sale of tender paper will be available from dated 12.03.2025 to dated 24.03.2025 & also available in the district website www.sundargarh.odisha.gov.in. The authority reserves the right to cancel or reject the entire process without assigning any reason thereof. The tender will be opened on dated 26.03.2025 at 11.00 AM in the office of the undersigned in teh presence of the bidders or his/her representatives.

Yours faithfully
Block Development Officer
Bargaon

OIPR-19338/11/0003/2425

B-1073

## OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-II RAYAGADA

E-mail ID : eepwd765017@gmail.com, Phone-(06856)233066

Letter No. 2165 Dated : 03.03.2025

### 2nd CORRIGENDUM

For the tender invited vide this office Bid identification No. RC (RANDB) RGD No-II 16/2024-Dated 14.02.2025 (On line) the following modification in date and time is made due to technical problem and same will be available in website from following dates times.

4. Date & time of availability of bid document in the portal : 11.00 Hrs. of dtd. 07.03.2025 to 17.00 hrs. of dtd. 21.03.2025 for online bidding.
5. Last date / time for receipt of bids in the portal : Up to 17.00 Hrs. of dt.21.03.2025
6. Name and address of the officer inviting Bid : Superintending Engineer, Rayagada (R&B) Divsion No-II
7. Date of opening of Bid at 11.00 Hours on dt.24.03.2025.
8. Further details can be seen from the e-procurement portal : www.tendersodisha.gov.in
9. Further addendum / corrigendum if any will be hosted in the above website only.

Sd/- Superintending Engineer
Rayagada (R&B) Division No-II

OIPR-34139/11/0013/2425

## The Odisha Small Industries Corporation Ltd.

(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1

e-Procurement Notice

Tender Notice No.529/OSIC/MKT. Date:10.03.2025

The Odisha Small Industries Corporation Ltd. (OSIC) (A Govt. of Odisha Undertaking),Industrial Estate, Madhupatna, Cuttack - 753010, Odisha invites Tenders in sealed cover under two bids system i.e. Technical Bid & Price Bid for "Supply & installation of Inverter, computer and sound systems at Marshaghai College, Marshaghai" as per specification in ONLINE MODE.

| Date of Commencement of Tender | Last Date & Time of online submission and receipt of Tender | Date & Time for online opening of Tender | Cost of Tender Paper + GST@18%(Rs) |
|---|---|---|---|
| 10.03.2025 3.30PM | 31.03.2025 at 5.30 PM | 02.04.2025 at 12.30 PM | (Rs. 6000/-) |

The tender notice may be downloaded from http://tendersorissa.gov.in./website: www.osicltd.in and the tender document can be downloaded from http://tendersorissa.gov.in. Any corrigendum / addendum / information relating to this NIT will only be uploaded in above websites which will not be published in Newspapers.

The bidders have to participate in ONLINE bidding only. Further details can be seen from the website http:// tendersorissa.gov.in./www.osicltd.in. All future corrigendum will be available on ONLINE MODE ONLY.

Sd/-
GENERAL MANAGER(O)

OIPR-14073/11/0036/2425 CAD-2799

XXXIII-44

## ଭୂ-ଅର୍ଜନ, ଥଇଥାନ ଏବଂ ପୁର୍ନବସତି ପ୍ରାଧିକାରୀ ଅଦାଲତ, କଟକ

### ନୋଟିସ୍

ଆଦେଶ-୫ ନିୟମ-୨୦ ଦେଓ୍ୱାନୀ କାର୍ଯ୍ୟ ବିଧି ସଂହିତା-୧୯୦୮ ଅନୁଯାୟୀ
ଏଲ.ଏ.କେସ୍ ନଂ-୩୭/୨୦୨୦

ଭୂମି ଅଧିଗ୍ରହଣ ଅଧିକାରୀ, ତଥା କଲେକ୍ଟର ଖୋର୍ଦ୍ଧା ............... ଆବେଦନକାରୀ

ବନାମ

୧. ହୃଦାନନ୍ଦ ପଲେଇ, ପିତା-ଗୋବିନ୍ଦ ପଲେଇ, ସା-ଯଝରି ସଂ ୨. ପଙ୍କଜ କୁମାର ପ୍ରଧାନ ପିତା- ସୁରେନ୍ଦ୍ର ପ୍ରଧାନ, ସା/ପୋ-ମେଣ୍ଢାଶାଳ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୩. ତିଲୋତମା ରାଉତରାୟ, ସ୍ୱାମୀ-ରାଜବଲ୍ଲଭ ରାଉତରାୟ, ସା-ୟୁନିଟ୍-୮, ଭୁବନେଶ୍ୱର, ମୁନ୍‌ସିପାଲିଟି, ଥାନା-ରାଜଧାନୀ, ଭୁବନେଶ୍ୱର, ୪. ଭବେନୀ ପ୍ରଧାନ, ୫. କାଞ୍ଚନ ପ୍ରଧାନ, ପିତା-ବାନା ପ୍ରଧାନ (ମାତା-ବୈଦେହୀ ଦେଇ), ୬. ସାହାବାଣି ପ୍ରଧାନ, ସ୍ୱାମୀ-ସୁରେନ୍ଦ୍ର ପ୍ରଧାନ, ୭. ଅକ୍ଷୟ କୁମାର ପ୍ରଧାନ, ପିତା-ସୁରେନ୍ଦ୍ର ପ୍ରଧାନ,ସା/ପୋ- ମେଣ୍ଢାଶାଳ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ......................... ବିରୋଧିପକ୍ଷମାନେ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁର୍ନବସତି ପ୍ରାଧିକାରୀ ଅଦାଲତ, କଟକ, ସି.ଡି-୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ୍, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ.କେସ୍ ନଂ-୩୭/୨୦୨୦ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗ୍ରହିତ ଭୂମିର ବିସ୍ତୃତ ବିବରଣୀ ଯଥା ଜିଲ୍ଲା-ଖୋର୍ଦ୍ଧା, ମୌଜା - ହରିପୁର, ଖାତା ନଂ-୧୩୪, ପ୍ଲଟ ନଂ-୪୬୬, ଅଧିଗ୍ରହିତ ରକବା ଏ୦.୩୦୦ଡ଼ି ଅଟେ । ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ଇତିମଧ୍ୟରେ ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସତ୍ତ୍ୱ ବିଷୟରେ ସଫେଏ / ତଦ୍‌ବିର କରିପାରିବେ । ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୧୦.୦୪.୨୦୨୫ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଳାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ଏହି ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ । ଭୂ-ଅର୍ଜନ ଥଇଥାନ ଏବଂ ପୁର୍ନବସତି ପ୍ରାଧୀକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହି ମୋହର ସହ ଦିନାଙ୍କ ତା.୩୧.୦୧.୨୦୨୫ ରିଖ ।

ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ ଥଇଥାନ ଏବଂ ପୁର୍ନବସତି ପ୍ରାଧୀକାରୀ, ଅଦାଲତ, କଟକ

OIPR-24351/14/0057/2425

OIPR-24001/14/0159/2425 III-20

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

*****

### ଘୋଷଣା

No RDM-LAA-BLS-0004-2023-43237 R&DM, Dated : 07 DEC 2024

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା-ରାମଚନ୍ଦ୍ରପୁର,** ଥାନା-ବସ୍ତା ନଂ.୨୧୮, ତହସିଲ-ବାଲେଶ୍ୱର, ଜିଲ୍ଲା-ବାଲେଶ୍ୱର ରେ ନିମ୍ନସୂଚିତ "କ" ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆମ୍ବପୁଷ୍ଟା ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୬୧୫ ତା.୨୦.୦୨.୨୦୨୪ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା-ରାମଚନ୍ଦ୍ରପୁର,** ଥାନା-ବସ୍ତା ନଂ.୨୧୮, ତହସିଲ-ବାଲେଶ୍ୱର, ଜିଲ୍ଲା-ବାଲେଶ୍ୱର ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ - "କ"
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା : ମୟୂରଭଞ୍ଜ — ତହସିଲ : ବାଲେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରାମଚନ୍ଦ୍ରପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୬.୯୯୭୫ | ଏକର ୧.୨୨୭୫ | ଏଥିସହିତ ସଂଲଗ୍ନ |

ତଫସିଲ - "ଖ"
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା : ମୟୂରଭଞ୍ଜ — ତହସିଲ : ବାଲେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୨୦.୦୫.୨୦୨୪

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା-୫୬/୨୦୨୨
ଏ୧.୨୨୭୫ ଡି.କେ.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆମ୍ବପୁଷ୍ଟା ମାଇନର ନିମନ୍ତେ
ମୌଜା-ରାମଚନ୍ଦ୍ରପୁର, ଥାନା-ବସ୍ତା, ନଂ-୨୧୮, ତହସିଲ-ବାଲେଶ୍ୱର, ଜିଲ୍ଲା-ବାଲେଶ୍ୱର

| ଖାତା ନଂ ଓ ସତ୍ତ୍ୱ | ପ୍ଲଟ୍ ନଂ | ମୋଟ ରକବା | ଆକ୍ୱାୟାର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୩ | ୩୪ | ୦.୮୯ | ୦.୦୨ | ଶାରଦ ଦୁଇ | ଶେଖ ତାଜୁଉଦ୍ଦିନ, ଶେଖ ସାଜୁଉଦ୍ଦିନ, ପି:ଶେଖ କମିରୁଦ୍ଦିନ, ଜା: ମୁସଲମାନ, ବା:ନିଜଗାଁ |
| | ୨୯ | ୦.୦୭ | ୦.୦୧ | ଶାରଦ ଦୁଇ | |
| ୨୬ | ୧୪୨ | ୦.୦୨ | ୦.୦୨ | ଚକ ନଂ ୧୭ | ଦାମୋଦର ଜେନା, କସ୍ତୁରୀ ଜେନା, ଗଣ୍ଡେଇ ଜେନା, ପି:ପଞ୍ଚୁ ଜେନା, ଜା:ଖଣ୍ଡାୟତ, ବା:ସୋମନାଥପୁର |
| ୩୦ | ୫୯ | ୦.୧୨ | ୦.୦୪ | ପତିତ | ମହମ୍ମଦ ଖାଁ ସଏଦ ବିଜେ ନିଜଗାଁ ମାରଫତ ବା: ଶେଖ ପାଣ୍ଡୁ, ପି:ଶେଖ ମାସୁମ, ଜା:ମୁସଲମାନ, ବା: ନିଜଗାଁ |
| ୩୫ | ୧୪୩ | ୨.୦୩ | ୦.୧୧ | ଚକ ନଂ ୧୮ | ଫକୀର ମହାନ୍ତି, ପି: ପରମା ନନ୍ଦ ମହାନ୍ତି, ଜା: ଖଣ୍ଡାୟତ, ବା:ରାଇସୁଆଁ |
| ୩୮ | ୫୧ | ୦.୯୪ | ୦.୦୮ | ଘରବାରି | ଅହମ୍ମଦ ଖାଁ ସଏଦ ବିଜେ ନିଜଗାଁ ମାରଫତ ବା: ସୟଦ ଫରିଦୁଦ୍ଦିନ ଅଲ୍ଲି, ସୟଦ ସରାଜୁଦ୍ଦିନ ଅଲ୍ଲି, ପି:ସୟଦ ମହିଉଦ୍ଦିନ ଅଲ୍ଲି, ଜା: ମୁସଲମାନ, ବା: ନିଜଗାଁ |
| ୫୨ | ୨୮ | ୦.୨୦ | ୦.୧୦ | ଶାରଦ ଦୁଇ | ଶେଖ ମଇ ରୁଦ୍ଦିନ ପି:ଶେକ ନସି ରୁଦ୍ଦିନ, ଜା: ମୁସଲମାନ ବା: ଶିଙ୍ଗାର ପୁର |
| ୬୧ | ୩୯ | ୦.୦୩୭୫ | ୦.୦୨୭୫ | ଘରବାରି | ସୟଦ ମହି ଉଦ୍ଦିନ ଅଲ୍ଲି, ସୟଦ ହଜି ମୁଦ୍ଦିନ ଅଲ୍ଲି, ସୟଦ ମନସୁର ଅଲ୍ଲି, ସୟଦ ହୋସେନ ଅଲ୍ଲି, ତରିକନ ବିବି ପି: ସୟଦ ଆହେମ୍ମଦ ଅଲ୍ଲି, ଜା:ମୁସଲମାନ, ବା:ନିଜଗାଁ |
| ୬୨ | ୨୭ | ୦.୫୦ | ୦.୧୨ | ଶାରଦ ଦୁଇ | ସୟଦ ମହି ଉଦ୍ଦିନ ଅଲ୍ଲି, ସୟଦ ହଜି ମୁଦ୍ଦିନ ଅଲ୍ଲି, ସୟଦ ମନସୁର ଅଲ୍ଲି, ସୟଦ ହୋସେନ ଅଲ୍ଲି, ତରିକନ ବିବି ପି: ସୟଦ ଆହେମ୍ମଦ ଅଲ୍ଲି, ଜା:ମୁସଲମାନ, ବା:ନିଜଗାଁ |
| | ୬୦ | ୦.୦୬ | ୦.୦୪ | ଶାରଦ ତିନି | |
| | ୨୫ | ୦.୩୯ | ୦.୦୩ | ଶାରଦ ତିନି | |
| | ୨୬ | ୦.୪୭ | ୦.୧୦ | ଘରବାରି | |
| | ୪୦ | ୦.୦୫ | ୦.୦୫ | ଘରବାରି | |
| | ୪୧ | ୦.୬୪ | ୦.୨୨ | ଘରବାରି | |
| | ୫୨ | ୦.୦୫ | ୦.୦୧ | ଘରବାରି | |
| | ୫୩ | ୦.୧୯ | ୦.୧୬ | ଘରବାରି | |
| | ୬୧ | ୦.୧୯ | ୦.୦୩ | ଘରବାରି | |
| ୮୧/୩୦ | ୬୩/୨୦୬ | ୦.୧୫ | ୦.୦୬ | ଶାରଦ ଦୁଇ | ସେଖ ଅବଦୁଲ ମହିଜିତ ସେଖ କବିର, ପି: ସେଖ ଆହେମଦ ଜା: ମୁସଲମାନ ବା: ନିଜଗାଁ |
| ମୋଟ | ୧୮ ପ୍ଲଟକୁ | ଏ. ୬.୯୯୭୫ ଡି.କେ | ଏ. ୧.୨୨୭୫ ଡି.କେ | | |

Zone Officer-cum-L.A. Collector
S.I.P., Laxmiposi
Baripada

Spl. Land Acquisition Officer
SIP BARIPADA

## ଜରାୟୁ କର୍କଟ ରୋଗର ନିରାକରଣ ଓ ସଚେତନତା

**କଟକ,୧୧।୩/ଏନ୍‌ଏନ୍‌ଏସ୍‌:** ଜରାୟୁ କର୍କଟ ରୋଗର କାରଣ ଓ ନିରାକରଣ ସୃଷ୍ଟି କରିବା ପାଇଁ କଟକର ୭ଟି ଇନର ହୁଇଲ୍ କ୍ଲବ ଏବଂ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ସିଡିଏ ୮ନଂ ସ୍ଥିତ ଜନ ଶିକ୍ଷଣ ସଂସ୍ଥାନ ଠାରୁ ରାଲି



ବାହାରି ସହର ପରିକ୍ରମା କରିଥିଲା। ଜିଲ୍ଲା ଅଧକ୍ଷା ସନ୍ଧ୍ୟାରାଣୀ ମିଶ୍ର ଏହାକୁ ଉଦଘାଟନ କରିଥିଲେ। ଜରାୟୁ କର୍କଟ ରୋଗ ପାଇଁ ନଅ ବର୍ଷ ଠାରୁ ଶିଶୁ ମାନଙ୍କୁ ଉପଯୁକ୍ତ ଟିକା ପ୍ରଦାନ କଲେ ଏହାକୁ ରୋକାଯାଇ ପାରିବ ବୋଲି ଶ୍ରୀମତୀ ମିଶ୍ର କହିଛନ୍ତି। ଏଥିରେ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶ ଓ ପୂର୍ବତନ ଜିଲ୍ଲା ଅଧକ୍ଷା ପୁଷ୍ପଲତା ମହାନ୍ତି, ସଙ୍ଘମିତ୍ରା ସାହୁ, ଅନିତା ପତିଙ୍କ ସମେତ ୭ଟି ଇନର ହୁଇଲ୍ କ୍ଲବର ସଭାପତି ମମତା ପଣ୍ଡା, ଡଃ ମିତା ଦେବତା, ମମତା ବେବର୍ତ୍ତା, ରଶ୍ମିତା ଦାସ, ପ୍ରଜ୍ଞା ମହାନ୍ତି, ପୁଷ୍ପା ସାମଲ ଓ ସ୍ୱାତୀ ସୋନାଲି ବେହେରା ପ୍ରମୁଖ ଯୋଗଦେଇଥିଲେ।

**ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେର୍‌ଫେର୍ ମାମଲା**

## ରାଜା ଚକ୍ରଙ୍କ ସମେତ ୫ ଜଣଙ୍କୁ ଅନ୍ତରୀଣ ସୁରକ୍ଷା

**କଟକ,୧୧।୩/ଏନ୍‌ଏନ୍‌ଏସ୍‌:** କେନ୍ଦୁଝର ଜିଲା ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲାରେ ଅଭିଯୁକ୍ତ ରାଜା ଚକ୍ରଙ୍କ ସମେତ ୫ ଜଣଙ୍କୁ ହାଇକୋର୍ଟ ଆଜି ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ବିଚାରପତି ଭି. ନରସିଂହ ମାମଲାର ଶୁଣାଣି କରି ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିବ ବୋଲି ସ୍ପଷ୍ଟ କରିଛନ୍ତି। ଫଳରେ, ଏହି ସମୟ ଅବଧି ମଧ୍ୟରେ ସେମାନଙ୍କ ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲା ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲାରେ ରାଜା ଚକ୍ରଙ୍କ ସମେତ ଅନ୍ୟ ୫ ଜଣ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ଅନ୍ତରୀଣ ସୁରକ୍ଷା ପାଇଁ ସେମାନଙ୍କ ଆବେଦନକୁ ହାଇକୋର୍ଟ ଅନୁମତି ଦେବା ସହ ଶୁଣାଣି ଶେଷ କରିଛନ୍ତି। ମାତ୍ର ମାମଲାର ରାୟକୁ ହାଇକୋର୍ଟ ସଂରକ୍ଷିତ ରଖିଛନ୍ତି।

## ହତ୍ୟା ମାମଲାରେ ଆଜୀବନ ଦଣ୍ଡାଦେଶ ଭୋଗୁଥିବା ଆସାମୀ ଖଲାସ

**କଟକ,୧୧।୩/ଏନ୍‌ଏନ୍‌ଏସ୍‌:** ନିମ୍ନ ଅଦାଲତରୁ ନରହତ୍ୟା ମାମଲାରେ ଆଜୀବନ ଦଣ୍ଡାଦେଶ ପାଇଥିବା ଆସାମୀ ମଦନ କଅାଁରକୁ ହାଇକୋର୍ଟ ଖଲାସ କରିଛନ୍ତି। ଉପଯୁକ୍ତ ପ୍ରମାଣ ଅଭାବରୁ ହାଇକୋର୍ଟ ଆସାମୀକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ଖାରଜ କରିବା ସହିତ ଆସାମୀକୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି। ୨୦୦୫ ମସିହାରେ ଫୁଲବାଣୀ ଜିଲ୍ଲାର ତିତ୍ରାପଙ୍ଗା ଗ୍ରାମର ଜଣେ ୨୦ ବର୍ଷୀୟ ବାଳିକାକୁ କୁରାଢୀରେ ହାଣି ହତ୍ୟା କରିଥିବା ନେଇ ମଦନ ନାମରେ ଅଭିଯୋଗ ହୋଇଥିଲା। ଫୁଲବାଣୀ ସେସନ୍ କୋର୍ଟ ଏହି ମାମଲାରେ ଆସାମୀକୁ ଗତ ୨୦୦୮ ମସିହା ଜାନୁୟାରୀ ୨ ତାରିଖରେ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ଆସାମୀ ମଦନ ୧୪ ବର୍ଷ ଜେଲ୍‌ରେ ରହିବା ପରେ ଗତ ୨୦୧୯ ମସିହା ଏପ୍ରିଲ୍ ୧୯ ତାରିଖରେ ଓଡିଶା ହାଇକୋର୍ଟରୁ ଜାମିନ ପାଇଥିଲା। ୨୦୦୫ ମସିହା ଏପ୍ରିଲ୍ ୧୩ ତାରିଖରେ ଫୁଲବାଣୀ ଜିଲ୍ଲାର ତିତ୍ରାପଙ୍ଗା ଗ୍ରାମର ଜଣେ ୨୦ ବର୍ଷୀୟ ବାଳିକାକୁ ସେ କୁରାଢୀରେ ହାଣି ହତ୍ୟା କରିଥିବା ନେଇ ମଦନ ନାମରେ ଖଜୁରିଆପଡା ଥାନାରେ ଏତଲା ରୁଜୁ କରାଯାଇଥିଲା। ଉଭୟଙ୍କ ମଧ୍ୟରେ କଳହକୁ ନେଇ ମଦନ ଏପରି କାଣ୍ଡ କରିଥିବା ନେଇ ଦର୍ଶାଯାଇଥିଲା। ସେତେବେଳେ ଆସାମୀ ମଦନକୁ ୨୫ ବର୍ଷ ହୋଇଥିଲା ଫୁଲବାଣୀ ସେସନ୍ କୋର୍ଟ ଏହି ମାମଲାର ଶୁଣାଣି କରି ଆସାମୀ ମଦନକୁ ଗତ ୨୦୦୮ ମସିହା ଜାନୁୟାରୀ ୨ ତାରିଖରେ ଆଜୀବନ କାରାଦଣ୍ଡ ଆଦେଶ ପ୍ରଦାନ କରିଥିଲେ। ଏହା ପରେ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ ବିରୋଧରେ ଆସାମୀ ହାଇକୋର୍ଟରେ ଆବେଦନ କରିଥିଲେ।

## କାର୍ ସହିତ ଗଞ୍ଜେଇ ଜବତ, ୨ଗିରଫ

**କଟକ,୧୧।୩/ଏନ୍‌ଏନ୍‌ଏସ୍‌:** ରାଜ୍ୟ ଅବକାରୀ ବିଭାଗ ଫ୍ଲାଇଙ୍ଗ ସ୍କ୍ୱାଡ଼ର କର୍ମଚାରୀମାନେ ଆଜି ସକାଳେ ଫୁଲନଖରାଛକରେ ଜଗି ରହି ବୌଦରୁ କଟକ ଚାଲାଣ କରାଯାଉଥିବା ପ୍ରାୟ ୫୬ କେଜି ଗଂଜେଇ ଜବତ କରିବା ସହିତ ଏହି ଚୋରା କାରବାରରେ ସଂପୃକ୍ତ ୨ଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମନମୁଣ୍ଡା ଥାନା ଅନ୍ତର୍ଗତ ଟିଲିପୁଙ୍ଗାର ପ୍ରଶାନ୍ତ ଗୁରୁ



ଏବଂ ସସକାପଦରର ରତ୍ନାକର କହଁର। ସେମାନେ ବ୍ୟବହାର କରୁଥିବା ଓଡି-୩୩ବି-୧୫୫୫ ମହେନ୍ଦ୍ରା ଭେରିଟୋ କାରକୁ ମଧ ଜବତ କରାଯାଇଛି । ବିଭାଗୀୟ ସୂତ୍ରରୁ ପ୍ରକାଶ ଯେ, ଏକ କାର ଯୋଗେ ବିପୁଳ ପରିମାଣର ଗଂଜେଇ ଚାଲାଣ କରାଯାଉଥିବାର ଗୁପ୍ତ ସୂଚନାକୁ ଫୁଲନଖରାଛକରେ ଅବକାରୀ କର୍ମଚାରମାନେ ଜଗି ରହି କାରକୁ ଅଟକାଇ ତଲାସି କରିବା ପରେ ଦୁଇଟି ଜରି ବସ୍ତାରେ ଥିବା ୫୬କିଲୋ ଗଞ୍ଜେଇ ଜବତ କରିଥିଲେ। ଅଭିଯୁକ୍ତଦ୍ୱୟଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ପୁଲିସ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତକଲେ ଡିଜିପି



**କଟକ,୧୧।୩/ଏନ୍‌ଏନ୍‌ଏସ୍‌:** ରାଜ୍ୟ ପୁଲିସର ସଫଳ କ୍ରୀଡ଼ାବିତମାନେ ଆଜି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଡିଜିପି ଶ୍ରୀ ଖୁରାନିଆ ପଦକ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତା ନିମନ୍ତେ ପ୍ରଶଂସା କରିଛନ୍ତି । ମଧ୍ୟପ୍ରଦେଶର ଭୋପାଳଠାରେ ଅନୁଷ୍ଠିତ ହୋଇଥିବା ୨୪ତମ ସର୍ବଭାରତୀୟ ପୁଲିସ ଜଳକ୍ରୀଡ଼ା ଚାମ୍ପିଅନଶିପ୍ ୨୦୨୪-୨୫ରେ ଓଡ଼ିଶା ପୁଲିସକୁ ପ୍ରତିନିଧିତ୍ୱ କରିଥିବା ପ୍ରତିଯୋଗୀମାନେ ବିଭିନ୍ନ ପ୍ରତିଯୋଗିତାରେ ୫ଟି ସ୍ୱର୍ଣ୍ଣ ପଦକ, ୧ ଟି ରୌପ୍ୟ ପଦକ, ୪ଟି କାଂସ୍ୟ ପଦକ ଜିତି ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ । ଏହା ସହ ତ୍ରିପୁରା ଠାରେ ଆୟୋଜିତ ହୋଇଥିବା ୭୩ ତମ ସର୍ବ ଭାରତୀୟ ପୁଲିସ ଫୁଟବଲ ଚାମ୍ପିଅନଶିପ୍‌ରେ ଓଡ଼ିଶା ପୁଲିସ ମହିଳା ଫୁଟବଲ ଟିମ ବ୍ରୋଞ୍ଜ ପଦକ ହାସଲ କରିଥିଲା । ପଞ୍ଜାବର ଜଳନ୍ଧରଠାରେ ଆୟୋଜିତ ହୋଇଥିବା ସର୍ବ ଭାରତୀୟ ପୁଲିସ କବାଡି କ୍ଲଷ୍ଟର ଓଡିଶା ପୁଲିସର ଜିମ୍ନାଷ୍ଟ ସୀତାକାନ୍ତ ଓଝା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଅବସରରେ ଡିଜିପି ସର୍ବଭାରତୀୟ ପୁଲିସ ଜଳକ୍ରୀଡ଼ାରେ ପ୍ରତ୍ୟେକ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୫ ହଜାର ଟଙ୍କା, ରୌପ୍ୟ ପଦକ ବିଜେତାଙ୍କୁ ୩ ହଜାର ଓ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୨ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଏହି ଉତ୍ସବରେ ପୁଲିସ କମିଶନର ଏସ. ଦେବଦତ୍ତ ସିଂ, ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ସମେତ ଟିମ ମ୍ୟାନେଜର, ପ୍ରଶିକ୍ଷକ ଓ ଖେଳାଳୀମାନେ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ




**ପୁରୀ, ୧୧।୩/ଏନ୍‌ଏନ୍‌ଏସ୍‌:** ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ଣରେ ଓସ୍ୱାନ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଆବାସିକ କାର୍ଯ୍ୟାଳୟ ରୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧକ୍ଷତା କରି ଗ୍ରୀଷ୍ମପ୍ରବାହ ର ମୁକାବିଲା ପାଇଁ ସମସ୍ତ ବିଭାଗ ବିଗତ ବର୍ଷ ମାନଙ୍କ ପରି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ଜନସାଧାରଣଙ୍କୁ ସତର୍କ ଓ ସଚେତନ କରିବା ସହ ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ, ଶ୍ରମ, ପରିବହନ, ପଶୁ ସମ୍ପଦ, କୃଷି ଇତ୍ୟାଦି ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାର ଓ ଏସ ଆର ସି ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା କୁ ସଠିକ ଭାବେ ଅନୁପାଳନ କରିବା,ପ୍ରତ୍ୟେକ ଚିକିତ୍ସାଳୟରେ ଅଂଶୁଘାତ ଚିକିତ୍ସା ବ୍ୟବସ୍ଥା ରଖିବା,ସମସ୍ତ ନଳକୂପ ମରାମତି,ଜଳଛତ୍ର ବ୍ୟବସ୍ଥା କରିବା, ପଶୁ ପକ୍ଷୀ ମାନଙ୍କ ପାଇଁ ପାନୀୟ ଜଳ ପାତ୍ର ବ୍ୟବସ୍ଥା,ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର,ଯାତ୍ରୀ ପରିବହନ ଗାଡ଼ି ଓ ଶ୍ରମିକ ମାନଙ୍କ ପାଇଁ ଧାର୍ଯ୍ୟ ସମୟ ନିର୍ଘଣ୍ଟ କୁ ଅନୁପାଳନ କରିବାକୁ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ। ପଶୁ ପକ୍ଷୀ ମାନଙ୍କ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଘର ନିକଟରେ, ଛାତରେ ପାଣି ରଖିବା ବ୍ୟବସ୍ଥା କରିବା, ଖରାରେ ବାହାରକୁ ନ ବାହାରିବା, ଅତ୍ୟାବଶ୍ୟକ କ୍ଷେତ୍ରରେ ବାହାରକୁ ଯାଉଥିଲେ ପ୍ରଚୁର ପାଣି,ଦହି, ଲେମ୍ବୁ ପାଣି ଇତ୍ୟାଦି ପିଇବା ଓ ସାଥିରେ ନେବା, କଳା ଚଷମା ,ଟୋପି ଇତ୍ୟାଦି ବ୍ୟବହାର କରିବା,ଅଂଶୁଘାତ ର ଲକ୍ଷଣ ଦେଖା ଦେଲେ ତୁରନ୍ତ ଚିକିତ୍ସିତ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଗ୍ରୀଷ୍ମପ୍ରବାହ କୁ ଦୃଷ୍ଟିରେ ରଖି ଶ୍ରମ ବିଭାଗ ପକ୍ଷରୁ ଦିବା ୧୧ ରୁ ଅପରାହ୍ନ ୩.୩୦ ମିନିଟ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା, କାର୍ଯ୍ୟ କ୍ଷେତ୍ରରେ ଛାଇର ବ୍ୟବସ୍ଥା କରିବା, ପାନୀୟ ଜଳ ବ୍ୟବସ୍ଥା କରିବା, ଓଆରଏସ ରଖିବା ଓ ଶ୍ରମିକ ମାନଙ୍କୁ ସଚେତନ କରାଇବା, ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ପରିଚାଳିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ପ୍ରୋଟୋକଲ ନୀଳମାଧବ ଭୋଇ,ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୁଷ୍ଟି,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ଗ୍ରୀଷ୍ମପ୍ରବାହ ର ଆକ୍ସନ ପ୍ଲାନ ଅନୁସାରେ ମୁକାବିଲା ପାଇଁ ଅନୁରୋଧ କରିଥିଲେ। ଆଭାସୀ ମାଧ୍ୟମରେ ପ୍ରତ୍ୟେକ ବ୍ଲକରେ ବିଡ଼ିଓ, ତହସିଲଦାର, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଅନ୍ୟାନ୍ୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଯୋଗ ଦେଇଥିଲେ।

## ନୂଆପଡ଼ାରେ ଅନ୍ତର୍ଜାତୀୟ ମହିଳା ଦିବସ

**କଟକ,୧୧।୩/ଏନ୍‌ଏନ୍‌ଏସ୍‌:** ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା ପ୍ରେସ ଆଣ୍ଡ ମିଡିଆ ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ କଟକ ନୂଆପଡା କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କର୍ପୋରେଟର ଶୁଭାଶିଷ କୁମାର ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପୂର୍ବତନ ବାୟୁସେନା ଅଧିକାରୀ ତଥା ସମାଜସେବୀ ବିମଳ ପ୍ରସାଦ ଜେନା ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି କିଶୋର କୁମାର ମିଶ୍ରଙ୍କ ସହିତ ସ୍ଥାନୀୟ କର୍ପୋରେଟର ସନ୍ତୋଷ କୁମାର ଭୋଳ, ସୁଜାତା ଦାସ , ପୁଷ୍ପଲତା ଦାସ, ଟିକିନା ସୁତାର, ରାଧା ଦାସ, ରାଜଲକ୍ଷ୍ମୀ ଦାସ, ସି ମିନତୀ, ରିଙ୍କି ଦାସ, ଅନୁସୟା ପଣ୍ଡା, ରୀନା ମାଝୀ, ବାସନ୍ତୀ ବେହେରା, ପ୍ରୀତିରେଖା ପଣ୍ଡା, ସସ୍ମିତା ବେହେରା, ସବିତା ଦାସ, ସଂଗୀତା ଦାସ, ଉରୀ ଦାସ, ପରୀ ଦାସ, ବିନତି ଦାସ,ସୁଷମା ଦାସ,ବେବିନା ଦାସ, ରମା ଦାସ, ରାକେଶ କୁମାର ଶତପଥୀ, ଓଁକାର ରାଉତ , ଶିଶିର ବାରିକ ପ୍ରମୁଖ ଯୋଗଦେଇଥିଲେ ସମ୍ପାଦକ ପ୍ରିୟ ରଞ୍ଜନ ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

## ବ୍ୟାଙ୍କ ମହିଳା କର୍ମଚାରୀଙ୍କ ସମାବେଶ

**କଟକ,୧୧।୩/ଏନ୍‌ଏନ୍‌ଏସ୍‌:** କଟକ ବ୍ୟାଙ୍କ କର୍ମଚାରୀ ସମନ୍ୱୟ ସମିତିର ସଭାପତି ସୁଭାଷ ବୋଷଙ୍କ ସଭାପତିତ୍ୱରେ ବ୍ୟାଙ୍କ ମହିଳା କର୍ମଚାରୀ ସମାବେଶ ଅନୁଷ୍ଠି ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାରୀନେତ୍ରୀ ଶୈଳ ବେହେରା, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଡକ୍ଟର ମୀନାକ୍ଷୀ ପଣ୍ଡା,ଡକ୍ଟର ସୁଜାତା ସାହାଣୀ,ଶାନ୍ତି ମୈତ୍ରୀ ଆନ୍ଦୋଳନର ନେତା ବିଜୟ ପଢିହାରୀ, ଶ୍ରମିକ ନେତା କିଶୋର ଜେନା ଓ ଏଓବିଇଏର ଉପସଭାପତି ବିପିନ ପାଢ଼ୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥବଲେ। ବ୍ୟାଙ୍କ ମହିଳା କର୍ମଚାରୀ ପ୍ରତିଭା ମହାପାତ୍ର,ରୋଜାଲିନ ସାହୁ,ପ୍ରଭାତି ନାୟକ,ବିଦ୍ୟାଶା ନାୟକ, ଜ୍ୟୋତିର୍ମୟୀ ପାତ୍ର, ଶର୍ମିଷ୍ଠା ତ୍ରିପାଠୀ, ଦେବଯାନୀ ନାୟକ ପ୍ରମୁଖ ମହିଳା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ସମନ୍ୱୟ ସମିତିର ଆବାହକ ବିଶୁଦ୍ଧ ଚକ୍ର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। କୋଷାଧକ୍ଷ ଦିଲ୍ଲୀପ ମଲ୍ଲିକ୍, ଏଓବିଇଏର ସହ ସମ୍ପାଦକ ଶୁଭ୍ରାଂଶୁ ଶତପଥୀ, ସମ୍ପାଦକ ରାଜେଶ ସାହୁ, ଶ୍ରୀନିବାସ ରାଓ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଇମର୍ତ୍ତୀଦେବୀ କଲେଜରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ




**କଟକ,୧୧।୩/ଏନ୍‌ଏନ୍‌ଏସ୍‌:** କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଅଧକ୍ଷା ଡ଼ ସାଗରିକା ମହାନ୍ତିଙ୍କ ପୌରହିତ୍ୟରେ +୩ ପ୍ରଥମ ବର୍ଷ ପାଇଁ ଉଦ୍ଦିଷ୍ଟ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଅଛି । ଡ. ପ୍ରମୋଦିନୀ ସାହୁଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷା ପ୍ରଶିକ୍ଷଣାର୍ଥୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡ଼ା ରବି ରଞ୍ଜନ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ମାଷ୍ଟର ଟ୍ରେନର ବିଷ୍ଣୁପ୍ରିୟା ବେହେରା ଓ କ୍ଷିରୋଦ୍ରା ହାତୀଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଶାରୀରିକ ଶିକ୍ଷା ବିଭାଗର ଅଧ୍ୟାପିକା ମଞ୍ଜୁସ୍ମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୟସର ନାନାବାୟା ଗୀତ ପାଇଁ ବଦ୍ରି ମିଶ୍ର ସମ୍ବର୍ଦ୍ଧିତ



ପୁରୀ, ୧୧।୩/ଏନ୍‌ଏନ୍‌ଏସ୍‌: ବୟସ ର ନାନାବାୟା ଗୀତ ପାଇଁ ନୂଆଦିଲ୍ଲୀରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ଆୟୋଜିତ ଆତ୍ମା ଦର୍ପଣ କାର୍ଯ୍ୟକ୍ରମ ରେ ବିଶିଷ୍ଟ ଗୀତିକାର ତଥା ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସଦସ୍ୟ ଡକ୍ଟର ବଦ୍ରି ମିଶ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।୨୦୨୪ ମସିହା ରେ ଡକ୍ଟର ମିଶ୍ର କବିତା 'ଚମ୍ପା' ପାଇଁ ସମ୍ବର୍ଦ୍ଧିତ ହୋଇଥିଲେ। ଗୀତିକବିତା ପାଇଁ ରାଜ୍ୟ ପୁରସ୍କାର ପାଇଥିବା, ଡ. ମିଶ୍ର, କଥାକାର ଭାବେ ଅନ୍ତର୍ଜାତୀୟ ପୁରସ୍କାର ପାଇବା ସହ ଦୀର୍ଘ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କବିତା, ଗୀତିକବିତା, ଗଳ୍ପ ଓ ନାଟ୍ୟକାର ଡକ୍ଟର ମିଶ୍ର, ନିକଟରେ ଚଳଚିତ୍ର 'ଆଜିର ରେବତୀ' ର କାହାଣୀକାର ଭାବେ ଜାତୀୟ ମିଡ଼ିଆ ଫାଉଣ୍ଡେସନ ଆୱାର୍ଡ଼ ପାଇଛନ୍ତି। ଡକ୍ଟର ମିଶ୍ରଙ୍କ ସମେତ ମୈଥିଳୀ ଲେଖକ ବିକାଶ ବୈଷ୍ଣବ,ତାମିଲ କବି ବିଜୟା ରାଣୀ, ହିନ୍ଦୀ କବି ସୁଧା କୁମାରୀ ଓ ଜ୍ୟୋତ୍ସ୍ନା ମିଶ୍ର ଏବଂ କଦଭା ଭାଷାର କବି ରେବତୀଙ୍କୁ କବିତା ପାଇଁ କାଶ୍ମୀର ପ୍ରଖ୍ୟାତ କବି ସାଫି ସୈଖ୍ ସମ୍ବର୍ଦ୍ଧିତ କରିଥିଲେ। ଏକାଡେମୀ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ରେ ବିଶିଷ୍ଟ କବି ତଥା ଗୋଆ ରାଜ୍ୟପାଳ ପିଏସ୍ ଶ୍ରୀଧରନ ପିଲାଇ, କେନ୍ଦ୍ର ସଂସ୍କୃତି ବିଭାଗ ର ଯୁଗ୍ମ ସଚିବ ରଞ୍ଜନା ଚୋପ୍ରା, ବରିଷ୍ଠ ଚିତ୍ରକାର ଯତିନ୍ ଦାସ୍, ବିଶିଷ୍ଟ ଅଭିନେତ୍ରୀ ନନ୍ଦିତା ଦାସ, ପ୍ରଫେସର ବିଜୟାନନ୍ଦ ସିଂହ, କବି ମନୋରମା ବିଶ୍ୱାଳ ମହାପାତ୍ର,ପ୍ରବାସିନୀ ମହାକୁଡ଼, ସୂର୍ଯ୍ୟ ମିଶ୍ର, ସରୋଜିନୀ ସାହୁ, ବୀରେନ୍ଦ୍ର ମହାନ୍ତି,ଗୋଲାପ ମଂଜରୀ କର, ସ୍ୱାଗତିକା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡକ୍ଟର ମିଶ୍ର ଏକାଡେମୀ ର ଅଧକ୍ଷ ମାଧବ କୌଶିକ ଓ ସଂପାଦକ କେ.ଶ୍ରୀନିବାସ ରାଓଙ୍କ ସହ ଓଡ଼ିଶାର ଭାଷା-ସାହିତ୍ୟ ଉପରେ ଆଲୋଚନା କରିଥିଲେ।

**ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା**

# ଜୀବିକା ନିର୍ବାହରୁ ଊର୍ଦ୍ଧ୍ୱକୁ ଯାଇ ଉଦ୍ୟମୀ ହେବାକୁ ଆହ୍ୱାନ




**କଟକ,୧୧।୩/ଏନ୍‌ଏନ୍‌ଏସ୍‌:** ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଜୀବିକା ନିର୍ବାହରୁ ଊର୍ଦ୍ଧ୍ୱକୁ ଯାଇ ଉଦ୍ୟମୀରେ ପରିଣତ ହେବାକୁ ଆହ୍ୱାନ ଦେଇଛନ୍ତି ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ । ଆଜି ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିଅମଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଜିଲ୍ଲାରେ ଉପଲବ୍ଧ ବିଭିନ୍ନ ତାଲିମ ଯୋଜନା ମାଧ୍ୟମରେ ମାଗଣା ତାଲିମ ନେଇ ମହିଳାମାନେ ପାଉଥିବା ପ୍ରୋତ୍ସାହନ ରାଶିର ସଠିକ୍ ବିନିଯୋଗ କରି ନିଜର ତଥା ପରିବାରର ଆର୍ଥିକ ବିକାଶରେ ସହାୟକ ହେବାକୁ ପରାମର୍ଶ ଦେଇଛନ୍ତି । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ ଲକ୍ଷପତି ଦିଦି କର୍ମଶାଳା ମାଧ୍ୟମରେ ମହିଳାମାନେ ଆର୍ଥିକ ଭାବେ ସଶକ୍ତ ହେବା ସହ ନିଜ ମଧ୍ୟରେ ଦକ୍ଷତା ବୃଦ୍ଧି କରିପାରିବେ ବୋଲି କହିଥିଲେ । ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୩୬ ହଜାରରୁ ଅଧିକ ଲକ୍ଷପତି ଦିଦି ଚିହ୍ନଟ ହୋଇସାରିଥିବାବେଳେ ଆଗକୁ ୯୬ ହଜାରରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟ ରଖାଯାଇଛି । କୃଷି, ଗୋପାଳନ,ମତ୍ସ୍ୟଚାଷ, ଉଦ୍ୟାନ କୃଷି,ସିଲେଇ,ପ୍ରସାଧନ, ଛତୁ ଚାଷ, ବିହନ ସଂରକ୍ଷଣ, ମହୁମାଛି ଚାଷ ଆଦି ବିଭିନ୍ନ ବିଭାଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇ ମହିଳାମାନଙ୍କ ଦକ୍ଷତା ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାର ସମସ୍ତ ବ୍ଲକରୁ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ ।

**ପୁରୀ:** ଗ୍ରାମୀଣ ମହିଳାମାନଙ୍କୁ ଅର୍ଥନୈତିକ ସ୍ୱାଧୀନତା ଏବଂ ଉଦ୍ୟୋଗ ମାଧ୍ୟମରେ ସଶକ୍ତ କରିବା ,ବିଭିନ୍ନ ଜୀବିକା ସମ୍ପର୍କରେ କୌଶଳ ବୃଦ୍ଧି ସହ ମହିଳା ସଶକ୍ତିକରଣ କରି 'ଲକ୍ଷପତି ଦିଦି ' ସୃଷ୍ଟି କରିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ମହତ ଯୋଜନା ଓ ଅଭିଯାନ। ଏହି ପରିପେକ୍ଷୀରେ ଆଜି ସ୍ଥାନୀୟ ତାଳବଣିଆ ଜିଲ୍ଲା ପଡିଆ ଠାରେ ଓଡିଶା ଜୀବିକା ମିଶନ ସୌଜନ୍ୟରୁ ଜିଲ୍ଲା ସ୍ତରୀୟ କର୍ମଶାଳା ଲକ୍ଷପତି ଦିଦି ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୁଷ୍ଟି କର୍ମଶାଳାରେ ଅଧକ୍ଷତା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନିଜ ପରିବାରର ଆର୍ଥିକ ଅଭିବୃଦ୍ଧି ପାଇଁ ପରିଶ୍ରମ କରିଥିବା ଏବଂ ସମାଜ ରେ ନିଜେ ଜଣେ ମହିଳା ଉଦ୍ୟୋଗୀ ଭାବେ ପରିଚୟ ସୃଷ୍ଟି କରି ଲକ୍ଷ ପତି ଦିଦି ହୋଇଥିବା ମା ମାନଙ୍କୁ ଶ୍ରୀ ପୁଷ୍ଟି ଶୁଭେଚ୍ଛା ଜଣାଇଥିଲେ। ଦୃଢ଼ ମନୋବଳ ଥିବା ମହିଳା ସଶକ୍ତିକରଣର ଏକ ସୁନ୍ଦର ଉଦାହରଣ ବୋଲି ସେ କହିବା ସହ ଏହା ଅନ୍ୟ ମହିଳା ମାନଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା,ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡା ଶରତ କୁମାର ବେହେରା, ସଦର ବିଡ଼ିଓ ସସ୍ମିତ ଶତପଥୀ ପ୍ରମୁଖ ଯୋଗ ଦେଇ ମହିଳା ସଶକ୍ତିକରଣ ସହ ଆର୍ଥିକ ସମୃଦ୍ଧି ରେ ବର୍ତ୍ତମାନ ର ମା ମାନେ ଅନ୍ୟ ମାନଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି ବୋଲି କହିଥିଲେ। ନିଜର ଦକ୍ଷତା ଓ ପ୍ରଦର୍ଶନ ବଳରେ ଆଗାମୀ ଦିନ ରେ ଜିଲ୍ଲାରେ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହେବେ ବୋଲି ସେମାନେ ଆଶା ବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ପ୍ରକଳ୍ପ ପରିଚାଳକ ଅଜୟ କୁମାର ନାୟକ କର୍ମଶାଳା ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପୁରୀ ଜିଲ୍ଲାରେ ୧୧ ଟି ବ୍ଲକରେ ୭୨୨୬୮ ଲକ୍ଷପତି ଦିଦି ସୃଷ୍ଟିର ଧାର୍ଯ୍ୟ ଲକ୍ଷ୍ୟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୭୦୦ ଲକ୍ଷପତି ଦିଦି ତିଆରି ହୋଇଛନ୍ତି ବୋଲି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୂଚନା ଦେଇଥିଲେ। ଯେଉଁମାନଙ୍କ ନିଜସ୍ୱ ବାର୍ଷିକ ଆୟ ୧,୦୦,୦୦୦ ଟଙ୍କା ରୁ ଉର୍ଦ୍ଧ ଅଟେ। ଯେଉଁ ଏସ ଏଚ ଜି ସଭ୍ୟା ମାନଙ୍କର ବାର୍ଷିକ ଆୟ ଏକ ଲକ୍ଷ ରୁ ଅଧିକ କିମ୍ବା ଅତିକମ ରେ ଚାରିଗୋଟି କୃଷି ବା ବ୍ୟବସାୟ ଚକ୍ରରୁ ହାରାହାରି ମାସିକ ଆୟ ୧୦,୦୦୦/- ଟଙ୍କାରୁ ଅଧିକ ହୋଇଥିବା ତାକୁ ଲକ୍ଷ ପତି ଦିଦି କୁହାଯିବ। ବିଭିନ୍ନ ପ୍ରକାର ବ୍ୟବସାୟ,କୃଷି ଯେଭଳି କିରାନା ଦୋକାନ,ମକା ଚାଷ, ଗାଈ,ଛେଳି, ମେଣ୍ଢା ,କୁକୁଡା ପାଳନ, ବ୍ୟୁଟି ପାର୍ଲର, ସିଲେଇ,ଛତୁ ଚାଷ ପରି ଅନେକ ବୃତ୍ତିରେ ଜୀବିକା ନିର୍ବାହ କରି ସଫଳ ହୋଇଥିବା ଲକ୍ଷପତି ଦିଦି ନିଜ ନିଜର ଜୀବିକା ଅର୍ଜନ,ଅନୁଭୂତି ଓ ଉଦ୍ୟମକୁ ସମସ୍ତଙ୍କ ସାମ୍ନାରେ ରଖିଲେ ଓ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ରେ ବିଭିନ୍ନ ବିଭାଗର ଅଧିକାରୀଯୋଗ ଦେଇ ସେମାନଙ୍କ ବିଭାଗ ମାଧ୍ୟମରେ ପ୍ରଣୟନ ହେଉଥିବା ଯୋଜନା ସମ୍ପର୍କରେ ବିଷଦ ଆଲୋଚନା କରି ଏହା ମାଧ୍ୟମରେ ଲକ୍ଷପତି ଦିଦି ହେବାର ପ୍ରଚୁର ସମ୍ଭାବନା ରହିଛି ବୋଲି କହିଥିଲେ। କାର୍ଯ୍ୟକ୍ରମ ରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା,ମିଶନ ଶକ୍ତି ମା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ପ୍ରକଳ୍ପ ସଂଯୋଜକ ସ୍ୱାଗତିକା ପରିଡା ଧନ୍ୟବାଦ ଦେଇଥିଲେ।



**ଖୋର୍ଦ୍ଧା:** ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାସ୍ତରୀୟ ଲକ୍ଷପତି ଦିଦି କର୍ମଶାଳା ଆଜି ତରବୋଇ, ଜଟଣୀ ଠାରେ ଥିବା ସ୍କିଲ୍ ଡେଭଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟର ଅଡିଟୋରିଅମ ରେ ଜିଲ୍ଲାପାଳ ଚଞ୍ଚଳ ରଣାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆନୁଷ୍ଠାନିକ ଭାବରେ ଉଦଘାଟନ ହୋଇଯାଇଛି । ଗ୍ରାମାଞ୍ଚଳର ମହିଳା ମାନଙ୍କର ଲୁକ୍କାୟିତ ଦକ୍ଷତା ଲୋକଲୋଚନକୁ ଆଣିବା ସହ ସେମାନଙ୍କର ବାର୍ଷିକ ଆୟ ୧ଲକ୍ଷ ଟଙ୍କା ରୁ ଅଧିକ କରିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଖୋର୍ଦ୍ଧା ଜିଲ୍ଲାରେ ପୋଟେନସିଆଲ ଲକ୍ଷପତି ଦିଦି , ଯାହାଙ୍କ ଆୟ ୩୦-୪୦ ହଜାରରୁ ଲକ୍ଷେ ଟଙ୍କା ତଳକୁ ଅଛି ସେହି ମା ମାନଙ୍କୁ ସଂଖ୍ୟା ୫୮୦୦୦ ବୋଲି ଚିହ୍ନଟ କରାଯାଇଛି। ସେହିପରି ବାର୍ଷିକ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଯେଉଁ ମା ମାନଙ୍କର




ରୋଜଗାର ସେମାନଙ୍କ ସଂଖ୍ୟା ୨୧ ରୁ ଊର୍ଦ୍ଧ୍ୱ ବୋଲି ଜଣାପଡିଛି। ଏହି କର୍ମଶାଳାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟାଙ୍ଗି ଏବଂ ଜଟଣୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ଟିକୁ ଆଗେଇ ନେଇଥିଲେ। ଏହି କର୍ମଶାଳା ରେ ବାଣପୁର, ଚିଲିକା, ଜଟଣୀ, ବୋଲଗଡ ଓ ବେଗୁନିଆ ବ୍ଲକର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ ଏହି ବ୍ଲକ ର ଲକ୍ଷପତି ଦିଦି ମାନେ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରକଳ୍ପ ପରିଚାଳିକା, ଓଡିଶା ଜୀବିକା ମିଶନ,ଖୋର୍ଦ୍ଧା ର ଶ୍ରୀମତୀ ପ୍ରେମସି ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଏହି କର୍ମଶାଳା ମୂଳ ଉଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ବିଭିନ୍ନ ଜୀବିକା ଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା କିପରି ସ୍ୱାବଲମ୍ବୀ ହୋଇପାରିବେ ଆଲୋଚନା କରିଥିଲେ । ଜିଲ୍ଲାପାଳ ଚଞ୍ଚଳ ରଣା ମହିଳା ମାନଙ୍କୁ ଉଦବୋଧନ ଦେଇ ମହିଳା ମାନେ କିପରି ନିଜେ ଅର୍ଥନୀତିକ ସ୍ୱାବଲମ୍ବୀ ହେବା ସହିତ ପରିବାର ଏବଂ ଦେଶକୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବେ। ବିଭିନ୍ନ ବିଭାଗର ଯଥା ମତ୍ସ୍ୟ, ପ୍ରାଣୀ ସମ୍ପଦ, କୃଷି ଏବଂ ଉଦ୍ୟାନ ବିଭାଗ ଅଫିସର ମାନେ ରହି ନିଜ ନିଜ ବିଭାଗର ସମସ୍ତ କାର୍ଯ୍ୟ କ୍ରମ ଉପରେ ଆଲୋଚନା କରିଥିଲେ। ଉପ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜ ଗୋପାଳ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ଇତିହାସ

- ୧୬୧୨-ବଙ୍ଗର ଶେଷ ଆଫଗାନ ଶାସକ ଉସ୍ମାନ୍ ଖାନଙ୍କ ନିଧନ।
- ୧୮୭୨-ଭାରତର ତତ୍କାଳୀନ ଭାଇସ୍‌ରାୟ ଲର୍ଡ ମେୟୋଙ୍କ ହତ୍ୟାକାରୀକୁ ଫାଶୀଦଣ୍ଡ ଦିଆଯାଇଥିଲା।
- ୧୯୨୨-ୟୁରୋପ୍ ନିର୍ମିତ ସାମଗ୍ରୀଗୁଡ଼ିକୁ କିଣିବା ଓ ବ୍ରିଟିଶ ମେସିନ୍‌ଗୁଡ଼ିକ ସହିତ କାମ କରିବା ବିରୁଦ୍ଧରେ ହୋଇଥିବା ଆନ୍ଦୋଳନରେ ଗାନ୍ଧିଜୀ ଗିରଫ ହୋଇଥିଲେ।
- ୧୯୩୦-ଗାନ୍ଧିଜୀ ସାବରମତୀ ଆଶ୍ରମରୁ ଦାଣ୍ଡି ମାର୍ଚ୍ଚର ଆରମ୍ଭ କରିଥିଲେ।
- ୧୯୫୪-ଭାରତ ସରକାର ସାହିତ୍ୟ ଏକାଡେମୀକୁ ଉଦ୍‌ଘାଟନ କରିଥିଲେ।
- ୧୯୯୩-ମୁମ୍ବାଇରେ ହୋଇଥିବା ସିରିଜ ବୋମା ବିସ୍ଫୋରଣରେ ୩୦୦ ଲୋକ ମୃତ୍ୟୁବରଣ କରିଥିଲେ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** – ଆର୍ଥିକ ମାମଲାରେ ଭାଗ୍ୟଶାଳୀ ରହିବେ। ଆଧ୍ୟାତ୍ମିକ କାର୍ଯ୍ୟଗୁଡ଼ିକରେ ମନ ଲାଗିବ। ପାରିବାରିକ ଜୀବନରେ ଖୁସିର ପରିବେଶ ମିଳିବ। ବ୍ୟାପାରରେ ବିସ୍ତାର ହେବ। ପ୍ରପର୍ଟି କିଣିଲେ ବା ବିକ୍ରି କରିବାରେ ବିଳମ୍ବ ହୋଇପାରେ।

**ବୃଷ** – ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବେ। ଆର୍ଥିକ ସ୍ଥିତି ମଜବୁତ ହେବ। ବ୍ୟର୍ଥ ବାଦ-ବିବାଦରୁ ଦୂରରେ ରୁହନ୍ତୁ। ଧନ ଲାଭ ହେବ। ପୁରୁଣା ନିବେଶରୁ ଖୁବ୍ ଭଲ ରିଟର୍ଣ୍ଣ ପାଇବେ। ଯୋଗ ବା ମେଡିଟେସନ୍ ଦ୍ୱାରା ମନକୁ ଶାନ୍ତି ମିଳିବ।

**ମିଥୁନ** – କାର୍ଯ୍ୟସ୍ଥଳରେ ବାଦ-ବିବାଦ ହୋଇପାରେ। ଜୀବନରେ ଛୋଟ ଛୋଟ ଖୁସି ମିଳିବ। ପରିଜନଙ୍କ ସହିତ ସମୟ ଅତିବାହିତ କରିବେ। ଯୋଗ, ଧ୍ୟାନ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ସୁଧାର ଆଣିବ। ପ୍ରପର୍ଟି କିଣିବାରେ ବିଳମ୍ବ ହୋଇପାରେ।

**କର୍କଟ** – ଜୀବନରେ ସକାରାତ୍ମକ ଉର୍ଜାର ସଂଚାର ହେବ। ଷ୍ଟକ୍ ମାର୍କେଟ୍‌ରେ ଧନ ଲାଭ ହେବ। ଚିନ୍ତା ନକରି ନିବେଶ କରନ୍ତୁ ନାହିଁ। ରିୟଲ୍ ଇଷ୍ଟେଟ୍‌ରେ ନିବେଶ କରନ୍ତୁ। ପାର୍ଟନର୍ ସହିତ କ୍ୱାଲିଟି ଟାଇମ୍ ଅତିବାହିତ କରିବେ।

**ସିଂହ** – ଆର୍ଥିକ ସ୍ଥିରତା ଆସିବ। ମନ ପ୍ରସନ୍ନ ରହିବ। ଚାପରୁ ନିଜକୁ ରକ୍ଷା କରନ୍ତୁ। ବ୍ୟକ୍ତିଗତ ଜୀବନରେ ସଫଳତା ହାସଲ କରିବେ। ପ୍ରତିଦିନ ଯୋଗ ଓ ବ୍ୟାୟାମ କରନ୍ତୁ। ସୁସ୍ଥ ଓ ଉର୍ଜାବାନ ରହିବେ।

**କନ୍ୟା** – ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଆତ୍ମବିଶ୍ୱାସ ବୃଦ୍ଧି ହେବ। ପରିଜନଙ୍କ ସହିତ ସମ୍ପର୍କ ମଜଭୁତ ହେବ। ସୁସ୍ଥ ଜୀବନଶୈଳୀ ମେଣ୍ଟେନ କରିବେ। ଧନସମ୍ପତ୍ତି ବୃଦ୍ଧି ଯୋଗ ଅଛି। ପ୍ରେମ ଜୀବନରେ ଖୁସିର ପରିବେଶ ରହିବ।

**ତୁଳା** – ଆର୍ଥିକ ସ୍ଥିତି ସୁଦୃଢ଼ ରହିବ। ଯାତ୍ରା ଯୋଗ ଅଛି। ଘରେ ବ୍ୟର୍ଥ ବାଦ-ବିବାଦରୁ ରକ୍ଷା ପାଆନ୍ତୁ। ପରିଜନଙ୍କ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଧନ-ସମ୍ପଦ ବୃଦ୍ଧି ହେବ। ଉର୍ଜାବାନ ରହିବେ।

**ବିଛା** – ଭାଇ-ଭଉଣୀଙ୍କ ସହିତ ସମ୍ପର୍କ ମଧୁର ରହିବ। ରିସ୍କି ବ୍ୟବସାୟ ଆରମ୍ଭ କରନ୍ତୁ ନାହିଁ। ପୁରୁଣା ସମ୍ପତ୍ତି ବିକ୍ରି କରିବା ପାଇଁ ନିର୍ଣ୍ଣୟ ନେଇପାରନ୍ତି। ଆର୍ଥିକ ଲାଭ ପାଇବେ। ସୁଖଦ ଯାତ୍ରା ଯୋଗ ଅଛି।


**ଧନୁ** – ଜୀବନରେ ସୁଖ ଓ ଶାନ୍ତି ବଜାୟ ରହିବ। ପ୍ରେମ ସମ୍ବନ୍ଧରେ ମଧୁରତା ଆସିବ। ବ୍ୟାପାରିକ ସ୍ଥିତି ସୁଦୃଢ଼ ରହିବ। ଧନ ସମ୍ପଦ ବୃଦ୍ଧି ଯୋଗ ଅଛି। ପ୍ରତିଦିନ ଯୋଗ ଓ ଧ୍ୟାନ କରନ୍ତୁ। ମନ ଶାନ୍ତି ମିଳିବ।

**ମକର** – ଚାକିରି କାରବାରରେ ବାତାବରଣ ଅନୁକୂଳ ରହିବ। କାର୍ଯ୍ୟର ସକାରାତ୍ମକ ପରିଣାମ ମିଳିବ। ପୁରୁଣା ନିବେଶରୁ ଭଲ ରିଟର୍ଣ୍ଣ ପାଇବେ। ଧ୍ୟାନ ଦ୍ୱାରା ମନ ଶାନ୍ତି ହେବ। ସୁଖଦ ଯାତ୍ରା ଯୋଗ ଅଛି।

**କୁମ୍ଭ** – ଆଧ୍ୟାତ୍ମିକ କାର୍ଯ୍ୟରେ ରୁଚି ବଢ଼ିବ। ଧନ ସମ୍ପତ୍ତି ବୃଦ୍ଧି ଯୋଗ ଅଛି। ସମ୍ପର୍କରେ ପ୍ରେମ ଓ ଆକର୍ଷଣ ବଢ଼ିବ। ପ୍ରମୋଶନର ନୂଆ ସୁଯୋଗ ମିଳିବ। କୌଣସି ଭଲ ଖବର ପାଇବେ। କୌଣସି ସରପ୍ରାଇଜ୍ ମିଳିପାରେ।

**ମୀନ** – ଆର୍ଥିକ ସ୍ଥିତି ଖୁବ୍ ଭଲ ରହିବ। ପାରିବାରିକ ଜୀବନରେ ଖୁସିର ପରିବେଶ ରହିବ। ପୁରୁଣା ସମ୍ପତ୍ତି ବିକ୍ରି କରି ଲାଭ ପାଇବେ। ପ୍ରିୟଜନଙ୍କ ସହିତ କ୍ୱାଲିଟି ଟାଇମ୍ ଅତିବାହିତ କରିପାରନ୍ତି।

## ଶ୍ରୀମଦ୍ ଭଗବଦ୍‌ଗୀତା



**ମାମୁପେତ୍ୟ ପୁନର୍ଜନ୍ମ ଦୁଃଖାଳୟମଶାଶ୍ୱତମ୍।**
**ନାପ୍ନୁବନ୍ତି ମହାତ୍ମାନଃ ସଂସିଦ୍ଧିଂ ପରମାଂ ଗତାଃ। (୮/୧୫)**

ମହାତ୍ମାମାନେ ମୋତେ ପାଇଲେ ଦୁଃଖର ଆଳୟ ସ୍ୱରୂପ ପୁନର୍ଜନ୍ମ ପୁନଶ୍ଚ ପ୍ରାପ୍ତ ହୁଅନ୍ତି ନାହିଁ। କାରଣ ସେମାନେ ପରମ ସିଦ୍ଧି ସ୍ୱରୂପ ମୁକ୍ତି ଲାଭ କରନ୍ତି। ଅର୍ଥାତ ଯେଉଁମାନେ ଭକ୍ତିପୂର୍ବକ ଚିରଦିନ ଭଗବାନଙ୍କୁ ସ୍ମରଣ, ମନନ ଓ ନିଦିଧ୍ୟାଶାସନ କରନ୍ତି ସେମାନେ ଇହକାଳରେ ତ କୌଣସି ଦୁଃଖ ଭୋଗ କରନ୍ତି ନାହିଁ ପରନ୍ତୁ ପୁନର୍ଜନ୍ମ ସେମାନଙ୍କର ହୁଏ ନାହିଁ। ଇହକାଳରେ ପ୍ରତ୍ୟେକ ମଣିଷ ଦୁଃଖ ସୁଖ ଭୋଗକରେ ସତ, କିନ୍ତୁ ଯାହାର ମନ ଈଶ୍ୱରଙ୍କର ଭାବନାରେ ସଦା ଭାବିତ ସେମାନେ ଦୁଃଖ ସୁଖକୁ ଈଶ୍ୱରଙ୍କର ଇଚ୍ଛା ଭାବି ସବୁ ସହି ଯାଆନ୍ତି। ଏଭଳି ଲୋକଙ୍କର ମୃତ୍ୟୁ ପରେ ପୁନର୍ଜନ୍ମ ହୁଏନି।



# ରାଜକୀୟ ଭୋଜନ



ବିବିଧତାରେ ଭରି ରହିଛି ଆମ ଦେଶ ଭାରତ। ଏଠାରେ ପ୍ରତି ରାଜ୍ୟର ଅଲଗା ଅଲଗା ପରିଚୟ ରହିଛି। ଏହି ବିବିଧତା ନା କେବଳ ସଂସ୍କୃତି ଓ ଭାଷାରେ ଦେଖିବାକୁ ମିଳୁଛି ତାହା ନୁହେଁ ସେହି ରାଜ୍ୟଗୁଡ଼ିକର ବ୍ୟଞ୍ଜନରେ ମଧ୍ୟ ଦେଖିବାକୁ ମିଳୁଛି। ୨୮ଟି ରାଜ୍ୟରେ ନିଜ ନିଜର ରହିଛି ଅଲଗା ଅଲଗା ରାଜକୀୟ ଭୋଜନ ଯେଉଁଗୁଡ଼ିକ ନିଜର ସାଂସ୍କୃତିକ ଓ ପାରମ୍ପରିକ ବିରାସତର ଅଂଶବିଶେଷ। ଭାରତୀୟ ବ୍ୟଞ୍ଜନଗୁଡ଼ିକର ଏହି ବିବିଧତା ନା କେବଳ ସ୍ଥାନୀୟ ସାମଗ୍ରୀ ଉପରେ ନିର୍ଭର କରେ ତାହା ନୁହେଁ ସାଂସ୍କୃତିକ ଓ ଐତିହାସିକ ପରମ୍ପରାଗୁଡ଼ିକର ମଧ୍ୟ ପ୍ରତିବିମ୍ବ ଅଟେ। ପ୍ରତି ରାଜ୍ୟର ବ୍ୟଞ୍ଜନରେ ସେହି ରାଜ୍ୟର ସ୍ଥାୟୀ ମସଲାର ଉପଯୋଗ କରାଯାଇଥାଏ ଯେଉଁଥି ପାଇଁ ସେସବୁକୁ ଅନୋଖା ବୋଲି କୁହାଯାଏ। ପଞ୍ଜାବ-ସୋରିଷ ଶାଗ, ମକା ରୁଟି, ଛୋଲେ-ଭଟୁରେ। ବିହାର-ଲିଚି ଚୋଖା, ସତ୍ତୁ ପରଟା। ଗୁଜରାଟ-ଢୋକ୍‌ଲା, ଥେପଲା, ଖାଣ୍ଡଭି, ରାଜସ୍ଥାନ-ଦାଲ୍ ବାଟି ଚୂରମା, କେର୍ ସାଙ୍ଗରୀ, କର୍ଣ୍ଣାଟକ-ନୀର୍ ଦୋସା, ମୈଶୁର ପାକ୍, ଅକ୍କି ରୁଟି। କେରଳ-ସାଧ୍ୟା, ଅପ୍ପମ୍, ମାଲାବାର ଚିକେନ୍ ବିରିୟାନୀ। ତାମିଲନାଡୁ-ଇଡ୍‌ଲୀ, ସମ୍ବର, ଦୋସା, ପୋଙ୍ଗଲ୍, ଉତ୍ତରପ୍ରଦେଶ-ଲକ୍ଷ୍ନୌଭି କବାବ୍, ବେଡ଼ମୀ ଆଳୁ, ବନାରସୀ ଚାଟ୍। ଝାଡ଼ଖଣ୍ଡ-ଠେକୁଆ ଓ ମହୁଆ ରୁଟି, ପଶ୍ଚିମ ବଙ୍ଗ-ଝିଙ୍ଗା ଆଳୁ ପୋସ୍ତ ଓ ମିଷ୍ଟି ଦୋଇ। ଓଡ଼ିଶା-ପଖାଳ ଓ ଛେନା ଜିଲାପି। ମହାରାଷ୍ଟ୍ର-ପାଓଭାଜି ଓ ବଡ଼ାପାଓ, ଗୋଳା-ବିନ୍ଦାଲୁ ଓ ବେବିଙ୍କା। ମଧ୍ୟପ୍ରଦେଶ-ଇନ୍ଦୋରୀ ପୋହା ଜିଲାପି ଓ ଭୋପାଳୀ କବାବ୍। ଛତିଶଗଡ଼-ବସ୍ତରର ସମ୍ବର ଓ ଛତିଶଗଢ଼ି ଖିଚୁଡି। ଆସାମ-ଜାଡ଼ୋ ଓ ମାସୋର ଟେଙ୍ଗା। ମେଘାଳୟ-ଜାଡ଼ୋ ଓ ଦୋହ ଖଲିହ। ନାଗାଲାଣ୍ଡ-ସ୍ମୋକ୍‌ଡ ମିଟ୍ ଓ ଆକି ନିଭେ। ମଣିପୁର-ସିଙ୍ଗଜୁ ଓ କାଙ୍ଗ୍‌ଲୀ। ତ୍ରିପୁରା-ମୁଇ ବୋରୋକ ଓ ମସ୍ ଡେଙ୍ଗ୍ ସେରମା। ହିମାଚଳ ପ୍ରଦେଶ-ସିଡ୍ଡୁ ଓ ବାବରୁ। ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା-ହାଇଦ୍ରାବାଦୀ ବିରିଆନୀ ଓ ପୁଳିହୋରା।

## ପୋଷଣରେ ଭରପୂର: ବିଟ୍ ରୁଟ୍



ଯଦି ଆପଣ ସୁସ୍ଥ ରହିବାକୁ ଚାହୁଁଛନ୍ତି ତେବେ ଆପଣଙ୍କ ଭୋଜନରେ ସାମିଲ୍ କରନ୍ତୁ ଲାଲ୍ ପରିବା ବିଟ୍ ରୁଟ୍‌କୁ। ଏହା ସାଧାରଣ ପରିବା ନୁହେଁ ଏହା ପୋଷଣରେ ଭରପୂର ଏକ ସୁପରଫୁଡ୍ ଯାହା ଶରୀର ଭିତରକୁ ଯାଇ ମଜବୁତ କରେ, ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେଇବା ସହିତ ରକ୍ତର ଅଭାବକୁ ଦୂର କରେ, ହାର୍ଟକୁ ସୁସ୍ଥ ରଖେ। ବିଶେଷ କରି ଓଜନ ହ୍ରାସ କରେଇବା ସହିତ ସ୍କିନ୍‌ରେ ଚମକ ଫେରାଇ ଆଣିବାର ଜବରଦସ୍ତ ପ୍ରଭାବ ଦେଖିବାକୁ ମିଳେ।

ବିଟ୍ ରୁଟ୍- ଏଥିରେ ଅଧିକ ମାତ୍ରାରେ ଥିବା ଆୟରନ୍, ଫୋଲେଟ୍ ଓ ନାଇଟ୍ରେଟ୍‌ସ ବ୍ଲଡ୍ ଭେସେଲ୍‌କୁ ପରିଷ୍କାର ରଖିବାରେ ସାହାଯ୍ୟ କରନ୍ତି ଯେଉଁ କାରଣରୁ ହାର୍ଟ ରୋଗ ଓ ଷ୍ଟ୍ରୋକ୍‌ର ବିପଦ କମ୍ ହୁଏ। ଆୟରନ୍ ଓ ଫୋଲ୍ କ୍ ଏସିଡ୍‌ର ଉତ୍କୃଷ୍ଟ ସୋର୍ସ ହୋଇଥିବାରୁ ଶରୀରରେ ହିମୋଗ୍ଲୋବିନ୍‌ର ମାତ୍ରା ବୃଦ୍ଧି ପାଇଥାଏ ଯେଉଁ କାରଣରୁ ବ୍ୟକ୍ତି ଏନିମିଆରୁ ମୁକ୍ତି ପାଇଥାଏ। ଏହାକୁ ନିୟମିତ ଭାବରେ ଖାଇଲେ ଦୁର୍ବଳତା ଓ ମୁଣ୍ଡ ବୁଲେଇବା ସମସ୍ୟା ଦୂର ହୁଏ। ଏହା ଭିଟାମିନ୍-ସି ଓ ଆଣ୍ଟିଅକ୍ସିଡେଣ୍ଟ୍‌ସରେ ଭରପୂର ହେବା ସହିତ ଶରୀରକୁ ସଂକ୍ରମଣରୁ ରକ୍ଷା କରିବାରେ ସାହାଯ୍ୟ କରେ। ବିଟ୍ ରୁଟ୍‌ରେ ଫାଇବର୍ ଥିବାରୁ କୋଷ୍ଠକାଠିନ୍ୟ ଓ ଗ୍ୟାସ୍ ସମସ୍ୟା ଦୂର ହୁଏ। ଏଥିରେ ତିଆରି ଜୁସ୍ ବା ସାଲାଡ୍ ପାଚନ କ୍ରିୟାକୁ ଆହୁରି ଉତ୍କୃଷ୍ଟ କରାଇବା ସହିତ ଶରୀରକୁ ଡିଟକ୍ସ କରେ। କମ୍ କ୍ୟାଲୋରୀ ଓ ଅଧିକ ଫାଇବର୍ ଥିବାରୁ ଭୋକ ନିୟନ୍ତ୍ରଣ ମଧ୍ୟରେ ରହେ ଓ ଓଭର୍‌ଇଟିଂରୁ ମଣିଷ ରକ୍ଷା ପାଇଥାଏ। ତେଣୁ ପ୍ରତିଦିନ ବିଟ୍ ରୁଟ୍‌ର ସାଲାଡ୍ ଖାଇଲେ ଓଜନ ହ୍ରାସ ମଧ୍ୟ ହୋଇପାରିବ। ଏଥିରେ ଥିବା ନାଇଟ୍ରେଟ୍ସ ରକ୍ତ ଧମନୀରେ ରକ୍ତ ପ୍ରବାହକୁ ସାମାନ୍ୟ କରାଇଥାଏ ଯେଉଁ କାରଣରୁ ଉଚ୍ଚ ରକ୍ତଚାପ ପରି ସମସ୍ୟାରୁ ମୁକ୍ତି ମିଳେ ଓ ଶରୀରରେ ଅକ୍ସିଜେନ୍‌ର ଆପୂର୍ତ୍ତି ବୃଦ୍ଧିପାଏ। ରକ୍ତ ପରିଷ୍କାର ହେଉଥିବାରୁ ସ୍କିନ୍‌ରେ ଚମକ ଫେରିଆସେ। କେଶ ମଜବୁତ ଓ ଘନ ହୁଏ। ଏହାକୁ ଫେସ୍ ପ୍ୟାକ୍ ଭାବରେ ମଧ୍ୟ ବ୍ୟବହାର କରିପାରିବେ।

## ମା' ଲୁକ୍‌ରେ କାଜଲ୍



ବଲିଉଡ୍ ଅଭିନେତ୍ରୀ କାଜଲ୍ ଏବେ ବଡ଼ ପରଦାରେ କମ୍ ନଜର ଆସୁଥିଲେ ମଧ୍ୟ ଫିଲ୍ମର ସିଲେକ୍ସନ୍ କାରଣରୁ ଚର୍ଚ୍ଚାରେ ରହୁଛନ୍ତି। ବିଗତ କିଛି ସମୟ ହେଲାଣି ସେ ମହିଳାକୈନ୍ଦ୍ରିକ ଫିଲ୍ମଗୁଡ଼ିକରେ ଅଭିନୟ କରି ବେଶ୍ ପ୍ରଶଂସା ପାଉଥିବାର ଦେଖିବାକୁ ମିଳୁଛି। ବର୍ତ୍ତମାନ ଆଗାମୀ ପ୍ରୋଜେକ୍ଟକୁ ନେଇ ଚର୍ଚ୍ଚାରେ ଅଛନ୍ତି କାଜଲ୍। ଦେବୀ ପରେ ଏବେ ସେ ମା' ଭୂମିକାରେ ନଜର ଆସିବେ ଯାହାର ଫାଷ୍ଟ ଲୁକ୍ ଜାରି କରାଯାଉଛି। ଏହି ଇଣ୍ଟେନ୍ସ ଲୁକ୍‌କୁ ଦେଖିବା ପରେ ଦର୍ଶକମାନଙ୍କର ଖୁବ୍ ପ୍ରତିକ୍ରିୟା ମଧ୍ୟ ଆସୁଛି। ପୋଷ୍ଟର୍ ଦେଖିବା ପରେ ଏହା ସ୍ପଷ୍ଟ ହୋଇଯାଇଛି ଯେ କାଜଲ୍ ତାଙ୍କ ସନ୍ତାନର ସୁରକ୍ଷା ପାଇଁ ରୌଦ୍ର ରୂପ ଧାରଣ କରିଛନ୍ତି। ଏଥିରେ ତାଙ୍କ ଝିଅକୁ ସେ ଛାତିରେ ଜାବୁଡ଼ି ଧରିଛନ୍ତି। ଫଟୋର ପଛଭାଗ ବିଷୟରେ ଅଳ୍ପ କିଛି ଅନୁମାନ କରିହେଉଛି। ନିର୍ମାତାମାନେ ପୋଷ୍ଟର୍ ଜାରି କରି ଲେଖିଛନ୍ତି- 'ନର୍କ ବି ଏଇଠି, ଦେବୀ ମା' ମଧ୍ୟ ଏହି ଠାରେ ଅଛି।' ୨୭ ଜୁନ୍‌ରେ ସିନେମା ଘରଗୁଡ଼ିକରେ ଦର୍ଶକମାନେ ଦେଖିପାରିବେ ଫିଲ୍ମ ମା'। ଫିଲ୍ମ 'ଶୈତାନ' ପରେ ଦେବଗନ ଫିଲ୍ମସ୍ ଏହି ପୌରାଣିକ ହରର୍ ଫିଲ୍ମ ନେଇ ଆସୁଛନ୍ତି। କାଜଲ୍‌ଙ୍କ ଅଭିନୟ କ୍ୟାରିୟର୍‌ର କଥା ଆସିଲେ ଅନେକଗୁଡ଼ିଏ ଭର୍ସାଟାଇଲ୍ ଭୂମିକାରେ କାଜଲ୍ ନଜର ଆସିସାରିଛନ୍ତି। କ୍ୟାରିୟର୍‌ର ଆରମ୍ଭ ଦିନରୁ କାଜଲ୍‌ଙ୍କ ପ୍ରତିଭାକୁ ଦେଖିବାକୁ ମିଳିଥିଲା। ଯେତେବେଳେ ସେ ତାଙ୍କର ଅଭିନୟର ଶୀର୍ଷ ସ୍ଥାନରେ ଥିଲେ ସେତେବେଳେ ଅନେକଗୁଡ଼ିଏ ରୋମାଣ୍ଟିକ ଫିଲ୍ମରେ ତାଙ୍କୁ ଦେଖିବାକୁ ପାଇଥିଲେ ଦର୍ଶକମାନେ। ତେବେ ଶାହାରୁଖ ଖାନ ଓ ଅଜୟ ଦେବଗନଙ୍କ ସହିତ ତାଙ୍କ ଯୋଡ଼ିକୁ ଦର୍ଶକମାନେ ଖୁବ୍ ପସନ୍ଦ କରୁଥିଲେ। କିନ୍ତୁ ଅଭିନୟର ଦ୍ୱିତୀୟ ପାଳିରେ ଅଲଗା ଅବତାରରେ ନଜର ଆସିଥିଲେ କାଜଲ୍। ତ୍ରିଭଙ୍ଗା, ହେଲିକପ୍ଟର ଇଲା, ଦେବୀ, ତାହ୍ନାଜୀ ଓ ଲଷ୍ଟ ଷ୍ଟୋରିଜ୍-୨ ପରି ଫିଲ୍ମଗୁଡ଼ିକରେ ନଜର ଆସିଛନ୍ତି ଯେଉଁଥିରେ କାଜଲ୍‌ଙ୍କ ଅଲଗା ଲୁକ୍ ଦେଖିବାକୁ ମିଳିଛି। ଏବେ ଫିଲ୍ମ ମା' ଦର୍ଶକମାନଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାର ବିଷୟ।

# ଧୂମପାନ ନିଷେଧ ଦିବସ



ଧୂମପାନର ହାନିକାରକ ପ୍ରଭାବଗୁଡ଼ିକ ସମ୍ପର୍କରେ ଲୋକମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ମାସର ଦ୍ୱିତୀୟ ବୁଧବାର ଦିନ ପାଳନ କରାଯାଏ ଧୂମପାନ ଦିବସ। ୧୯୮୪ରେ ୟୁନାଇଟେଡ୍ କିଙ୍ଗ୍‌ଡମ୍ ଠାରେ ଏହି ଦିବସର ଆରମ୍ଭ ହୋଇଥିଲା। ଧୂମପାନ ଛାଡ଼ିବା ପାଇଁ ଅନେକ ପ୍ରକାରର ଗତିବିଧି ଦ୍ୱାରା ଏହି ଦିନ ଲୋକମାନଙ୍କୁ ସାହାଯ୍ୟ କରାଯାଏ। ଧୂମପାନ ଛାଡ଼ି ଲୋକମାନେ ନିଜ ଜୀବନକୁ ସୁଖମୟ କରିପାରିବେ। ଅଧ୍ୟୟନକାରୀଙ୍କ ଅନୁସାରେ ଏହି ପ୍ରୟାସ ବହୁତ ପ୍ରଭାବୀ ସାବ୍ୟସ୍ତ ହେଉଛି କାରଣ ଅତି କମ୍‌ରେ ୧୦ ଜଣ ଲୋକ ଏହିଦିନ ଧୂମପାନ ଛାଡ଼ି ଥାଆନ୍ତି। ଏହି ଦିବସ ଏକ ବୈଶ୍ୱିକ ଆନ୍ଦୋଳନକୁ ପ୍ରୋତ୍ସାହନ ଦେଉଛି ଯେଉଁ କାରଣରୁ ସାର୍ବଜନିକ ସ୍ୱାସ୍ଥ୍ୟର ମହତ୍ତ୍ୱ ଓ ତମାଖୁ ସମ୍ବନ୍ଧୀୟ ରୋଗଗୁଡ଼ିକର ଦର ହ୍ରାସ ପାଉଛି। ଧୂମପାନ ଆପଣଙ୍କ ଜୀବନକୁ ଛୋଟ କରିଦେଉଛି। ତେଣୁ ଆଜିର ଦିନରେ ଧୂମପାନ ଛାଡ଼ି ନିଜ ଜୀବନରେ ଆଉ କିଛି ବର୍ଷକୁ ଯୋଡ଼ି ଦିଅନ୍ତୁ।

କ୍ଷତି-ଧୂମପାନ କରିବା ଦ୍ୱାରା କ୍ୟାନ୍ସର, ମଧୁମେହ, ଦୃଷ୍ଟିହାନି, ହୃଦୟ ରୋଗ, ଷ୍ଟ୍ରୋକ୍, ଲିଭରଜନିତ ରୋଗ, ତନ୍ତ୍ରିକାଗୁଡ଼ିକର କ୍ଷତି, ପାଦର ସମସ୍ୟା ପରି ଅନେକ ପ୍ରକାରର ରୋଗ ହୁଏ। ଏହାର ଧୂଆଁରେ ଥିବା ଟାର୍, କାର୍ବନ୍ ମନୋକ୍ସାଇଡ୍ ଓ ଅନ୍ୟ ରସାୟନଗୁଡ଼ିକ ହାନିକାରକ ହୋଇଥାନ୍ତି। ପ୍ରତିବର୍ଷ ବ୍ରେଷ୍ଟ କ୍ୟାନ୍ସର ଅପେକ୍ଷା ଫୁସ୍‌ଫୁସ୍ କ୍ୟାନ୍ସର ଦ୍ୱାରା ଅଧିକ ମହିଳା ମୃତ୍ୟୁବରଣ କରୁଛନ୍ତି। ଧୂମପାନ କାରଣରୁ କ୍ରନିକ୍ ଅବ୍‌ଷ୍ଟ୍ରକ୍ଟିଭ୍ ପଲ୍‌ମୋନାରୀ ଡିଜିଜ୍ (ସିଓପିଡି) କାରଣରୁ ୮୦ ପ୍ରତିଶତ ଲୋକ ମୃତ୍ୟୁବରଣ କରିଥାନ୍ତି। ଏଥିପାଇଁ ସିଗାରେଟ୍ ଟାଣିବା ଦ୍ୱାରା ଉଭୟେ ପୁରୁଷ ଓ ମହିଳାଙ୍କର ମୃତ୍ୟୁଦର ବୃଦ୍ଧି ପାଉଛି।

# କଳା ମୋତିଆବିନ୍ଦୁ



କଳା ମୋତିଆବିନ୍ଦୁ ବା ଗ୍ଲୁକୋମା ଏପରି ଏକ ରୋଗ ଯାହା ଅନ୍ଧପଣର କାରଣଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏଥିରେ ଆଖି ଭିତରେ ଚାପ ବୃଦ୍ଧି ହୁଏ ଯେଉଁଥିରେ ଅପ୍ଟିକ୍ ତନ୍ତ୍ରିକା (ଯାହା ଆଖିରୁ ମସ୍ତିଷ୍କ ପର୍ଯ୍ୟନ୍ତ ସନ୍ଦେଶ ପହଞ୍ଚାଏ)ର କ୍ଷତି ହୁଏ। ବିନା କୌଣସି ସ୍ପଷ୍ଟ ଲକ୍ଷଣରେ ଗ୍ଲୁକୋମା ଧୀରେ ଧୀରେ ବୃଦ୍ଧି ହେଉଥିବାରୁ ଏହାକୁ 'ଦୃଷ୍ଟି ଚୋର' ବୋଲି ମଧ୍ୟ କୁହାଯାଏ। ଗ୍ଲୁକୋମା ବିଷୟରେ ଶୀଘ୍ର ଜାଣି ନପାରିଲେ ଓ ଏହାର ଚିକିତ୍ସାରେ ଯଦି ବିଳମ୍ବ ହୁଏ ତେବେ ଏହା ଦୃଷ୍ଟିହାନି ଓ ଅନ୍ଧପଣର କାରଣ ହୋଇପାରେ। ତେଣୁ ଏହାର ଗମ୍ଭୀରତାକୁ ଆଖି ଆଗରେ ରଖି ଆଜି ପୂରା ବିଶ୍ୱରେ ପାଳନ କରାଯାଉଛି ଗ୍ଲୁକୋମା ଦିବସ।

ଲକ୍ଷଣ-ପ୍ରାରମ୍ଭିକ ଅବସ୍ଥାରେ ଗ୍ଲୁକୋମାର କୌଣସି ଲକ୍ଷଣ ଦେଖାଯାଏ ନାହିଁ। ଯେପରି ଯେପରି ଏହି ରୋଗ ବୃଦ୍ଧିପାଏ କିଛି ଲକ୍ଷଣ ଦେଖିବାକୁ ମିଳେ ଯଥା-ଅସ୍ପଷ୍ଟ ଦେଖାଯିବା, ଆଖିର ଚତୁଃପାର୍ଶ୍ୱରେ ରଙ୍ଗିନ ଘେର ଦେଖାଯିବା, ଦୃଷ୍ଟିକ୍ଷେତ୍ରର କିଛି ଭାଗ ଅଦୃଶ୍ୟ ହୋଇଯିବା, ଆଖିରେ ବ୍ୟଥା ହେବା ଆଦି।

ଉପଚାର-ନିୟମିତ ଭାବରେ ଆଖିର ପରୀକ୍ଷା କରାନ୍ତୁ ବିଶେଷ କରି ଆପଣଙ୍କର ଯଦି ପାରିବାରିକ ଇତିହାସ ଥାଏ ବା ୪୦ ବର୍ଷରୁ ଅଧିକ ବୟସ ହୋଇଥାଏ। ନିଜର ଉଚ୍ଚ ରକ୍ତଚାପ ଓ ମଧୁମେହକୁ ନିୟନ୍ତ୍ରଣରେ ରଖନ୍ତୁ। କାରଣ ଏହା ଗ୍ଲୁକୋମାର ରିସ୍କକୁ ବୃଦ୍ଧି କରାଇଥାଏ। ଧୂମପାନ କରନ୍ତୁ ନାହିଁ। ଏହା ଗ୍ଲୁକୋମାର ଲକ୍ଷଣ ବୃଦ୍ଧି କରେଇବାରେ ସହାୟକ ହୋଇଥାଏ। କୌଣସି ପ୍ରକାରର ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।




ପୂରା ବିଶ୍ୱରେ ରହୁଥିବା ମରିସସ୍‌ବାସୀମାନେ ଆଜିର ଦିନରେ ପାଳନ କରନ୍ତି ମରିସସ୍ ଦିବସ। ଏହା ଏକ ବାର୍ଷିକ ଆୟୋଜନ ଯାହା ଦ୍ୱୀପ ରାଷ୍ଟ୍ରର ସଂସ୍କୃତି, ଇତିହାସ ଓ ପରମ୍ପରାକୁ ସମ୍ମାନ ଜଣାଇଥାଏ। ମରିସସ୍‌ର ଜାତୀୟ ଦିବସକୁ ସ୍ୱାଧୀନତା ଓ ଗଣତନ୍ତ୍ର ଦିବସ ଭାବରେ ପାଳନ କରାଯାଏ। ଏହି ଦିନ ମରିସସ୍‌ରେ ଲୋକତନ୍ତ୍ର ଲାଗୁ କରାଯାଇଥିଲା। ମରିସସ୍ ଦିବସର ଇତିହାସ ଦ୍ୱୀପର ଔପନିବେଶିକ ଅତୀତ ସହିତ ଜଡ଼ିତ। ୧୯୬୮ରେ ସ୍ୱତନ୍ତ୍ରତା ପ୍ରାପ୍ତ କରିବା ପାଇଁ ପୂର୍ବରୁ ମରିସସ୍ କେତେ ଶତାବ୍ଦୀ ପର୍ଯ୍ୟନ୍ତ ଫ୍ରାନ୍ସିସୀ ଓ ପରେ ବ୍ରିଟିଶ୍ ଉପନିବେଶର ନିୟନ୍ତ୍ରଣରେ ଥିଲା। ୧୯୯୨ରେ ଏହା ଗଣତନ୍ତ୍ର ରାଜ୍ୟ ଭାବରେ ମାନ୍ୟତା ପାଇଥିଲା। ଏହାପରେ ସେଠାରେ ନିୟମିତ ଭାବରେ ନିର୍ବାଚନ ହେବାକୁ ଲାଗିଲା। ୧୮୦୩-୧୫ ଭିତରେ ନେପୋଲିଅନିକ୍ ଯୁଦ୍ଧରେ ବ୍ରିଟିଶମାନେ ଏହି ଦ୍ୱୀପ ଉପରେ କବ୍‌ଜା କରିନେଇଥିଲେ। ଏହାପରେ ୧୯୬୮ରେ ଏହା ବ୍ରିଟେନ୍ ଠାରୁ ଅଲଗା ହୋଇଥିଲା। ମରିସସ୍‌ର ସଂସ୍କୃତି ହେଉଛି ମିଶ୍ରିତ ସଂସ୍କୃତି। ଏହାର କାରଣ ପ୍ରଥମେ ଏହା ଫ୍ରାନ୍ସର ଅଧୀନରେ ଥିଲା ଓ ପରେ ବ୍ରିଟିଶ୍‌ର ସ୍ୱାମିତ୍ୱକୁ ଆସିଥିଲା। ଏହି ଦିବସ ଦେଶର ସ୍ୱାଧୀନତାର ବାର୍ଷିକୀର ପ୍ରତୀକ। ପ୍ରତିବର୍ଷ ମରିସସ୍‌ର ସଂସ୍କୃତି ଓ ମୂଲ୍ୟଗୁଡ଼ିକୁ ଦର୍ଶାଇବା ପରି ମୁଦ୍ଦା ଓ ଆହ୍ୱାନଗୁଡ଼ିକର ଆଧାରରେ ଥିମ୍‌ର ଚୟନ କରାଯାଏ। ତେଣୁ ଆଜି ଦେଶର ଇତିହାସ ଓ ସ୍ୱାଧୀନତା ଯାତ୍ରାରେ ଚିନ୍ତନ କରିବାର ଦିନ। ମରିସସ୍ ତା'ର ଅନୋଖା ସଂସ୍କୃତି, ପରମ୍ପରା ଓ ମୂଲ୍ୟଗୁଡ଼ିକୁ ନେଇ ସେଲିବ୍ରେଟ୍ କରେ ଯେଉଁଗୁଡ଼ିକ ଏହାର ବିବିଧ ଜନସଂଖ୍ୟା ଓ ଔପନିବେଶିକ ଅତୀତକୁ ଆକାର ଦେଇଥିଲା। ମରିସସ୍ ଏକ ବ୍ରିଟିଶ ଉପନିବେଶ ଥିଲା ଯାହାକୁ ପରେ କ୍ରୂର ଓ ଯାତନାପୂର୍ଣ୍ଣ ଶାସନରୁ ମୁକ୍ତ କରିଦିଆ ଯାଇଥିଲା। ମରିସସ୍‌କୁ ଡ଼ୋଡ଼ୋଙ୍କ ଘର ବୋଲି କୁହାଯାଉଥିଲା। ବର୍ତ୍ତମାନ ଏହା ଏକ ବିଲୁପ୍ତ ପକ୍ଷୀ। ସର୍ବେକ୍ଷଣ ଅନୁସାରେ ମରିସସ୍ ସବୁଠାରୁ ଏକ ଶାନ୍ତିପୂର୍ଣ୍ଣ ଆଫ୍ରିକୀ ଦେଶ ମଧ୍ୟରୁ ଅନ୍ୟତମ।

### ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ: ଥଇଥାନ ହେବେ ବ୍ୟବସାୟୀ

# ଚନ୍ଦ୍ରଭାଗା କୂଳରୁ ୩୭୫ ଝାଉଁ ଗଛ କାଟିଲା ପ୍ରଶାସନ

**କୋଣାର୍କ,୧୧।୩/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ପୂର୍ବାହ୍ନରେ ମେରାଇନ ଥାନା ଅଧିନ ଚନ୍ଦ୍ରଭାଗା କୂଳରେ ରାଜ୍ୟ ନିର୍ମାଣ ବିଭାଗ ପକ୍ଷରୁ 'ମେସର୍ସ ଦିଲ୍ଲୀପ କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ ଲିମିଟେଡ଼' ଠିକାଦାରଙ୍କ ଦ୍ୱାରା ୪୭କୋଟି ଟଙ୍କା ବ୍ୟୟରେ ଚାଲିଥିବା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ପାଇଁ ଚନ୍ଦ୍ରଭାଗା ସମୁଦ୍ରକୂଳରେ ଥିବା ବ୍ୟବସାୟୀ ଓ ମାର୍କେଟ ବିଲ୍ଡିଂ ବ୍ୟବସାୟୀ ମାନଙ୍କୁ ଉଚ୍ଛେଦ କରି ନିକଟ ଜୟଦେବ ପାର୍କ ପାଖରେ ଥଇଥାନ କରାଯିବା ପାଇଁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ ପ୍ରସ୍ତାବିତ ସ୍ଥାନରେ ଆଜି ପ୍ରସାଶନ ପକ୍ଷରୁ ବନବିଭାଗ ଉପସ୍ଥିତିରେ ବାଲୁଖଣ୍ଡ ଅଭୟାରଣ୍ୟକୁ ଲାଗି ଜୟଦେବ ବାଟିକା ନିକଟ ରାଜସ୍ୱ ବିଭାଗ ଅଧୀନରେ ଥିବା କୋଣାର୍କ ମୌଜାର ଖାତା ନମ୍ବର ୨୯୮, ପ୍ଲଟ୍ ନମ୍ବର ୧୬୫୯ ସମୁଦାୟ ୪୧.୯୦ ଏକର ଜମିରୁ ୧ଏକରରୁ ଊର୍ଦ୍ଧ୍ୱ ଜମିରେ ଥିବା ୩୭୫ଗୋଟି ଝାଉଁଗଛଗୁଡିକୁ ଆଜି ଗୋପ ତହସିଲଦାର ଅନିଲ୍ କୁମାର ମହାନ୍ତି, କୋଣାର୍କ ବନାଧିକାରୀ ସୁଦର୍ଶନ ଦେହୁରି, ପୁରୀ ଜିଲ୍ଲା ପୂର୍ତ୍ତବିଭାଗ



ନିର୍ବାହୀଯନ୍ତ୍ରୀ ଅଶୋକ ବିଶ୍ୱାଳ, କୋଣାର୍କ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ପ୍ରତିମା ସାହୁ, ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ଜିଲ୍ଲା ବନବିଭାଗ କର୍ପୋରେସନ ଅଧିକାରୀ ଲକ୍ଷ୍ମୀଧର ପ୍ରଧାନ, କୋଣାର୍କ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ଦିଲ୍ଲିପ କୁମାର ବିଶ୍ୱାଳ ପ୍ରମୁଖଙ୍କ ଉପସ୍ଥିତିରେ ଏକ ପ୍ଲାଟୁନ ଫୋର୍ସ ଓ ଶ୍ରମିକଙ୍କୁ ନେଇ ଗଛଗୁଡିକୁ ମେସିନ ଲଗାଇ କଟାଯାଇଥିଲା। ମାତ୍ର କିଛି ସମୟ ପରେ କରମଙ୍ଗା ଇଡିସିର କର୍ମକର୍ତ୍ତାମାନେ ଆସି ଗଛକଟାକୁ ବିରୋଧ କରିଥିଲେ। ଗଛକଟା କାର୍ଯ୍ୟ କିଛି ସମୟ ପାଇଁ ବନ୍ଦ ରହିଥିଲା। ମାତ୍ର ଗୋପ ତହସିଲଦାର ଶ୍ରୀ ମହାନ୍ତି ସେମାନଙ୍କୁ ବୁଝାଇବା ପରେ ସେମାନେ ଘଟଣାସ୍ଥଳରୁ ଫେରିଯାଇଥିଲେ। ପରେ ପୁନଃ ଗଛକଟା ଆରମ୍ଭ ହୋଇଥିଲା। ସୂଚନାଥାଉ କି, ପୁରୀ-କୋଣାର୍କ ବେଳାମାର୍ଗ ଚନ୍ଦ୍ରଭାଗା ୪୭କୋଟିରୁ ଊର୍ଦ୍ଧ୍ୱ ଟାଙ୍କ ବ୍ୟୟରେ ନୂଆ ରୂପରେଖ ପାଇବ। ଏ ନେଇ ପ୍ରଶାସନ ପକ୍ଷରୁ ଚନ୍ଦ୍ରଭାଗା ବେଳାଭୂମି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଚନ୍ଦ୍ରଭାଗାରେ ଥିବା ୨୪ଟି ସ୍ଥାୟୀ ଦୋକାନ ଗୃହଗୁଡିକ ସମେତ କେତେକ ଅସ୍ଥାୟୀ ଦୋକାନୀକୁ ଉଚ୍ଛେଦ କରାଯାଇ ଉଚ୍ଛେଦ ବ୍ୟବସାୟୀଙ୍କୁ ଜୟଦେବ ବାଟିକା ନିକଟରେ ଥିବା ଜମି ଯୋଗାଇ ଦିଆଯାଇ ପୁନଃ ବ୍ୟବସାୟୀ ଗୃହ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ମାର୍କେଟ କମ୍ପ୍ଲେକ୍ସ 'ଏଲ୍' ଆକାରରେ ନିର୍ମାଣ ହେବ ଓ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ମୌଳିକ ସୁବିଧା ସହିତ ଏକ ମଡେଲ୍ କାର୍ ପାର୍କିଂର ବ୍ୟବସ୍ଥା କରାଯିବ ବୋଲି ଜଣାଯାଇଛି।

## ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା




**ମାହାଙ୍ଗା,୧୧।୩/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଯୋଜନା ଆନୁକୁଲ୍ୟରେ ବ୍ଲକ୍‌ସ୍ତରୀୟ ଉଦ୍ୟାନ କୃଷି ତାଲିମ ଓ ଦକ୍ଷତା ବିକାଶ କର୍ମଶାଳା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କଟକ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ବିଭାଗ ଅଧିକାରୀ ସଂଘମିତ୍ରା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାକୁ ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର କର ଉଦ୍‌ଘାଟନ କରିବା ସହ କୃଷକମାନେ କିପରି ଉଦ୍ୟାନ କୃଷି ସଂପର୍କରେ ଅଧିକରୁ ଅଧିକ ଅବଗତ ହୋଇପାରିବେ ସେ ଉପରେ ଆଲୋଚନା କରିଥିଲେ। ଏଥିରେ ଅତିଥିଭାବେ ମାହାଙ୍ଗା କୃଷି ଅଧିକାରୀ ମୁକ୍ତିଲିନା ମୋନିକା, ମତ୍ସ୍ୟସଂପଦ ଅଧିକାରୀ ସଂଯୁକ୍ତା ସାମନ୍ତ ସିଂହାର, ମୃତ୍ତିକା ସଂରକ୍ଷଣ ଅଧିକାରୀ ଲିଲି ଦାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶରତ ସାହୁ, ଏଡିଓ ମାନସ ସ୍ୱାଇଁ, ନାଏବ ସରପଞ୍ଚ ସତ୍ୟବାନ ସାହୁ ପ୍ରମୁଖ ଯୋଗଦେଇ କୃଷି ଓ କୃଷକମାନେ ସରକାରଙ୍କ ସମସ୍ତ ଯୋଜନାରେ ଉପକୃତ ହେବା ସହ ଉନ୍ନତ କୃଷି ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପଞ୍ଚାୟତର ସଫଳ ଚାଷୀ କୈଳାସ ଚନ୍ଦ୍ର ବଳବନ୍ତରାୟ, ସରୋଜ କୁମାର ପରିଡା, ଚନ୍ଦ୍ରମଣି ସାହୁ, ମନୋରଞ୍ଜନ ମିଶ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି କର୍ମଚାରୀ ସୌଦାମିନୀ ସାହୁ, ରବୀନ୍ଦ୍ର ସ୍ୱାଇଁ, ସୀତାମଣି ମୁର୍ମୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିବାବେଳେ ଦୀପକ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ ଧକ୍କାରେ ବାଇକ୍ ଚାଳକ ଆହତ

**ବାରଙ୍ଗ,୧୧।୩/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ସକାଳ ସାଢ଼େ ୯ଟାରେ ବାରଙ୍ଗ ଥାନାର ନରଣପୁର ଛକଠାରେ ଏକ କାର ପଛପଟକୁ ଏକ ବାଇକ ଧକ୍କା ଦେଇଛି। ଫଳରେ ବାଇକ ଚାଳକ ଆହତ ହୋଇଥିବାବେଳେ କାରରେ ଯାତ୍ରା କରୁଥିବା ଯାତ୍ରୀ ସୁରକ୍ଷିତ ଅଛନ୍ତି। ଆହତମାନଙ୍କ ପରିଚୟ ମିଳିପାରିନାହିଁ। ପ୍ରକାଶ ଯେ ସକାଳ ସାଢେ ୯ଟା ସମୟରେ ତ୍ରିଶୁଳିଆ ଦେଇ ବାଲିକୁଦା ଅଭିମୁଖେ ଏକ କାର୍ ପଛପଟକୁ ସମଦିଗରେ ଯାଉଥିବା ଏକ ଦ୍ରୁତଗାମୀ ଆପାଚି ବାଇକ୍ ଭାରସାମ୍ୟ ହରାଇ ବାରଙ୍ଗ-ବାଲିକୁଦା ମୁଖ୍ୟ ରାସ୍ତାର ନରଣପୁର ରାମେଶ୍ୱର ମନ୍ଦିର ସମ୍ମୁଖରେ କାର୍ ପଛକୁ ଧକ୍କା ଦେଇଥିଲା। ଧକ୍କାଟି ଏତେ ଭୟଙ୍କର ଥିଲା ଯେ କାର୍‌ର ପଛଭାଗ ଭାଙ୍ଗିରୁଜି ଯିବା ସହ କାଚ ମଧ ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଥିଲା। ଅନ୍ୟପକ୍ଷରେ ବାଇକ ଚାଳକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆହତ ହୋଇ ତଳେ କିଛି ସମୟ ପଡ଼ିରହିବା ପରେ ହଠାତ ଉଠି ବସି ଘଟଣାସ୍ଥଳରୁ ଭୟରେ ଫେରାର୍ ମାରିଥିଲେ। ଘଟଣାସ୍ଥଳରେ ବାରଙ୍ଗ ପୁଲିସ୍ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

## ବେଆଇନ ମାଙ୍କଡ଼ା ଚାଲାଣ, ୨ ଟ୍ରକ୍ ଜବତ

**ଓଡ଼ଗାଁ,୧୧।୩/ଏନ୍‌ଏନ୍‌ଏସ୍:** ଓଡଗାଁ ଆଦର୍ଶ ଥାନା ଅନ୍ତର୍ଗତ ରୋହିବାଙ୍କ ଓ କୋମଣ୍ଡ ଅଞ୍ଚଳରୁ ବିଳମ୍ବିତ ରାତିରେ ଦୁଇଟି ମାଙ୍କଡା ବୋଝେଇ ଟ୍ରକ ଆଗ ପଛ ହୋଇ କୁରାଳ ଅଞ୍ଚଳକୁ ଯାଉଥିଲା। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଓଡ଼ଗାଁ ପୁଲିସ ପହଞ୍ଚି ଦୁଇ ଟ୍ରକ୍‌କୁ ଜବତ କରିବାବେଳେ ଉଭୟ ଗାଡିର ଚାଳକ ଘଟଣାସ୍ଥଳରୁ ଗାଡିଛାଡି ଫେରାର ହୋଇଯାଇଥିଲେ। ଗାଡ଼ି ଦୁଇଟିର ମାଲିକ ଓ ଚାଳକଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଆଦର୍ଶ ଥାନା ପକ୍ଷରୁ ସୂଚନା ମିଳିଛି।

## ରାଷ୍ଟ୍ରପତିଙ୍କ କଣ୍ଟିଲୋ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପ୍ରଶାସନ ଚଳଚଞ୍ଚଳ

**କଣ୍ଟିଲୋ,୧୧।୩/ଏନ୍‌ଏନ୍‌ଏସ୍:** ଭାରତବର୍ଷର ମହାମହିମ ରାଷ୍ଟ୍ରପତି ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ତଥା ଶ୍ରୀକ୍ଷେତ୍ରର ଆଦିପୀଠ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ନୀଳମାଧବ ପୀଠ କଣ୍ଟିଲୋକୁ ଦର୍ଶନ ଉଦ୍ଦେଶ୍ୟରେ ଚଳିତ ମାସ ୨୪ତାରିଖରେ ଆସୁଥିବା ପ୍ରାକ୍ ସୂଚନା ମିଳିଛି। ଏଥିନେଇ ନୟାଗନ ଜିଲ୍ଲା ପ୍ରଶାସନ ଚଳଚଞ୍ଚଳ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଆଜି ମଙ୍ଗଳବାର ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଆଗ୍ରୱାଲଙ୍କ ଅଧକ୍ଷତାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀଙ୍କ ସମେତ ସମଗ୍ର ଜିଲ୍ଲା ପ୍ରଶାସନର ପଦସ୍ଥ କର୍ମଚାରୀମାନେ କଣ୍ଟିଲୋ ପରିଦର୍ଶନରେ ଆସି ପ୍ରଥମେ କଣ୍ଟିଲୋ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ପହଞ୍ଚି ଉପସ୍ଥିତ ଥିବା ବିଭିନ୍ନ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ପରେ କଣ୍ଟିଲୋସ୍ଥିତ ଐତିହାସିକ ପଲଟନ ପଡିଆ ତଥା ମିନି ଷ୍ଟାଡିୟମ୍‌କୁ ଯାଇ ବର୍ତ୍ତମାନ ସ୍ଥିତି ସମୀକ୍ଷା କରିଥିଲେ। ଏହାପରେ ନୀଳମାଧବ ମନ୍ଦିର ଉପରକୁ



ଯିବା ସହ ଉତ୍ତରଦ୍ୱାର ଠାରେ ପ୍ରତିଷ୍ଠିତ ମ୍ୟୁଜିୟମ୍‌ର ସ୍ଥିତି ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ମନ୍ଦିର ପଶ୍ଚିମ ଦ୍ୱାରରେ ନିର୍ମାଣାଧୀନ ଲିଫ୍ଟ ଅନୁଧ୍ୟାନ କରିବା ସହ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସମ୍ପୃକ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଗନ୍ନାଥ ସଂସ୍କୃତିର ମୂଳ ଉତ୍ସ ନିକଟସ୍ଥ କାଳିଆପଲ୍ଲୀ ଜଙ୍ଗଲ ମଧ୍ୟରେ ବାସ କରିଥିବା ପୁରାତନ ସ୍ମୃତି ଛାଡି ଯାଇଥିବା ବିଶ୍ୱାବସୁ ଓ ଲଳିତାଙ୍କ ଜନ୍ମମାଟି ପରିଦର୍ଶନ କରିବା ପାଇଁ ବ୍ୟବସ୍ଥା ଥିବାରୁ ଜିଲ୍ଲାପାଳ ଓ ଏସ୍‌ପି କାଳିଆପଲ୍ଲୀରେ ପହଞ୍ଚି ଲଳିତ ମାଧବଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ରାଜ୍ୟ ଯୁବ ବିଜେପି ସଭାପତି ଅଭିଳାଷ ପଣ୍ଡା ଉପସ୍ଥିତ ରହି ନୀଳାମାଧବ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ପରିଦର୍ଶନ ସମୟରେ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ ସଂଜୀବ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ରାଧାଶ୍ୟାମ କାଲୋ. ସହକାରୀ ଯନ୍ତ୍ରୀ ଇଂ ପ୍ରାଣକୃଷ୍ଣ ମହାପତ୍ର, ଜଳସମ୍ପଦ ଅଧିକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର ପ୍ରିତମ ଚେତନ ପୋଥାଲ, କଣ୍ଟିଲୋ ସହକାରୀ ଯନ୍ତ୍ରୀ ଇଞ୍ଜିନିୟର ରାମ ମୋହନ ବେହେରା, ଖଣ୍ଡପଡ଼ା ଉପଖଣ୍ଡ ପୁଲିସ ଅଧିକାରୀ ମଦନ ମୋହନ ପ୍ରଧାନ, ଖଣ୍ଡପଡ଼ା ତହସିଲଦାର ବିଶ୍ୱବିସ୍ତୃତ ତ୍ରିପାଠୀ ଓ ବିଡ଼ିଓ ଅଙ୍କୁର ଅଭିଳାଷ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ଡେଲାଙ୍ଗ,୧୧।୩/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଥାନା ଅଧୀନ ବେରବୋଇ ଗ୍ରାମ ରାଉତସାହିର କାଳନ୍ଦୀ ଚରଣ ରାଉତଙ୍କ ସାନପୁଅ ଜ୍ୟୋତିରଞ୍ଜନ(୩୦) ଓରଫ ମଣ୍ଟୁ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାପଡିଛି। ଏନେଇ ତାଙ୍କ ପିଇସା ଅଶୋକ କୁମାର ପାଲଟାସିଂହ ଡେଲାଙ୍ଗ ଥାନାରେ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗତକାଲି ରାତି ପ୍ରାୟ ୧୧ଟାରେ ମଣ୍ଟୁ ନିଜ ପଲସାର ଗାଡିରେ ଭୁବନେଶ୍ୱରରୁ ନିଜ ଗାଁକୁ ଫେରୁଥିଲେ। ତେବେ ପିପିଲି-ଡେଲାଙ୍ଗ ରାସ୍ତାର ଖେଲାଉର ଛକଠାରୁ ବେରବୋଇ ଯିବା ରାସ୍ତାର ବୁଆଲି କେନାଲ ବନ୍ଧ ନିକଟରେ ସେ ଭାରସାମ୍ୟ ହରାଇ ଗାଡି ସହିତ ତଳକୁ ପଡିଯାଇଥିଲେ। କୁହୁଡି ଯୋଗୁ ଦୁର୍ଘଟଣା ଘଟିଥିବା ବେଳେ ରାତିରେ ସେହି ରାସ୍ତାଦେଇ ଲୋକଙ୍କ ଚଳପ୍ରଚଳ କମ ଥିବାରୁ ମଣ୍ଟୁ ୩ ଘଣ୍ଟାରୁ ଅଧିକ ସମୟ ଅଚେତ ଅବସ୍ଥାରେ ଦୁର୍ଘଟଣାସ୍ଥଳରେ ପଡିରହିଥିଲେ। ଅନ୍ୟପକ୍ଷରେ ପରିବାର ଲୋକେ ତାଙ୍କୁ ଫୋନ କରିଥିଲେ ମଧ ସେ ଫୋନ ଉଠାଇନଥିଲେ। ପରେ ପରିବାର ଲୋକେ ବିଳମ୍ବିତ ରାତିରେ ତାଙ୍କୁ ଖୋଜାଖୋଜି କରୁଥିବା ବେଳେ ବୁଆଲି କେନାଲବନ୍ଧ ନିକଟରେ ଗାଡି ସହିତ ମଣ୍ଟୁ ମୁମୂର୍ଷ ଅବସ୍ଥାରେ ପଡିରହିଥିବା ଦେଖିବାକୁ ପାଇଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଦାୟିତ୍ୱରେ ଥିବା ଡାକ୍ତର ଅମ୍ଳାନ ଜଗଦେବ ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ନିମନ୍ତେ ତାଙ୍କୁ ପୁରୀ ବଡ଼ ଡାକ୍ତରଖାନାକୁ ପଠାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଆରମ୍ଭ ହୋଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଅସ୍ତରଙ୍ଗ,୧୧।୩/ଏନ୍‌ଏନ୍‌ଏସ୍:** ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ କେନ୍ଦ୍ରାପାଟି ଗ୍ରାମ ପଞ୍ଚାୟତ ର କେନ୍ଦ୍ରାପାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟଦର୍ଶୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକର ସହ ଶିକ୍ଷାଧିକାରିଣୀ ସୁଧାଂଶୁ ବାଳା ଶତପଥୀ, ସମ୍ମାନିତ ଅତିଥି ରୂପେ ସିଆରସିସି ରବିନ୍ଦ୍ର କୁମାର ପରିଡା, ଶିକ୍ଷକ ତପନ କୁମାର ମିଶ୍ର, ହରିହର ସ୍ୱାଇଁ, ସ୍ୱୟଂସ୍ୱାତିକ ମିଶ୍ର, ଶିକ୍ଷୟିତ୍ରୀ ସୁମତୀ ବିଶ୍ୱାଳ, ଅରୁନ୍ଧତୀ ସେଠୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗେନ୍ଦ୍ର ବେହେରାଙ୍କ ସମେତ ସମସ୍ତ ସଦସ୍ୟ, ସଦସ୍ୟା ଓ ଛାତ୍ରଛାତ୍ରୀମାନଙ୍କ ଅଭିଭାବକ, ଅଭିଭାବିକା ଯୋଗଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ମଞ୍ଚାସୀନ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକକ ଅଭିନୟ, ସଂଗୀତ, ନୃତ୍ୟ ଓ କମେଡି ସମସ୍ତଙ୍କୁ ଆକର୍ଷିତ କରିଥିଲା। ବାର୍ଷିକ ଉତ୍ସବଟି ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବାରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ଜରିପଡ଼ା ପଞ୍ଚାୟତ ନାଏବ ସରପଞ୍ଚ ଅଯୋଗ୍ୟ ଘୋଷିତ

**ଟାଙ୍ଗୀ,୧୧।୩/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ଅନ୍ତର୍ଗତ ଜରିପଡ଼ା ଗ୍ରାମପଞ୍ଚାୟତ ୪ନଂ ୱାର୍ଡର ୱାର୍ଡ ମେମ୍ବର ତଥା ନାୟକ ସରପଞ୍ଚ ଅଭିମନ୍ୟୁ ବେହେରା ଓରଫ ରବିନ୍ଦ୍ର ବେହେରାଙ୍କୁ ଅଯୋଗ୍ୟ ଘୋଷିତ କରିଛନ୍ତି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ। ବିବରଣୀରୁ ଜଣାଯାଏ ଯେ, ଚଳିତ ପଞ୍ଚାୟତ ନିର୍ବାଚନରେ ନିର୍ବାଚନ ହୋଇଥିବା ଜରିପଡ଼ା ଗ୍ରାମପଞ୍ଚାୟତର ୪ନଂ ୱାର୍ଡର ୱାର୍ଡମେମ୍ବର ତଥା ନାୟକ ସରପଞ୍ଚ ଅଭିମନ୍ୟୁ ବେହେରା ଓରଫ ରବିନ୍ଦ୍ର ବେହେରାଙ୍କର ୩ଟି ସନ୍ତାନ ଥିବା ନେଇ ଜଗନ୍ନାଥପୁର ଗ୍ରାମର ଲକ୍ଷ୍ମଣ ବେହେରା ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏକ ମାମଲା ଦାୟର କରିଥିଲେ। ଏହି ମାମଲାରେ ଲକ୍ଷ୍ମଣ ବେହେରାଙ୍କ ଅଭିଯୋଗ ମୁତାବକ ଅଭିମନ୍ୟୁ ବେହେରା ଓରଫ ରବିନ୍ଦ୍ର ବେହେରାଙ୍କର ୩ଟି ସନ୍ତାନ ଥିବା ନେଇ ପ୍ରମାଣିତ ହୋଇଥିଲା।ଗତ ଗ୍ରାମପଞ୍ଚାୟତ ସଂଶୋଧନ ଆଇନ ଅନୁଯାୟୀ ୧୯୯୪ ମସିହା ପରବର୍ତ୍ତୀ ସମୟରେ ଅଭିମନ୍ୟୁ ବେହେରା ଓରଫ ରବିନ୍ଦ୍ର ବେହେରାଙ୍କର ୨ଟି ସନ୍ତାନ ଜନ୍ମ ହୋଇଥିବା ଓ ପୂର୍ବରୁ ୧ଟି ସନ୍ତାନ ଜନ୍ମ ହୋଇଥିବା ସାକ୍ଷୀ ମାନଙ୍କ ବୟାନକୁ ଆଧାର କରି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଯୁଧିଷ୍ଠିର ଦଳେଇ ଜରିପଡ଼ା ଗ୍ରାମପଞ୍ଚାୟତର ୪ନଂ ୱାର୍ଡର ୱାର୍ଡମେମ୍ବର ତଥା ନାୟକ ସରପଞ୍ଚ ଅଭିମନ୍ୟୁ ବେହେରା ଓରଫ ରବିନ୍ଦ୍ର ବେହେରାଙ୍କ ସଭ୍ୟପଦ ରଦ୍ଦ କରିଥିଲେ। ଏହି ପଦବୀ ପୂରଣ ପାଇଁ ପୁନଃ ନିର୍ବାଚିତ ନିମନ୍ତେ ପଦକ୍ଷେପ ନେବା ଲାଗି ବିଭାଗୀୟ ଅଧିକାରୀଙ୍କୁ ଆଦେଶ କରିଛନ୍ତି। ଅଭିଯୋଗକାରୀଙ୍କ ତରଫରୁ ଆଇନଜୀବୀ ନିରଞ୍ଜନ ଦାସ ଏହି ମାମଲା ପରିଚାଳନା କରିଥିଲେ।


## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ

**ଡେଲାଙ୍ଗ,୧୧।୩/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଥାନା ଅଧୀନ ବସନ୍ତପୁର ଗ୍ରାମରେ ପୂର୍ବ ଶତୃତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଦିନଦ୍ୱିପ୍ରହରେ ସଂଘବଧ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ବସନ୍ତପୁର ନଦୀବନ୍ଧ କାମକୁ କେନ୍ଦ୍ରକରି ଗତ କିଛିଦିନ ତଳେ ଗ୍ରାମର ସ୍ୱାଇଁ ପରିବାର ଓ ମହାପାତ୍ର ପରିବାର ମଧ୍ୟରେ ଗଣ୍ଡଗୋଳ ମାରପିଟ ହୋଇଥିଲା। ଏହି ଘଟଣାରେ ଉଭୟ ପକ୍ଷରୁ ୫ ଜଣଙ୍କୁ ଡେଲାଙ୍ଗ ପୁଲିସ ଗିରଫକରି କୋର୍ଟ ଚାଲାଣ କରିଥିଲା। ତେବେ ଗତ ଚାରିଦିନ ତଳେ ସେହି ଘଟଣାର ଅଭିଯୁକ୍ତମାନେ ଜାମିନରେ ଗାଁକୁ ଫେରିଥିବା ଜଣାପଡିଛି। ପୁନର୍ବାର ଏହି ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ସଂଘବଧ ଆକ୍ରମଣ କରି ତାଙ୍କ ହାତ ଓ ଗୋଡ ଭାଙ୍ଗି ରାସ୍ତା କଡରେ ଫିଙ୍ଗିଦେବା ସହିତ ତାଙ୍କ ଠାରୁ ଟଙ୍କା ଲୁଟିନେବା ଭଳି ଜଘନ୍ୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ ଡେଲାଙ୍ଗ ପୁଲିସର ନିଷ୍କ୍ରିୟତା ଯୋଗୁ ଦିନ ଦ୍ୱିପ୍ରହରେ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। କୁମୁଣ୍ଡାଳ ଗ୍ରାମ ନିକଟରେ ବସନ୍ତପୁର ଗ୍ରାମର ଜୟକୃଷ୍ଣ



ସ୍ୱାଇଁ(୪୨)ଙ୍କୁ କିଛି ଯୁବକ ମରଣାତ୍ମକ ଆକ୍ରମଣ କରିଥିବା ନେଇ ତାଙ୍କ ଧର୍ମପତ୍ନୀ ସିନ୍ଦୁରାଣୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଜୟକୃଷ୍ଣ ନଦୀବନ୍ଧ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ପାଖରେ କାମ ତଦାରଖ କରନ୍ତି। ତେବେ ଶ୍ରମିକମାନଙ୍କ ଦରମା ବାବଦ ଠିକାଦାରଙ୍କ ଠାରୁ କିଛି ଟଙ୍କା ନେଇ ଜୟକୃଷ୍ଣ ଫେରୁଥିବା ବେଳେ ପୂର୍ବରୁ ଛକି ରହିଥିବା କେତେକ ଯୁବକମାନେ ତାଙ୍କୁ କୁମୁଣ୍ଡାଳ ନିକଟରେ ଅଟକାଇ ଗୋଡାଇ ଗୋଡାଇ ଆକ୍ରମଣ କରୁଥିବା ନେଇ ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଜୟକୃଷ୍ଣ ମୁମୂର୍ଷ ଅବସ୍ଥାରେ ଘଟଣା ସ୍ଥଳରେ ପଡିରହିଥିବା ଦେଖି ପୁଲିସ ତାଙ୍କୁ ସେଠାରୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଆକ୍ରମଣରେ ତାଙ୍କର ଦୁଇ ଗୋଡ ଓ ହାତ ଭାଙ୍ଗି ଯାଇଥିବା ବେଳେ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଆହତଜଣକ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ଆଗକୁ ଏହି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିବାର ଆଶଙ୍କାକରି ଡେଲାଙ୍ଗ ଥାନା ଓ ହରିରାଜପୁର ଫାଣ୍ଡିର ୨୦ ରୁ ଅଧିକ ସଶସ୍ତ୍ର ପୁଲିସ ବାହିନୀ ଗାଁରେ ଜଗିରହିଥିବା ଜଣାପଡ଼ିଛି। ସେହିପରି ଅପରପକ୍ଷରୁ ମଧ ପାଲଟା ଅଭିଯୋଗ ହୋଇଥିବା ଥାନା ପକ୍ଷରୁ ସୂଚନା ମିଳିଛି। ତେବେ ପୁଲିସ ଘଟଣାର ସଠିକ୍ ତଦନ୍ତକରି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ନକଲେ ଆହତଙ୍କ ପତ୍ନୀ ପୁରୀ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

## ଆନ୍ତଃ କଲେଜ ପ୍ରତିଯୋଗିତା ଉଦ୍‌ଯାପିତ



**ଫୁଲନଖରା,୧୧।୩/ଏନ୍‌ଏନ୍‌ଏସ୍:** ସଦର ଥାନା ନଛିପୁରସ୍ଥ ଶୁଦ୍ଧାନନ୍ଦ ଇଂଜିନିୟରିଙ୍ଗ କଲେଜରେ ଆନ୍ତ କଲେଜ ପ୍ରତିଯୋଗିତା ଉଦଯାପିତ ହୋଇଛି। ଏଥିରେ ଯୋଗଦେଇଥିବା ୧୭ଟି ବି.ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶୁଦ୍ଧାନନ୍ଦ ସ୍କୁଲ ଅଫ ମ୍ୟାନେଜମେଣ୍ଟ ଆଣ୍ଡ କମ୍ପ୍ୟୁଟର ସାଇନ୍ସ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇ ଦିବସୀୟ କାର୍ଯ୍ୟକ୍ରମରେ ଶୁଦ୍ଧାନନ୍ଦ କଲେଜ, ଆରସିଏମ ଏବଂ ଗ୍ଲୋବାଲ କଲେଜର ପ୍ରତିଯୋଗୀମାନେ ଉତ୍କର୍ଷତା ପ୍ରତିପାଦନ କରିଥିଲେ। ଉଦଯାପନ ଦିବସରେ 'କଗ୍ନିଜାଣ୍ଟ' ସହ ନିର୍ଦ୍ଦେଶକ ଚିନ୍ମୟକୁମାର ସାମଲ, ଶୁଦ୍ଧାନନ୍ଦ କଲେଜ ମୁଖ୍ୟ ଇଂ.ସୁନିଲକୁମାର ପଟ୍ଟନାୟକ, ଡିନ ପ୍ରଫେସର ରଞ୍ଜନକୁମାର ସାହୁ, ଅଧ୍ୟକ୍ଷା ଡଃ. ସରିତା ନାୟକ, ନିର୍ଦ୍ଦେଶିକା ସୁଦୀପ୍ତା ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ନିଯୁକ୍ତି ବିଭାଗ ମୁଖ୍ୟ ସୁବାଶିଷ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚଳନା କରିଥିଲାବେଳେ ସମସ୍ତ ବିଭାଗୀୟ ମୁଖ୍ୟ ତଥା ଅଧ୍ୟାପକ ସହଯୋଗ କରିଥିଲେ।

## ଗୋଚର ଜମି ଜବରଦଖଲ ଅଭିଯୋଗ

**ଫୁଲନଖରା,୧୧।୩/ଏନ୍‌ଏନ୍‌ଏସ୍:** ବାରଙ୍ଗ ତହସିଲ କୁରାଙ୍ଗପ୍ରଧାନ ମୌଜା ଅଞ୍ଚଳରେ ସରକାରୀ ଜମି ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ଖାତା ନଂ. ୭୭୨ ଓ ପ୍ଲଟ ନଂ.୧୮୫୨ ଜମି ସରକାରଙ୍କଦ୍ୱାରା ସଂରକ୍ଷିତ ରହିଥିଲାବେଳେ ସେଥିରେ ନୂତନ ଘର ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ନେଇ ବାରଙ୍ଗ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ପୂର୍ବବତ ଚାଲୁଥିବା ଜଣାଯାଇଛି। ଏଥିପ୍ରତି ରାଜସ୍ୱ ବିଭାଗର ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବାକୁ ଦାବି ହୋଇଛି।

## ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱରଙ୍କ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଉଦ୍‌ଯାପିତ

**କୁଆଁପାଳ,୧୧।୩/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ପଞ୍ଚାୟତସ୍ଥିତ ପାଣ୍ଡିଆ ଓ ଗୋବିନ୍ଦପୁର ଗ୍ରାମରେ ବିରାଜିତ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱରଙ୍କ ବିଶ୍ୱାଶନ୍ତି ରୁଦ୍ର ମହାଯଜ୍ଞ ମହାସମାରୋହରେ ସଂପନ୍ନ ହୋଇଯାଇଛି। ଆବାହକ ତଥା ପୂଜକ ଶ୍ରୀ ନାରାୟଣ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନବଦିନ ବ୍ୟାପୀ ଏହି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋପୂଜା, ଗୀତାପାଠ, ରୁଦ୍ରାଷ୍ଟକ ପାଠ କରାଯିବା ସହ ସଂଧ୍ୟାରେ ଯାଜ୍ଞିକ ବ୍ରାହ୍ମଣମାନଙ୍କ ଦ୍ୱାରା ଆହୂତି ପ୍ରଦାନ କରାଯାଇଥିଲା। ମହାଶିବରାତ୍ରୀ ତଥା ଜାଗର ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ନିଳକଣ୍ଠ ଶିବଙ୍କୁ ପୂଜା କରିବା ସହିତ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନକରି ନିଜର ମନସ୍କାମନା ପୂର୍ଣ୍ଣ ନିମନ୍ତେ ଉଜାଗର ରହିଥିଲେ। ଏହି ଅବସରରେ ଶିବ ମହିମା ଶୀର୍ଷକ ଆଲୋଚନା ଚକ୍ର ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଦୁଲ୍ଲାରପୁର ଗୋପାଳପୁର ତରଫରୁ ବହୁ ବିଶିଷ୍ଟ ବକ୍ତାମାନଙ୍କ ଦ୍ୱାରା କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଜନ ପରିବେଷଣ ଓଡିଶୀ ନୃତ୍ୟ ପ୍ରଦର୍ଶନ, ଦଳଗତ ଫୋକ୍ ଡ୍ୟାନ୍ସ ମାନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନ, ସଂପାଦକ ଗୌତମ ଚରଣ ଜେନା, କୋଷାଧ୍ୟକ୍ଷ କଲ୍ଲୋଳଚନ୍ଦ୍ର ମହାନ୍ତି, କୁଞ୍ଜ କଳିକାର ସଂପାଦକ ରାଜକିଶୋର ମିଶ୍ର, ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ସ୍ତମ୍ଭକାର ବିବେକାନନ୍ଦ ଦାସ, ସାମ୍ବାଦିକ ବିଜୟ କୁଅଁର ପ୍ରମୁଖ ଯୋଗଦେଇ ବିଭିନ୍ନ ନୃତ୍ୟ ପ୍ରତିଯୋଗୀଙ୍କୁ ମାନପତ୍ର ଓ ମେଡାଲ ଦିଆଯାଇ ପୁରସ୍କୃତ କରିଥିଲେ। ବିଭିନ୍ନ ଦିବସମାନଙ୍କରେ ସ୍ଥାନୀୟ ବିଧାୟକଙ୍କ ସମେତ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା,



ଆୟକର କମିଶନର ଶୋଭନ କର, ସମାଜସେବୀ ସେକ୍ ମାସୁଦ ଅଲୀ ପ୍ରମୁଖ ଯୋଗଦେଇ କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିବା ସହିତ ବୀରଭଦ୍ରେଶ୍ୱରଙ୍କ ନିକଟରେ ଆର୍ଶିବାଦ କାମନା କରିଥିଲେ। ଶେଷ ଚାରିରାତ୍ରି ପାଣ୍ଡିଆ କୁଣ୍ଡାଖାଇ ରାମନାଟ୍ୟ ପରିଷଦ ଓ ବଡଗୋଠ ରାମନାଟ୍ୟ ପରିଷଦ ତରଫରୁ ରାମଲୀଳା ପ୍ରଦର୍ଶନ କରାଯାଇଥିଲା। ପରିଚାଳନାରେ ସ୍ଥାନୀୟ ସରପଞ୍ଚ କମଳାକାନ୍ତ ରାଉତ, ରବିନ୍ଦ୍ର ରାଉଳ, ନିତ୍ୟାନନ୍ଦ ରାଉଳ, ରମେଶ ଚନ୍ଦ୍ର ରାଉଳ, ପବିତ୍ର ମୋହନ ପ୍ରଧାନ, ପରିଚ୍ଛା ପ୍ରଣବକିଶୋର ପ୍ରଧାନ, ଅଶୋକ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଦିଗରେ ଭଦ୍ରେଶ୍ୱର ଥାନା ଅଧିକାରିଣୀ ସଂଧ୍ୟାରାଣୀ ସିଂହ ଓ ଏସ୍‌ଆଇ ପ୍ରୀତିରଞ୍ଜନ ରାୟଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ମହାରାଷ୍ଟ୍ରର ପଦକ ବିଜୟ ପରମ୍ପରା ଅବ୍ୟାହତ




## ଅଖିଳ ଭାରତୀୟ ପ୍ରଶାସନିକ ସେବା ଯୋଗାସନ କ୍ରୀଡ଼ା ପ୍ରତିଯୋଗିତା

**ଚଣ୍ଡିଗଡ଼,୧୧।୩/ଏଜେନ୍ସି:** ଚଣ୍ଡିଗଡ଼ରେ ଅନୁଷ୍ଠିତ ଅଖିଳ ଭାରତୀୟ ପ୍ରଶାସନିକ ସେବା ଯୋଗାସନ କ୍ରୀଡା ପ୍ରତିଯୋଗିତା ୨୦୨୪-୨୫ରେ ମହାରାଷ୍ଟ୍ର ସରକାରୀ ଟିମ୍ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏଥିସହ ମହାରାଷ୍ଟ୍ର ସରକାରୀ ଦଳ ନିଜ ପୂର୍ବ ସଫଳତାର ପରମ୍ପରାକୁ ମଧ୍ୟ ବଜାୟ ରଖିଛି। ଏହି ଯୋଗ ପ୍ରତିଯୋଗିତାରେ ୨୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୪୦୦ ଜଣ ଖେଳାଳି ବିଭିନ୍ନ ବୟସ ଗୋଷ୍ଠୀରେ ଅଂଶଗ୍ରହଣ କରିଥିଲେ। ବୟସ ବର୍ଗରେ ମହାରାଷ୍ଟ୍ର ଦଳର ପ୍ରଦର୍ଶନ ଉଚ୍ଚ ପ୍ରଶଂସିତ ରହିଥିବା ବେଳେ ଚାରିଆଡୁ ଶୁଭେଚ୍ଛା ଅଭିନନ୍ଦନ ହାସଲ କରିଥିଲା। ମହାରାଷ୍ଟ୍ର ସରକାରୀ ଟିମ୍ ୫ଟି ସ୍ୱର୍ଣ୍ଣ ପଦକ, ୭ଟି ରୌପ୍ୟ ପଦକ, ୬ଟି କାଂସ୍ୟ ପଦକ ସହ ସର୍ବମୋଟ୍ ୧୮ଟି ମେଡାଲ ଜିତି ୨ୟ ସ୍ଥାନ ହାସଲ କରିଥିଲା।

**ପୁରୁଷ ଟେଷ୍ଟ କ୍ରିକେଟ୍‌ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ...**

# ଖେଳାଯିବ ଦିବା-ରାତ୍ର ଟେଷ୍ଟ ମ୍ୟାଚ୍

**ମେଲବର୍ଣ୍ଣ,୧୧।୩/ଏଜେନ୍ସି:** ପୁରୁଷ ଟେଷ୍ଟ କ୍ରିକେଟ୍ ଇତି ମଧ୍ୟରେ ନିଜ ୧୫୦ ବର୍ଷ ପୂରଣ କରିବାକୁ ଯାଉଛି। ତେବେ ୧୫୦ବର୍ଷ ପୂରଣ ଉପଲକ୍ଷେ କିଛି ସ୍ୱତନ୍ତ୍ର କରିବାକୁ ଯୋଜନା କରାଯାଉଛି। ରିପୋର୍ଟ ଅନୁସାରେ ଟେଷ୍ଟ କ୍ରିକେଟର ଏହି ୧୫୦ତମ ବର୍ଷ ପୂର୍ତ୍ତିକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ବିଶ୍ୱର ସବୁଠାରୁ ପୁରୁଣା କ୍ରିକେଟ୍ ଖେଳୁଥିବା ଦେଶ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ଏକ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏନେଇ ଦୁଇ କ୍ରିକେଟ୍ ବୋର୍ଡ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଦେଇଛନ୍ତି। ତେବେ ଏହି ମ୍ୟାଚ୍ ସମ୍ପୂର୍ଣ୍ଣ ରୂପେ ଦିବାରାତ୍ର ମ୍ୟାଚ୍ ଭାବେ ଖେଳାଯିବ। ଉଭୟ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ଏହି ଏକମାତ୍ର ଟେଷ୍ଟ୍ ୨୦୨୭ ମାର୍ଚ୍ଚ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଐତିହାସିକ ମେଲବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ହିଁ ଖେଳାଯିବ ବୋଲି ସୂଚନା ମିଳିଛି।

ପୁରୁଷ ଟେଷ୍ଟ କ୍ରିକେଟର ୧୫୦ ବର୍ଷ ପାଳନ କରିବା ପାଇଁ କ୍ରିକେଟ୍ ଅଷ୍ଟ୍ରେଲିଆ ଘୋଷଣା କରିଛି ଯେ, ଟେଷ୍ଟ ମ୍ୟାଚ୍ ଗୋଲାପୀ ବଲ୍ ସହିତ ଖେଳାଯିବ। ୧୮୭୭ ମସିହାର ପ୍ରଥମ ଟେଷ୍ଟ ଏବଂ ୧୯୭୭ ମସିହାର ଟେଷ୍ଟ କ୍ରିକେଟର ୧୦୦ ବର୍ଷ ପୂରଣ କରିବା ପାଇଁ ଏମେଲବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଲାଲ ବଲ୍ ସହିତ ଖେଳାଯାଇଥିଲା। କ୍ରିକେଟ୍ ଅଷ୍ଟ୍ରେଲିଆର ସିଇଓ ଟଡ୍ ଗ୍ରୀନବର୍ଗ କହିଛନ୍ତି, 'ଏହି ସୁଯୋଗ ଖେଳର ଅଭିବୃଦ୍ଧିକୁ ବୃଦ୍ଧି କରିବ।' ମେଲବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ୍ ଟେଷ୍ଟ କ୍ରିକେଟର ୧୫୦ ବର୍ଷ ପାଳନ କରିବ। ଦିବା-ରାତ୍ର ପରୀକ୍ଷା ଏହାର ଉତ୍ସାହକୁ ଆହୁରି ବୃଦ୍ଧି କରିବ।




**● ୨୦୨୭ ମାର୍ଚ୍ଚରେ ମେଲବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ୍‌ରେ ଖେଳିବେ ଅଷ୍ଟ୍ରେଲିଆ-ଇଂଲଣ୍ଡ**

**● ଟେଷ୍ଟ କ୍ରିକେଟ୍ ଇତିହାସରେ ପ୍ରଥମ ଘଟଣା**

ଅଷ୍ଟ୍ରେଲିଆ-ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଏହି ଦିବାରାତ୍ର ଟେଷ୍ଟ ମ୍ୟାଚ୍ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ର ଅଂଶ ହେବ ନାହିଁ କିନ୍ତୁ ଏହା ୨୦୨୭ ଅଧିବେଶନରେ ୧୨ଟି ଟେଷ୍ଟ ମ୍ୟାଚ୍ ମଧ୍ୟରୁ ଗୋଟିଏ ହେବ, ଯେଉଁଥିରେ ଶ୍ରୀଲଙ୍କାରେ ୩ଟି, ନ୍ୟୁଜିଲାଣ୍ଡ ବିପକ୍ଷରେ ୩ଟି ଏବଂ ଭାରତରେ ୫ଟି ମ୍ୟାଚ୍ ଖେଳିବ। ଚଳିତ ବର୍ଷ ଅଷ୍ଟ୍ରେଲିଆ ଦଳ ଆଶେସ୍ ପାଇଁ ଇଂଲଣ୍ଡ ଗସ୍ତ କରିବ ଏବଂ ତା'ପରେ ବର୍ଷ ଶେଷରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହେବାକୁ ଥିବା ଏକଦିବସୀୟ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବ।

ପ୍ରକାଶ, ପୁରୁଷ ଟେଷ୍ଟ କ୍ରିକେଟ୍ ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅର୍ଥାତ୍ ୧୯୭୭ରେ ମଧ୍ୟ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ଏପ୍ରକାର ଏକ ସ୍ୱତନ୍ତ୍ର ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୪୫ ରନ୍‌ରେ ବିଜୟୀ ହୋଇଥିଲା। ୧୮୭୭ ମସିହାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ମଧ୍ୟ ଅଷ୍ଟ୍ରେଲିଆ ୪୫ ରନ୍ ରେ ଜିତିଥିଲା।

ସିଜିନର ପ୍ରଥମ ଟେଷ୍ଟ ପର୍ଥରେ ଅନୁଷ୍ଠିତ ହେବ। ୨୦୩୦-୩୧ ସିଜିନ ପର୍ଯ୍ୟନ୍ତ ଚୁକ୍ତିନାମା ଅନୁଯାୟୀ, ବକ୍ସିଂ ଡେ ଟେଷ୍ଟ ଆଗାମୀ ୭ ବର୍ଷ ପାଇଁ ମେଲବୋର୍ଣ୍ଣରେ ଅନୁଷ୍ଠିତ ହେବ। କେବଳ ଏତିକି ନୁହେଁ, ନୂତନ ବର୍ଷର ଟେଷ୍ଟ ସିଡନୀରେ ହିଁ ଖେଳାଯିବ। ଖ୍ରୀଷ୍ଟମାସ ପୂର୍ବରୁ ଟେଷ୍ଟ ଆଡିଲେଡରେ ଅନୁଷ୍ଠିତ ହେବ, ଯେତେବେଳେ ସିଜିନର ପ୍ରଥମ ଟେଷ୍ଟ ପର୍ଥରେ ଅନୁଷ୍ଠିତ ହେବ, ଯଦିଓ ପର୍ଥ କେବଳ ପରବର୍ତ୍ତୀ ତିନି ବର୍ଷ ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଥିଲା। ଏହାର ଅର୍ଥ ହେଉଛି ଆସନ୍ତା ବର୍ଷର ଆଶେସ୍ ପାରମ୍ପରିକ ଗାବା, ବ୍ରିସବେନ ଗ୍ରାଉଣ୍ଡ ପରିବର୍ତ୍ତେ ପର୍ଥରେ ଅନୁଷ୍ଠିତ ହେବ। ୨୦୩୨ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଗାବା ଷ୍ଟାଡିୟମରେ ନିର୍ମାଣ କାର୍ଯ୍ୟ ଚାଲିଛି ଏବଂ ଏହି ସମୟ ମଧ୍ୟରେ ସେଠାରେ ବହୁତ କମ୍ ଟେଷ୍ଟ ଅନୁଷ୍ଠିତ ହେବ।

# କୁସ୍ତି ମହାସଂଘ ଉପରୁ ନିଲମ୍ବନ ହଟିଲା






**ନୂଆଦିଲ୍ଲୀ, ୧୧।୩/ଏଜେନ୍ସି:** ମଙ୍ଗଳବାର କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଉପରେ ଲାଗିଥିବା ନିଲମ୍ବନ ତଥା ସମସ୍ତ ପ୍ରକାର ପ୍ରତିବନ୍ଧକକୁ ପ୍ରତ୍ୟାହାର କରିନେଇଛି। ୧୫ ମାସ ପୂର୍ବେ ଅର୍ଥାତ୍ ୨୪ ଡିସେମ୍ବର, ୨୦୨୩ରେ ଡବ୍ଲ୍ୟୁଏଫ୍‌ଆଇ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାନ୍ କରାଯାଇଥିଲା। ତେବେ ଏବେ ଯେତେବେଳେ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇସାରିଛି ସେତେବେଳେ ଘରୋଇ ଟୁର୍ଣ୍ଣାମେଣ୍ଟ ଆୟୋଜନ ଏବଂ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ଜାତୀୟ ଦଳ ଚୟନ କରିବା ଆଦି ଡବ୍ଲ୍ୟୁଏଫ୍‌ଆଇ ପାଇଁ ପଥ ପରିଷ୍କାର ହୋଇଯାଇଛି। ଏପର୍ଯ୍ୟନ୍ତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ଆଡହକ୍ କମିଟି ପ୍ରଶାସନିକ ଦାୟିତ୍ୱ ତୁଲାଉଥିଲେ।

**୧୫ ମାସ ପୂର୍ବେ ଡବ୍ଲ୍ୟୁଏଫ୍‌ଆଇକୁ ନିଷିଦ୍ଧ କରାଯାଇଥିଲା**

ଜାନୁଆରୀ ୧୬, ୨୦୨୩ରେ, ଦେଶର ପ୍ରାୟ ୬ ମହିଳା ମଲ୍ଲଯୋଦ୍ଧା ମିଳିତ ଭାବେ ତତ୍କାଳୀନ ଡବ୍ଲ୍ୟୁଏଫ୍‌ଆଇ ସଭାପତି ବ୍ରଜଭୂଷଣ ଶରଣ ସିଂହ ଏବଂ ତାଙ୍କ ସଚିବ ବିନୋଦ ତୋମରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜନ୍ତରମନ୍ତର ଠାରେ ପ୍ରତିବାଦ କରିଥିଲେ। ଅଲିମ୍ପିକ୍ ପଦକ ବିଜେତା ସାକ୍ଷୀ ମଲିକ୍, ଭିନେଶ ଫୋଗଟ୍ ଏବଂ ଅନ୍ୟ ମହିଳା ମଲ୍ଲଯୋଦ୍ଧା ଧାରଣାରେ ବସିଥିବା ବେଳେ ସେମାନଙ୍କ ସମର୍ଥନରେ ଅଲିମ୍ପିକ୍ ପଦକ ବିଜେତା ବଜରଙ୍ଗ ପୁନିଆ ମଧ୍ୟ ପ୍ରତିବାଦରେ ଯୋଗଦେଇଥିଲେ। ସେହି ସମୟରେ, କ୍ରୀଡ଼ା ମନ୍ତ୍ରଣାଳୟର ପ୍ରତିଶ୍ରୁତି ପରେ, ମଲ୍ଲଯୋଦ୍ଧାମାନେ ଧର୍ମଘଟ ସମାପ୍ତ କରିଥିଲେ। ପରବର୍ତ୍ତୀ ସମୟରେ ବ୍ରଜଭୂଷଣ ଶରଣ ସିଂହଙ୍କୁ ସଭାପତି ପଦରୁ ଇସ୍ତଫା ଦେବାକୁ ପଡିଥିଲା। ତେବେ ୨୦୨୩ ଡିସେମ୍ବରରେ ବ୍ରଜଭୂଷଣ ସିଂହଙ୍କ ଦୃଢ଼ ସମର୍ଥକ ଭାବେ ଜଣାଶୁଣା ସଞ୍ଜୟ ସିଂହ ଯେତେବେଳେ ଡବ୍ଲ୍ୟୁଏଫଆଇର ସଭାପତି ଭାବେ ନିର୍ବାଚିତ ହେଲେ ସେତେବେଳେ ଏହି ବିବାଦ ପୁଣିଥରେ ମୁଣ୍ଡ ଟେକିଥିଲା। ୨୧ ଡିସେମ୍ବରରେ ସଞ୍ଜୟ ସିଂହ ଡବ୍ଲ୍ୟୁଏଫ୍‌ଆଇ ସଭାପତି ହେବା ପରେ ସାକ୍ଷୀ ମଲିକ ଅବସର ଘୋଷଣା କରିଥିଲେ। ସେହିପରି ସଞ୍ଜୟ ସିଂହଙ୍କ ସଭାପତି ହେବାକୁ ବିରୋଧ କରିବା ପୂର୍ବକ ବଜରଙ୍ଗ ପୁନିଆ ପଦ୍ମଶ୍ରୀ ସମ୍ମାନ ଫେରାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଘର ବାହାରେ ପ୍ରତିବାଦ କରିଥିଲେ।

# 'ଆଗାମୀ ୮ ବର୍ଷ ଯାଏ ଭାରତର ଆଧିପତ୍ୟ ରହିବ'




**ନୂଆଦିଲ୍ଲୀ,୧୧।୩/ଏଜେନ୍ସି:** ଭାରତୀୟ କ୍ରିକେଟ ଟିମ୍ ବିଶ୍ୱ ଚାମ୍ପିଅନ୍ସ ଟ୍ରଫି-୨୦୨୫ ବିଜୟୀ ହେବା ପରେ ଏବେ ଭାରତର ଦବ୍‌ଦବା ବିଶ୍ୱସ୍ତରରେ ବେଶ୍ ବଢ଼ିଯାଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ କ୍ରିକେଟ ଦୁନିଆର କିଙ୍ଗ୍ ଭାବେ ପରିଚିତ ବିରାଟ୍ କୋହଲି ଏକ ବଡ଼ କଥା କହିଛନ୍ତି। କୋହଲିଙ୍କ କହିବାନୁସାରେ ବିଶ୍ୱ କ୍ରିକେଟ୍‌ରେ ଆଗାମୀ ୮ ବର୍ଷ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ ଦଳ ଆଧିପତ୍ୟ ଜାହିର କରିବ ବୋଲି ସେ ଦୃଢ଼ ଆଶାବାଦୀ।

ଭାରତୀୟ ଦଳର ଭବିଷ୍ୟତ ସମ୍ପର୍କରେ ସାମ୍ବାଦିକଙ୍କ ସହ ଆଲୋଚନା କାଳରେ କୋହଲି କହିଛନ୍ତି ଭାରତୀୟ କ୍ରିକେଟ୍ ଦଳରେ ଏବେ ବହୁତ ଯୁବ ଓ ଦକ୍ଷ ଖେଳାଳି ଅଛନ୍ତି। ତେଣୁ ଆଗାମୀ ୮ ବର୍ଷ ପର୍ଯ୍ୟନ୍ତ ବିଶ୍ୱକ୍ରିକେଟ ଜଗତରେ ଭାରତୀୟ ଦଳର ଆଧିପତ୍ୟ ରହିବ ବୋଲି ସେ ଅନୁଭବ କରୁଛନ୍ତି। କୋହଲିଙ୍କ କହିବାନୁସାରେ ଭାରତୀୟ ଦଳରେ ଥିବା ବରିଷ୍ଠ ଖେଳାଳିମାନେ ଆଉ କିଛିବର୍ଷ ପରେ ଅବସର ନେବେ। ତେବେ ଶୁଭମନ ଗିଲ୍, ଶ୍ରେୟସ ଆୟର, କେଏଲ୍ ରାହୁଲ, ହାର୍ଦିକ ପାଣ୍ଡ୍ୟାଙ୍କ ପରି ଖେଳାଳି ଭବିଷ୍ୟତରେ ଦଳକୁ ଅଧିକରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ବିଜୟୀ କରାଇପାରବେ ବୋଲି କୋହଲି କହିଛନ୍ତି।

ଭାରତୀୟ ଦଳ ଅଷ୍ଟ୍ରେଲିଆରେ ଟେଷ୍ଟ ଶୃଙ୍ଖଳା ହାରିଥିଲା। ଏହାକୁ ନେଇ ଭାରତୀୟ ପ୍ରଶଂସକ ଦୁଃଖିତ ଥିଲେ। ତେବେ ଦଳ ଚମ୍ପିଆନ୍ସ ଟ୍ରଫି ଜିତି ସେମାନଙ୍କ ଦୁଃଖକୁ କିଛିଟା ଲାଘବ କରିପାରିଛି ବୋଲି କୋହଲି ଦର୍ଶାଇଛନ୍ତି। ସେହିପରି ଭାରତୀୟ ଦଳ ଚମ୍ପିଆନ୍ସ ଟ୍ରଫି ଜିତିବା ସମ୍ପର୍କରେ କୋହଲି କହିଥିଲେ ଦଳରେ ଥିବା ସମସ୍ତ ଖେଳାଳି ଚମ୍ପିଆନ୍ସ ଟ୍ରଫି ଜିତିବାକୁ ଚାହୁଁଥିଲେ। ତେବେ ଚାପ ମଧ୍ୟରେ ଭଲ ପ୍ରଦର୍ଶନ କରି ଦଳ ଟ୍ରଫି ଜିତିଛି। ଚମ୍ପିଆନ୍ସ ଟ୍ରଫିରେ ଦଳରେ ଥିବା ପ୍ରତ୍ୟେକ ଖେଳାଳି ଭଲ ପ୍ରଦର୍ଶନ କରିଛନ୍ତି। ଏହାଏକ ଦଳଗତ ବିଜୟ। ପ୍ରକାଶ, ଦୁବାଇରେ ନ୍ୟୁଜିଲାଣ୍ଡକୁ ଫାଇନାଲରେ ୪ ୱିକେଟ୍‌ରେ ହରାଇ ଭାରତ ଚାମ୍ପିଅନ୍ସ୍ ଟ୍ରଫି ଜିତିଛି।

## ଦେଶ ବିଦେଶ

### ଆନନ୍ଦବିହାର ବସ୍ତିରେ ସିଲିଣ୍ଡର୍ ବିସ୍ଫୋରଣ



**ନୂଆଦିଲ୍ଲୀ,୧୧।୩/ଏଜେନ୍ସି:** ଦିଲ୍ଲୀର ଆନନ୍ଦବିହାର ବସ୍ତିରେ ଭୟଙ୍କର ବିସ୍ଫୋରଣ ହୋଇଥିବା ଏବଂ ଏଥିଯୋଗୁ ଲାଗିଥିବା ନିଆଁରେ ୩ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ଭଳି ଅତ୍ୟନ୍ତ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ନିଆଁରେ ଜଳିଯାଇଛନ୍ତି ୩ଜଣ ଯାକ ଶ୍ରମିକ ଶ୍ରେଣୀର ଥିଲେ ବୋଲି ପୋଲିସ୍ ଜାଣିବାକୁ ପାଇଛି। ମଙ୍ଗଳବାର ଭୋର ସମୟ ଅର୍ଥାତ୍ ରାତି ପ୍ରାୟ ୨ଟା ୧୫ ମିନିଟ୍ ସମୟରେ ପ୍ରଥମେ ଏକ ଗ୍ୟାସ୍ ସିଲିଣ୍ଡର

**ଅଗ୍ନିକାଣ୍ଡରେ ୩ ଜୀବନ୍ତ ଦଗ୍ଧ**

ସିଲିଣ୍ଡର ଫାଟିବାରୁ ଏହି ବିସ୍ଫୋରଣ ହୋଇଥିବା କୁହାଯାଉଛି। ତେବେ ବିସ୍ଫୋରଣ ପରେ ବସ୍ତିରେ ବଡଧରଣର ଅଗ୍ନିକାଣ୍ଡ ମଧ୍ୟ ସଂଘଠିତ ହୋଇଥିଲା। ଫଳରେ ଆନନ୍ଦ ବିହାର ବସ୍ତିର ଅନେକ ଘର ଜଳିପୋଡି ଛାରଖାର ହୋଇଯାଇଛି। ବିସ୍ଫୋରଣ ହେବା ଶବ୍ଦ ଶୁଭିଥିଲା। ପରେ ଚାରିଆଡେ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡ ପରେ ସଙ୍ଗେସଙ୍ଗେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି ଏବଂ ପୋଲିସ ଘଟଣାସ୍ଥଳରୁ ୩ ମୃତଦେହ ଉଦ୍ଧାର କରିଛି।

**ବିଶ୍ୱର ସର୍ବାଧିକ ୨୦ ପ୍ରଦୂଷିତ ସହର ତାଲିକା ଜାରି**


# ଭାରତରୁ ୧୩, ଦିଲ୍ଲୀ ସବୁଠାରୁ ପ୍ରଦୂଷିତ ରାଜଧାନୀ

**ନୂଆଦିଲ୍ଲୀ, ୧୧।୩/ଏଜେନ୍ସି:** ମଙ୍ଗଳବାର ପ୍ରକାଶିତ ଏକ ନୂତନ ରିପୋର୍ଟ ଅନୁଯାୟୀ, ବିଶ୍ୱର ଶ୍ରେଷ୍ଠ ୨୦ଟି ପ୍ରଦୂଷିତ ସହର ମଧ୍ୟରୁ ଭାରତର ୧୩ଟି ସହର ସ୍ଥାନ ପାଇଛି। ଆଇକ୍ୟୁ ଏୟାର ଦ୍ୱାରା ପ୍ରସ୍ତୁତ ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟ ୨୦୨୪ ଅନୁସାରେ ବିଶ୍ୱର ସବୁଠୁ ଅଧିକ ପ୍ରଦୂଷିତ ଦେଶ ଭାବେ ଭାରତ ୫ ନମ୍ବର ସ୍ଥାନରେ ରହିଛି। ତାଲିକାରେ ଦକ୍ଷିଣ ଆଫ୍ରିକା ବିଶ୍ୱର ୧ ନମ୍ବର ପ୍ରଦୂଷିତ ଦେଶ ଭାବେ ସ୍ଥାନିତ ହୋଇଥିବା ବେଳେ ୨ୟରେ ବାଂଲାଦେଶ, ୩ୟରେ ପାକିସ୍ତାନ, ୪ର୍ଥରେ କଙ୍ଗୋ ଆଦି ରହିଛନ୍ତି। ସେହିପରି ଦୁନିଆର ୨୦ଟି ପ୍ରଦୂଷିତ ସହର ମଧ୍ୟରେ ୧୩ଟି ସହର ଭାରତର ହୋଇଥିବା ବେଳେ ଦିଲ୍ଲୀ ସର୍ବାଧିକ ପ୍ରଦୂଷିତ ରାଜଧାନୀ ଭାବେ ଶୀର୍ଷରେ ରହିଛି।

ଅନ୍ୟପକ୍ଷେ ପ୍ରଦୂଷିତ ସହର ମଧ୍ୟରେ ଭାରତର ଆସାମର ବାଇରିନିହାଟ ପ୍ରଥମରେ ରହିଥିବା ବେଳେ ଦ୍ୱିତୀୟରେ ଦିଲ୍ଲୀ, ପଞ୍ଜାବର ମୁଲ୍ଲାନପୁର ତୃତୀୟରେ, ହରିଆଣାର ଫରିଦାବାଦ ଚତୁର୍ଥରେ, ଉତ୍ତରପ୍ରଦେଶର ଲୋନୀ ପଞ୍ଚମରେ, ଗୁରୁଗ୍ରାମ ଷଷ୍ଠରେ, ଶ୍ରୀଗଙ୍ଗାନଗର ସପ୍ତମରେ, ଗ୍ରେଟର ନୋଏଡା ଅଷ୍ଟମରେ, ଭିୱାଡୀ ନବମରେ, ମୁଜଫରନଗର ଦଶମରେ, ହନୁମାନଗଡ ଏକାଦଶ ସ୍ଥାନରେ ଏବଂ ନୋଏଡା ଦ୍ୱାଦଶ ସ୍ଥାନରେ ରହିଛି। ତେବେ ଓସୋନିଆ ଦୁନିଆର ସବୁଠୁ ନିର୍ମଳ ସହର ଭାବେ ଏହି ତାଲିକାରେ ସ୍ଥାନ ପାଇଛି।

ରିପୋର୍ଟରେ କୁହାଯାଇଛି ଯେ, ୨୦୨୪ ରେ ଭାରତରେ ପିଏମ୍ ୨.୫ସାନ୍ଦ୍ରତାରେ ୭% ହ୍ରାସ ଘଟିଛି, ଯାହା ପ୍ରତି ଘନ ମିଟରରେ ହାରାହାରି ୫୦.୬ ମାଇକ୍ରୋଗ୍ରାମ ଥିଲା, ଯାହା ୨୦୨୩ ରେ ପ୍ରତି ଘନ ମିଟରରେ ୫୪.୪ ମାଇକ୍ରୋଗ୍ରାମ ଥିଲା। ତଥାପି, ବିଶ୍ୱର ୧୦ଟି ପ୍ରଦୂଷିତ ସହର ମଧ୍ୟରୁ ୬ଟି କେବଳ ଭାରତରେ ଅଛି। ସେହିପରି ଦିଲ୍ଲୀରେ ପ୍ରଦୂଷଣର ପରିମାଣ ନିରନ୍ତର ଭାବରେ ଅଧିକ ରହିଛି, ପ୍ରତି ଘନ ମିଟରରେ ବାର୍ଷିକ ହାରାହାରି ପିଏମ୍ ୨.୫ ସାନ୍ଦ୍ରତା ୯୧.୬ ମାଇକ୍ରୋଗ୍ରାମ, ଯାହା ୨୦୨୩ ରେ ପ୍ରତି ଘନ ମିଟରରେ ୯୨.୭ ମାଇକ୍ରୋଗ୍ରାମ ଥିଲା, ଯାହା ପ୍ରାୟ ଅପରିବର୍ତ୍ତିତ ରହିଛି। ସାମଗ୍ରିକ ଭାବରେ, ୩୫% ଭାରତୀୟ ସହର ପ୍ରତି ଘନ ମିଟରରେ ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ନିର୍ଦ୍ଧାରିତ ସୀମା ୫ ମାଇକ୍ରୋଗ୍ରାମ ଠାରୁ ୧୦ ଗୁଣ ଅଧିକ ବାର୍ଷିକ ପିଏମ୍ ୨.୫ ସ୍ତର ରିପୋର୍ଟ କରିଛନ୍ତି। ଭାରତରେ ବାୟୁ ପ୍ରଦୂଷଣ ଏକ ଗମ୍ଭୀର ସ୍ୱାସ୍ଥ୍ୟ ବିପଦ ରହିଛି, ଯାହା ଆନୁମାନିକ ୫.୨ ବର୍ଷ ପର୍ଯ୍ୟନ୍ତ ଆୟୁକାଳ ହ୍ରାସ କରିଛି।


ଗତ ବର୍ଷ ପ୍ରକାଶିତ ଲାନସେଟ୍ ପ୍ଲାନେଟାରୀ ହେଲ୍‌ଥ ଅଧ୍ୟୟନ ଅନୁଯାୟୀ, ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ପ୍ରତିବର୍ଷ ଭାରତରେ ପ୍ରାୟ ୧.୫ ନିୟୁତ ମୃତ୍ୟୁ ପିଏମ୍ ୨.୫ ପ୍ରଦୂଷଣର ଦୀର୍ଘକାଳୀନ ସଂସ୍ପର୍ଶ ସହିତ ଜଡିତ ବୋଲି ସମ୍ଭାବ୍ୟ ଭାବରେ ଜଣାପଡୁଛି। ପ୍ରକାଶ, ପିଏମ୍ ୨.୫ ହେଉଛି ୨.୫ ମାଇକ୍ରୋନରୁ ଛୋଟ ଛୋଟ ବାୟୁ ପ୍ରଦୂଷଣ କଣିକା, ଯାହା ଫୁସଫୁସ ଏବଂ ରକ୍ତପ୍ରବାହରେ ପ୍ରବେଶ କରିପାରେ, ଯାହା ଶ୍ୱାସକ୍ରିୟା ସମସ୍ୟା, ହୃଦରୋଗ ଏବଂ କର୍କଟ ରୋଗ ମଧ୍ୟ ସୃଷ୍ଟି କରିପାରେ। ଏହାର ଉତ୍ସ ହେଉଛି ଯାନବାହାନ ନିର୍ଗତ ଗ୍ୟାସ, ଶିଳ୍ପ ନିର୍ଗମନ ଏବଂ କାଠ କିମ୍ବା ଫସଲର ଅଳିଆ ପୋଡ଼ିବା। ତେବେ ବିଶେଷଜ୍ଞଙ୍କ ମତରେ ଏଣିକି ଭାରତକୁ ୫ଟି ଦିଗ ଯଥା ବାୟୁକୁ ନିର୍ମଳ ରଖିବା ପାଇଁ ଯଥାସମ୍ଭବ ଚେଷ୍ଟା , ପବ୍ଲିକ ଟ୍ରାନପୋର୍ଟ ବଢ଼ାନ୍ତୁ, ନିର୍ମାଣ କାମରେ କମ ପ୍ରଦୂଷଣ କରାଯାଉ, ଏଲପିଜି ବ୍ୟବହାର ବଢ଼ାଯାଉ ଏବଂ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରାଯାଉ ଆଦି ଦିଗରେ ବିଶେଷ ଧ୍ୟାନ ଦେବାକୁ ହେବ।



**ଦିଲ୍ଲୀରେ ବନ୍ଦ ହେବ ପେଟ୍ରୋଲ-ଡିଜେଲ୍ ଗାଡି !**

# ୨୦୨୭ ସୁଦ୍ଧା ୯୫% ଗାଡ଼ି ହେବ ଇଲେକ୍ଟ୍ରିକ୍

**ନୂଆଦିଲ୍ଲୀ,୧୧।୩/ଏଜେନ୍ସି:** ଦିଲ୍ଲୀରେ ପ୍ରଦୂଷଣ ହାର କମ୍ କରିବା ଦିଗରେ ଦିଲ୍ଲୀ ସରକାର ଅଣ୍ଟା ଭିଡିଛନ୍ତି। ପ୍ରାରମ୍ଭିକ କାର୍ଯ୍ୟକ୍ରମ ଅନ୍ତର୍ଗତ ଦିଲ୍ଲୀ ସରକାର ଏବେ ଇଭି ପଲିସି ୨.୦କୁ ପ୍ରାଥମିକତା ଦେଉଛନ୍ତି। ଏନେଇ ଘୋଷଣା ମଧ୍ୟ କରାଯାଇସାରିଛି। ଦିଲ୍ଲୀ ସରକାରଙ୍କ ଏହି ନୂଆ ନିୟମ ଅନୁସାରେ ୨୦୨୭ ସୁଦ୍ଧା ଦିଲ୍ଲୀରେ ପଞ୍ଜୀକରଣ ହୋଇଥିବା ଗାଡିରୁ ୯୫% କେବଳ ଇଲେକ୍ଟ୍ରିକ୍ ଗାଡି (ଇଭି) ଭାବେ ପଞ୍ଜୀକୃତ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଦିଲ୍ଲୀରେ ଇଭି ନିୟମ ପ୍ରଥମ ଥର ୨୦୨୦ ମସିହାରେ ଆସିଥିଲା ଯାହା ୨୦୨୪ରେ ସମାପ୍ତ ହୋଇଯାଇଥିଲା। କିନ୍ତୁ ଏବେ ଏହି ନୂଆ ନିୟମ ପୁରୁଣା ନିୟମ ବଦଳରେ ଲାଗୁ ହେବ। ଏହାର ସିଧାସଳଖ ଅର୍ଥ ହେଉଛି ୨୦୨୭ ସୁଦ୍ଧା ଦିଲ୍ଲୀରେ ୯୫% ଗାଡ଼ିଗୁଡ଼ିକ କେବଳ ଇଭିଜନିତ ହୋଇଯାଇଥିବ। ସମସ୍ତ ସିଏନ୍‌ଜି ଅଟୋ-ରିକ୍ସା, ଟ୍ୟାକ୍ସି ଏବଂ ଲାଇଟ୍ କମର୍ସିଆଲ ଭେଇକଲକୁ ଇଲେକ୍ଟ୍ରିକରେ ପରିଣତ କରାଯିବ। ସମସ୍ତ ବସ୍ ସମ୍ପୂର୍ଣ୍ଣ ରୂପେ ଇଲେକ୍ଟ୍ରିକ୍ ହେବ। ଇଲେକ୍ଟ୍ରିକ୍ ଦୁଇଚକିଆ, ତିନି ଚକିଆ, ଏଲସିଭି ଓ ଟ୍ରକର କ୍ରୟ ଉପରେ ଇନସେନଟିଭ୍ ମିଳିବ। ସ୍କ୍ରାପିଂ ଓ ରେଟ୍ରୋଫିଟିଂ ଇନସେନଟିଭ୍ ମଧ୍ୟ ମିଳିବ ଯାହା ଫଳରେ ଲୋକେ ପେଟ୍ରୋଲ-ଡିଜେଲ ଗାଡିରୁ ଇଭି ଦିଗକୁ ଅଗ୍ରସର ହେବେ। କ୍ୟାବ୍, ଡେଲିଭରୀ ସେବା ଓ ଅନ୍ୟ ବାଣିଜ୍ୟିକ ଗାଡିକୁ ଇଭିରେ ପରିବର୍ତ୍ତନ କରାଯିବ। ନିୟମକୁ କଡାକଡି ଭାବେ ଲାଗୁ କରାଯିବ ଏବଂ ଏହାର ପାଳନକୁ ସୁନିଶ୍ଚିତ କରାଯିବ। ଦିଲ୍ଲୀରେ ନୂଆ ପବ୍ଲିକ୍ ଓ ପ୍ରାଇଭେଟ୍ ଇଭି ଚାର୍ଜିଂ ଷ୍ଟେସନ ଲଗାଯିବ। ନୂଆ ବିଲ୍ଡିଂ ପ୍ରୋଜେକ୍ଟରେ ଇଭି ଚାର୍ଜିଂ ଷ୍ଟେସନ ବାଧ୍ୟତାମୂଳକ ହେବ। ଇଭି ସେଲ୍ସ, ସର୍ଭିସିଂ, ଫାଇନାନ୍ସିଂ ଓ ବ୍ୟାଟେରୀ ମ୍ୟାନେଜମେଣ୍ଟରେ ନୂଆ ନିଯୁକ୍ତି ସୃଷ୍ଟି ହେବ। ଏହି ନୂଆ ନିୟମ କେବଳ ଗାଡି ମାଲିକଙ୍କୁ ଇଲେକ୍ଟ୍ରିକ୍ ଗାଡି ପ୍ରତି ଆକର୍ଷିତ କରିବ ତା ନୁହେଁ, ବରଂ ପ୍ରଦୂଷଣ କମାଇବାରେ ମଧ୍ୟ ସହାୟକ ହେବ।



# ମରିସସ୍ ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ପ୍ରଧାନମନ୍ତ୍ରୀ



**ମରିସସ୍,୧୧।୩/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ମରିସସ ରାଷ୍ଟ୍ରପତି ଧରମବୀର ଗୋକୁଲଙ୍କୁ ରାଜ ଭବନରେ ସାକ୍ଷାତ କରିଛନ୍ତି। ଦୁଇ ନେତା ଭାରତ ଓ ମରିସସ ମଧ୍ୟରେ ସ୍ୱତନ୍ତ୍ର ଓ ନିବିଡ଼ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର କରିବା ଲାଗି ମତ ବିନିମୟ କରିଥିଲେ। ଏହି ପରିପ୍ରେକ୍ଷୀରେ, ସେମାନେ ଦୁଇ ଦେଶ ମଧ୍ୟରେ ରହିଥିବା ସହଭାଗୀ ଇତିହାସ ଏବଂ ଦୃଢ଼ ନାଗରିକ ସମ୍ପର୍କ ବିଷୟରେ ସ୍ମରଣ କରିଥିଲେ। ଦ୍ୱିତୀୟ ଥର ଲାଗି ମରିସସର ଜାତୀୟ ଦିବସ ସମାରୋହରେ ଅଂଶଗ୍ରହଣ କରିବା ତାଙ୍କ ପାଇଁ ସମ୍ମାନର ବିଷୟ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ସ୍ୱତନ୍ତ୍ର ଅଭିବ୍ୟକ୍ତି ସ୍ୱରୂପ ପ୍ରଧାନମନ୍ତ୍ରୀ ମୋଦୀ ମରିସସ ରାଷ୍ଟ୍ରପତି ଗୋକୁଲ ଏବଂ ପ୍ରଥମ ମହିଳା ବୃନ୍ଦା ଗୋକୁଲଙ୍କୁ ଓସିଆଇ କାର୍ଡ ହସ୍ତାନ୍ତର କରିଥିଲେ। ରାଜ ଭବନ ଠାରେ ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ଆୟୁର୍ବେଦ ଉଦ୍ୟାନ ମଧ୍ୟ ପ୍ରଧାନମନ୍ତ୍ରୀ ପରିଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ଆୟୁର୍ବେଦ ସମେତ ପାରମ୍ପରିକ ଚିକିତ୍ସା ପଦ୍ଧତିର ଲାଭକୁ ଆଗେଇ ନେବାରେ ମରିସସ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ। ଆଲୋଚନା ପରେ, ପ୍ରଧାନମନ୍ତ୍ରୀଙ୍କ ସମ୍ମାନରେ ରାଷ୍ଟ୍ରପତି ଗୋକୁଳ ଏକ ରାଜକୀୟ ମଧ୍ୟାହ୍ନ ଭୋଜନ ଆୟୋଜନ କରିଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra